CMYK

* Vol.- 46, Issue No. 79
* Friday,19 June 2026
* ଶୁକ୍ରବାର, ୧୯ ଜୁନ ୨୦୨୬
* Bhubaneswar
* Price: Rs. 2.00, Page: 8
* R.N.I. Regd. No. 34063/81
* Postal Regd. No. BN/79/18-20
* Online Portal: www.dinalipi.com
* Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

## ଆଇପିଏସ୍ ଦୟାଲ ଗଙ୍ଗୱାର ନିଲମ୍ବିତ



ଭୁବନେଶ୍ୱର, ୧୮।୬: ବହୁ ଚର୍ଚ୍ଚିତ ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତାର ସୌମ୍ୟରଞ୍ଜନ ସ୍ୱାଇଁ ମୃତ୍ୟୁ ମାମଲାରେ ଛନ୍ଦି ହୋଇଥିବା ବରିଷ୍ଠ ଆଇପିଏସ୍ ଦୟାଲ ଗଙ୍ଗୱାରଙ୍କୁ ରାଜ୍ୟ ସରକାର ନିଲମ୍ବନ କରିଛନ୍ତି। ଶ୍ରୀ ଗଙ୍ଗୱାରଙ୍କ ନିଲମ୍ବନ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଗତମାସ ୭ ତାରିଖରେ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ବାଲିଅନ୍ତା ଥାନା ରାମଚନ୍ଦ୍ରପୁର ବ୍ରିଜ ନିକଟରେ ଦିନ ଦ୍ୱିପ୍ରହରରେ ସଂଘବଦ୍ଧ ଭାବେ ଅତି ନିର୍ମମ ଭାବେ ମାଡ଼ ମରାଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ସୌମ୍ୟରଞ୍ଜନଙ୍କ ମୃତ୍ୟୁ ନେଇ ତାଙ୍କ ବାପା ଓ ମାଆ ମାନସିକ ନିର୍ଯାତନା ଦିଆଯାଇଥିବା ସହ ମାମଲାରେ ଗଙ୍ଗୱାରଙ୍କ ସଂପୃକ୍ତି ନେଇ ଅଭିଯୋଗ କରିଥିଲେ। ଗଙ୍ଗୱାର ତାଙ୍କ ଜିମ୍ମରେ ସୌମ୍ୟରଂଜନକୁ ନିଯୁକ୍ତି ଦେଇଥିଲେ। ଗଙ୍ଗୱାରଙ୍କ ସଂପୃକ୍ତି ନେଇ ବରିଷ୍ଠ ଆଇପିଏସ୍ ଅରୁଣ ବୋଥ୍ରା ତଦନ୍ତ କରୁଥିଲେ। ତଦନ୍ତ ରିପୋର୍ଟ ମିଳିବା ପରେ ରାଜ୍ୟ ସରକାର ଏବେ ଗଙ୍ଗୱାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ରାଜ୍ୟ ସରକାର ଦୟାଲ ଗଙ୍ଗୱାରଙ୍କୁ ଗୃହ ବିଭାଗରେ ଓଏସ୍‌ଡି ଭାବେ ଅବସ୍ଥାପିତ କରିଥିଲେ।

# ଆଜି ଆସୁଛନ୍ତି ରାଷ୍ଟ୍ରପତି

ରାଇରଙ୍ଗପୁର, ୧୮।୬: ମୟୂରଭଞ୍ଜ ମାଟି ସେ ପୁଣି ଉପାନ୍ତ ଅଞ୍ଚଳ ପାହାଡପୁର ଓ ରାଇରଙ୍ଗପୁରକୁ ଆସୁଛନ୍ତି ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ। ଗସ୍ତକୁ ନେଇ ପାହାଡପୁର, ରାଇରଙ୍ଗପୁର ସଜେଇ ହେଉଛି । ଶୁକ୍ରବାର ରାଇରଙ୍ଗପୁରରେ ପହଞ୍ଚିବେ ରାଷ୍ଟ୍ରପତି । ଅପରାହ୍ନ ୩.୨୦ରେ ଦାଣ୍ଡବୋଷ ଏୟାରପୋର୍ଟରେ ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଅବତରଣ କରିବେ ରାଷ୍ଟ୍ରପତି । ସେଠାରୁ ସଡ଼କ ପଥରେ ରାଇରଙ୍ଗପୁର ଡାକ୍ତରଖାନା ପରିସରରେ ଏମ୍ସ ଦ୍ୱାରା ଆୟୋଜିତ ମେଗା ସ୍ୱାସ୍ଥ୍ୟ ଶିବିରରେ ୪.୨୦ ମିନିଟରେ ଯୋଗ ଦେବା ସହିତ ଖଣି ପ୍ରଭାବିତ କୁସୁମୀ ବ୍ଲକର ୧୧୩ଟି ଗ୍ରାମ ପାଇଁ ମେଗା ଗ୍ରାମ୍ୟ ପାଇପ୍ ଜଳ ଯୋଗାଣ ପ୍ରକଳ୍ପର ଉଦ୍‌ଘାଟନ କରିବେ । ତା ସହିତ ହାଟବାଦଡ଼ା ସ୍ଥିତ ବ୍ରହ୍ମକୁମାରୀ ସଂସ୍ଥାର ମାତୃଶକ୍ତି ଭବନ, ସ୍ପେସିଆଲ ସର୍କିଟ ହାଉସ ଓ ରାଇରଙ୍ଗପୁର ପୋଲିସ ଜିଲ୍ଲାର ଶୁଭ ଉଦଘାଟନ କରିବେ । ସେହିଭଳି ୨୦ ତାରିଖ ସକାଳ ୧୦.୧୦ରେ ରାଷ୍ଟ୍ରପତି ପାହାଡପୁର ପାଇଁ ଉଡାଣ



ଭରିବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦ ତାରିଖ ସକାଳ ୧୦.୦୫ରେ ପାହାଡପୁର ସ୍ପୋର୍ଟସ କମ୍ପ୍ଲେକ୍ସ ଅସ୍ଥାୟୀ ହେଲିପ୍ୟାଡରେ ଅବତରଣ କରିବେ । ସେଠାରୁ ପ୍ରାୟ ଦେଢ଼ କିମି ଦୂର ସଡ଼କ ପଥରେ ପାହାଡପୁର ଗାଁର ଗୋସାଣୀ ପୀଠରେ ପୂଜାର୍ଚ୍ଚନା କରିବା ପରେ ସାନ୍ତାଳୀ ସମାଜର ଜାହିରାକୁ ଯାଇ ପୂଜା ଅର୍ଚ୍ଚନା କରିବେ । ଫେରିବା ବାଟରେ ହୋ-ମୁଣ୍ଡା ସମାଜର ଯାହିରା ପରିଦର୍ଶନ ଯାଇ ପୂଜା ଅର୍ଚ୍ଚନା କରିବେ । ପରେ ପରେ ଏସଏଲ୍‌ଏସ୍ ଟ୍ରଷ୍ଟ ଓ ଏଲ୍ ଆଣ୍ଡ୍ ଟି ଦ୍ୱାରା ପରିଚାଳିତ ଦକ୍ଷତା ବିକାଶ କେନ୍ଦ୍ର ପରିଦର୍ଶନ କରିବା ସହିତ ପ୍ରଶିକ୍ଷଣ ପାଇ ବିଭିନ୍ନ ସ୍ଥାନରେ ନିଯୁକ୍ତି ପାଇଥିବା ଯୁବକ ଯୁବତୀଙ୍କ ସହିତ ଆଲୋଚନା କରି ରାଷ୍ଟ୍ରପତିଙ୍କ ଆବାସିକ ବିଦ୍ୟାଳୟକୁ ଯାଇ ସ୍ୱର୍ଗତ ସ୍ୱାମୀ ଶ୍ୟାମ ଚରଣ ମୁର୍ମୁ, ପୁଅ ଲକ୍ଷ୍ମଣ ଓ ସିପୁନଙ୍କ ସମାଧିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ । ସେଠାରେ ବିଦ୍ୟାଳୟ ପରିଚାଳନା ସମ୍ବନ୍ଧରେ ଆଲୋଚନା ପରେ ବିଦ୍ୟାଳୟ ପରିସରରେ ଟ୍ରଷ୍ଟ ଦ୍ୱାରା ଆୟୋଜିତ ପ୍ରଦର୍ଶନୀ ମେଳା ବୁଲି ଦେଖିବେ । ସେଠାରୁ ୧୨.୪୦ ରେ ରାଇରଙ୍ଗପୁର ଅଭିମୁଖେ ଉଡାଣ ଭରି ଦାଣ୍ଡବୋଷ ଏୟାରପୋର୍ଟରେ ପହଞ୍ଚି ସାଧାରଣ ସଭାରେ ଯୋଗ ଦେବା ସହିତ ଅନେକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିବେ।

## ସଂସଦରେ ପୁଣି ଆସିପାରେ ମହିଳା ବିଲ୍ !

ନୂଆଦିଲ୍ଲୀ, ୧୮।୬: ପୁଣି ଜୋର୍ ଧରିଲା ମହିଳା ସଂରକ୍ଷଣ ସହିତ ସଂଲଗ୍ନ ସମ୍ବିଧାନ ସଂଶୋଧନ ବିଲ୍ ଆଗତ ଚର୍ଚ୍ଚା । ଗତ ଏପ୍ରିଲରେ ଲୋକସଭାରେ ବିଲ୍ କାଟ୍ ଖାଇବା ପରେ, ଶାସକ ଏନ୍‌ଡିଏକୁ ଲାଗିଥିଲା ଶକ୍ତ ଧକ୍କା । ବିରୋଧୀଙ୍କ ଉପରେ ଜୋରଦାର ବର୍ଷିଥିଲେ ପ୍ରଧାନମନ୍ତ୍ରୀ ମୋଦି। ହେଲେ ଇତିମଧ୍ୟରେ କଡ଼ ଲେଉଟାଇଛି ରାଜନୀତି । ଟିଏମ୍‌ସି, ୟୁବିଟି, ଏପରିକି ବିଜେଡିରୁ ସାଂସଦ ଆମଦାନୀ କରି, ଉଭୟ ଲୋକସଭା ଓ ରାଜ୍ୟସଭାରେ ନିଜ ସଂଖ୍ୟା ବଢ଼ାଇଛି ଶାସକ ମେଣ୍ଟ । ଆଗାମୀ ମୌସୁମୀ ଅଧିବେଶନରେ ଲୋକସଭା ଓ ରାଜ୍ୟସଭାକୁ ଆସିପାରେ ମହିଳା ବିଲ୍ । ମହିଳା ସଂରକ୍ଷଣ ସହିତ ସଂଲଗ୍ନ ସମ୍ବିଧାନ ସଂଶୋଧନ ବିଲ୍ ଆଗତ କରିପାରେ କେନ୍ଦ୍ର । ପୁଣି ସୀମା ପୁନଃନିର୍ଦ୍ଧାରଣ ବିଲ୍ ପାରିତ କରାଇବାକୁ ଅଣ୍ଟା ଭିଡ଼ିପାରନ୍ତି ମୋଦି ସରକାର । ଗତ ଏପ୍ରିଲରେ ୫୪ଟି ଭୋଟରେ ଲୋକସଭାରେ



କାଟ୍ ଖାଇଥିଲା ଏହି ବିଲ୍। ହେଲେ ରୋଚକ କଥା ହେଉଛି, ୨ ମାସର ବିଫଳତାକୁ ୨ ସପ୍ତାହରେ ବଦଳାଇ ଦେଇଛି ବିଜେପି । ବିଭିନ୍ନ ବିରୋଧୀ ଦଳଙ୍କ ପକ୍ଷଚ୍ଛେଦନ କରି, ନିଜ ବଳ ବଢ଼ାଇଛି ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ । ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ତାମିଲନାଡୁ ଓ ଓଡ଼ିଶା ବଦଳାଇବ ଗଣିତ ! ପଶ୍ଚିମବଙ୍ଗରେ ମମତାଙ୍କ ହାତ ଛାଡ଼ିଛନ୍ତି ଟିଏମ୍‌ସିର ୨୦ ସାଂସଦ । ଏନ୍‌ସିପିଆଇରେ ଯୋଡ଼ି ହୋଇ ଏନଡିଏକୁ ସମର୍ଥନ ଦେଇଛନ୍ତି । ମହାରାଷ୍ଟ୍ରରେ ୟୁବିଟିର ୬ ସାଂସଦ ଉଦ୍ଧବଙ୍କୁ ଛାଡ଼ି ଏକନାଥ ସିନ୍ଦେଙ୍କ ଶିବସେନା ସହିତ ହାତ ମିଳାଇବା ନେଇ ଚର୍ଚ୍ଚା ଜୋର୍ ଧରିଛି । ତାମିଲନାଡୁରେ ଷ୍ଟାଲିନ୍ ଇଣ୍ଡିଆ ବ୍ଲକ୍‌ଠାରୁ ଦୂରେଇବା ପରେ ଏନଡିଏ ନିକଟତର ହେଉଛନ୍ତି । ଡିଏମ୍‌କେ ହାତ ମିଳାଇଲେ ଲୋକସଭାରେ ମିଳିବ ୨୨ ସାଂସଦଙ୍କ ସମର୍ଥନ । ଲୋକସଭାରେ ଏବେ ୫୪୦ ସାଂସଦ ଥିବାରୁ, ବିଲ୍‌କୁ ଦରକାର ଦୁଇ ତୃତୀୟାଂଶ ସଦସ୍ୟ ଅର୍ଥାତ୍ ୩୬୦ ସମର୍ଥନ। ତେଣୁ ବିଦ୍ରୋହୀ ଟିଏମ୍‌ସିର ୨୦, ଡିଏମ୍‌କେର ୨୨ ଓ ୟୁବିଟି ୬ ଭୋଟ୍‌କୁ ମିଶାଇ ନୂଆ ୪୮ ଭୋଟ୍ ଯାଇପାରେ ଏନ୍‌ଡିଏ ଖାତାକୁ । ଏନ୍‌ଡିଏ ଆଉ ୬ ଭୋଟ୍ ଆବଶ୍ୟକ କରୁଛି ଲୋକସଭାରେ ।

## ଅଳ୍ପକେ ବର୍ତ୍ତିଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୮।୬: ଗୁରୁବାର ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଏକ ସଡ଼କ ଦୁର୍ଘଟଣାରୁ ଅଳ୍ପକେ ରକ୍ଷା ପାଇଛନ୍ତି। ସୂଚନାନୁସାରେ, ଅପରାହ୍ନରେ ସମ୍ବଲପୁରରୁ ମୟୂରଭଞ୍ଜ ଯାଉଥିଲେ। ୪୯ନଂ ଜାତୀୟ ରାଜପଥର କେନ୍ଦୁଝର ତେଲକୋଇ ଥାନା ଅଧୀନ ଜଗମୋହନପୁର ଛକରେ ସମ୍ମୁଖରେ ଯାଉଥିବା ସୁରକ୍ଷା ଗାଡ଼ି (ପାଇଲଟିଂ ଭେହିକଲ୍) ହଠାତ୍ ବ୍ରେକ୍ ଦେଇଥିଲେ। ଫଳରେ ପଛରେ ଥିବା ମନ୍ତ୍ରୀଙ୍କ ଗାଡ଼ି ଭାରସାମ୍ୟ ହରାଇ ପାଇଲଟ୍ ଗାଡ଼ି ସହ ଧକ୍କା ହୋଇଥିଲା। ଗାଡ଼ିର ସୁରକ୍ଷା ବେଲୁନ୍ ବାହାରି ଯାଇଥିଲା। ମନ୍ତ୍ରୀଙ୍କ ଗାଡ଼ିର ସାମାନ୍ୟ କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ମନ୍ତ୍ରୀ ସୁରକ୍ଷିତ ଥିବା ଜଣାଇଛି। ଗାଡ଼ିରୁ ଓହ୍ଲାଇ ଅନ୍ୟ ଏକ କାରରେ ସେ ମୟୂରଭଞ୍ଜ ଗସ୍ତ କରିଛନ୍ତି। ଦୁର୍ଘଟଣାରେ କେହି ଆହତ ହୋଇନଥିବା ଜଣାଯାଇଛି।

## ୧୨୮ ଡାକ୍ତରଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୮।୬: ଦୀର୍ଘଦିନ ଧରି ଡାକ୍ତରଖାନା ନଆସି, ରୋଗୀ ସେବାରୁ ବିରତ ରହୁଥିବା ଡାକ୍ତରମାନଙ୍କ ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ୧୨୮ଜଣ ଡାକ୍ତରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଓଡିଶାର ବିଭିନ୍ନ ଡାକ୍ତରଖାନାରେ ୧୨୮ ଜଣ ମେଡିକାଲ ଅଫିସର ଓ ଡେଣ୍ଟାଲ ସର୍ଜନ ଦୀର୍ଘ ୫ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟରେ ଅନୁପସ୍ଥିତ ରହିଛନ୍ତି। ସେମାନଙ୍କ ସ୍ଥିତି ବିଷୟରେ ଜଣାଇବା ପାଇଁ ଖବରକାଗଜରେ ଇସ୍ତାହାର ମଧ୍ୟ ଦିଆଯାଇଥିଲା। ସେମାନଙ୍କର ଏହି ଅନଧିକୃତ ଉପସ୍ଥିତି ପାଇଁ ମୁଖ୍ୟମନ୍ତ୍ରୀ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କନ୍ଧମାଳ ପୋଲିସ ହସ୍ପିଟାଲର ପୂର୍ବତନ ମେଡିକାଲ ଅଫିସର ଡାକ୍ତର ବିଚକ୍ଷଣା ପାଣିଗ୍ରାହୀଙ୍କୁ ମୁଖ୍ୟମନ୍ତ୍ରୀ ଚାକିରି ବହିଷ୍କୃତ କରିଛନ୍ତି। ଡାକ୍ତର ପାଣିଗ୍ରାହୀ ୨୦୧୨ ପରଠାରୁ ଅନଧିକୃତ ଭାବେ ଅନୁପସ୍ଥିତ ରହିଛନ୍ତି। ବିଭାଗ ପକ୍ଷରୁ ତାଙ୍କୁ ବିଭିନ୍ନ ସମୟରେ ଅନୁପସ୍ଥିତିର କାରଣ ଦର୍ଶାଇବା ଏବଂ କାର୍ଯ୍ୟରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ, ସେ ତାହାର ଅନୁପାଳନ କରିନଥିଲେ। ରୋଗୀ ସେବାରେ ତାଙ୍କର ଏହି ଅନାଗ୍ରହ ଯୋଗୁ



ତାଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ଦେଇ ନୂଆ ନୂଆ ଡାକ୍ତରଖାନା ଖୋଲୁଛନ୍ତି। ଡାକ୍ତରଖାନା ଗୁଡିକର ଆଧୁନିକୀକରଣ କରାଯାଉଛି ଏବଂ ସ୍ୱାସ୍ଥ୍ୟ ଶିକ୍ଷା ପାଇଁ ନୂଆ ନୂଆ ମେଡିକାଲ କଲେଜ ମଧ୍ୟ ଖୋଲାଯାଉଛି। ତଥାପି ନିଯୁକ୍ତି ପାଇବା ପରେ ଅନେକ ଡାକ୍ତର କାର୍ଯ୍ୟରେ ଯୋଗ ନ ଦେଇ ଅନୁପସ୍ଥିତ ରହୁଛନ୍ତି। ଏହାକୁ କୌଣସି ପରିସ୍ଥିତିରେ ଗ୍ରହଣ କରାଯିବ ନାହିଁ ।

## ଖୋର୍ଦ୍ଧା ଜିଲ୍ଲାରେ ଜୁନ୍ ୨୫ ଯାଏଁ ସକାଳୁଆ ସ୍କୁଲ



ଭୁବନେଶ୍ୱର: ରାଜ୍ୟରେ ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ପ୍ରାୟ ୭ଟି ଜିଲ୍ଲାରେ ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନର ଗ୍ରୀଷ୍ମ ଅବକାଶକୁ ୨୨ ତାରିଖ ଯାଏଁ ବୃଦ୍ଧି କରାଯାଇଥିଲା। ତେବେ ଖୋର୍ଦ୍ଧା ଜିଲ୍ଲାରେ ଏନେଇ ପ୍ରଶାସନ ପକ୍ଷରୁ କୌଣସି ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇନଥିଲା। ଗୁରୁବାର ପ୍ରଶାସନ ପକ୍ଷରୁ ଏନେଇ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ୨୫ ତାରିଖ ଯାଏଁ ସକାଳୁଆ ହେବ ବୋଲି କୁହାଯାଇଛି। ସମଗ୍ର ଶିକ୍ଷା ଅଧ୍ୟକ୍ଷ ତଥା ଜିଲ୍ଲାପାଳଙ୍କ ସ୍ୱାକ୍ଷରିତ ବିଜ୍ଞପ୍ତି ଅନୁସାରେ, ସମସ୍ତ ସରକାରୀ ଓ ବେସରକାରୀ ଏବଂ ଘରୋଇ କର୍ତ୍ତୃପକ୍ଷଙ୍କ ଦ୍ୱାରା ପରିଚାଳିତ ଶିକ୍ଷାନୁଷ୍ଠାନଗୁଡ଼ିକର ଶିଶୁବାଟିକା ଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପୂର୍ବାହ୍ନ ୬ଟା ୩୦ ମିନିଟ୍‌ରୁ ୧୦ଟା ୩୦ ମିନିଟ୍‌ଯାଏଁ ସ୍କୁଲ ଖୋଲିବ। ଏହି ନିର୍ଦ୍ଦେଶ ୧୯ ତାରିଖରୁ ୨୫ ତାରିଖ ଯାଏଁ ବଳବତ୍ତର ରହିବ। ଏହା ସହ ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷଙ୍କୁ ବିଦ୍ୟାଳୟରେ ପାନୀୟ ଜଳ, ଓଆରଏସ୍, ପ୍ରାଥମିକ ଚିକିତ୍ସା ଓ ବିଦ୍ୟାଳୟର ପର୍ଯ୍ୟାପ୍ତ ଯାତାୟାତର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ସରକାରୀ ସ୍କୁଲଗୁଡ଼ିକରେ ମଧ୍ୟାହ୍ନ ଭୋଜନ ପୂର୍ବବତ୍ ଚାଲିବ। କିନ୍ତୁ ଏସ୍‌ଆଇଆର ଓ ପରୀକ୍ଷା ଦାୟିତ୍ୱରେ କୌଣସି ପରିବର୍ତ୍ତନ ଘଟିବ ନାହିଁ ବୋଲି ବିଜ୍ଞପ୍ତିରେ କୁହାଯାଇଛି।

## ବଙ୍ଗୋପସାଗରରେ ଆସୁଛି ଲଘୁଚାପ
### ସକ୍ରିୟ ହେବ ମୌସୁମୀ, ତୁହାକୁ ତୁହା ବର୍ଷିବ

ଭୁବନେଶ୍ୱର, ୧୮।୬: ମୌସୁମୀ ଋତୁର ପ୍ରଥମ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାକୁ ଯାଉଛି। ଜୁନ୍ ୨୪-୨୫ ଆଡ଼କୁ ଉତ୍ତର ବଙ୍ଗୋପସାଗର ଏବଂ ସଂଲଗ୍ନ ଓଡ଼ିଶା ଉପକୂଳରେ ସୃଷ୍ଟି ହେବାର ସମ୍ଭାବନା ରହିଛି। ଯାହା ପ୍ରଭାବରେ



ରାଜ୍ୟରେ ବର୍ଷାର ପରିମାଣ ଏବଂ ବିସ୍ତୃତି ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଲଘୁଚାପ ଯୋଗୁଁ ମୌସୁମୀ ସକ୍ରିୟ ହେବ। ଏନେଇ ପାଣିପାଗ ବିଜ୍ଞାନୀ ଆକଳନ କରିଛନ୍ତି। ଜୁନ୍ ୨୨-୨୩ ପରେ ନିମ୍ନ-ସ୍ତରୀୟ ଜେଟ୍ କ୍ରମଶଃ ଶକ୍ତିଶାଳୀ ହେବାର ସମ୍ଭାବନା ରହିଛି। ଭାରତୀୟ ଅଞ୍ଚଳକୁ ଆର୍ଦ୍ରତା ପ୍ରବାହକୁ ବଢ଼ାଇବ। ପାଣିପାଗ ମଡେଲ୍ ଅନୁଯାୟୀ, ଜୁନ୍ ୨୪-୨୫ ବେଳକୁ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ, ଓଡ଼ିଶା ଉପକୂଳ ନିକଟରେ ଏକ ଘୂର୍ଣ୍ଣିବଳୟ କିମ୍ବା ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁକୁ ଅଧିକ ଶକ୍ତିଶାଳୀ କରିବା ସହ ଦ୍ୱୀପାଞ୍ଚଳ ଓ ମଧ୍ୟ ଭାରତରେ ବର୍ଷାର ପରିମାଣ ବଢ଼ାଇବ ଏବଂ ମୌସୁମୀର ଆଗକୁ ଅଗ୍ରସର ହେବାରେ ସହାୟକ ହେବ ବୋଲି ପାଣିପାଗ ବିଜ୍ଞାନୀ କହିଛନ୍ତି। ରାଜ୍ୟରେ ମୌସୁମୀ ପ୍ରବେଶ ସତ୍ତ୍ୱେ ଗରମ ପ୍ରକୋପ ଜାରି ରହିଛି । ପୂର୍ବାନୁମାନ ଯାହା, ଏବେ ରାଜ୍ୟରେ ବଡ଼ ଧରଣର ବର୍ଷା ସମ୍ଭାବନା ନାହିଁ। ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଏଭଳି ଅସହ୍ୟ ଗରମ, ଗୁଳୁଗୁଳିରୁ ନିସ୍ତାର ସମ୍ଭାବନା କମ୍ । ମୌସୁମୀ ବାୟୁ ଅନୁକୂଳ ହେବା ଫଳରେ ପଶ୍ଚିମ ଓଡ଼ିଶାର ତାପମାତ୍ରା କ୍ରମଶଃ କମିବ । ଶକ୍ତିଶାଳୀ ହେଉଥିବା ମୌସୁମୀ ବାୟୁ ପ୍ରବାହ ଏହି ସମୟରେ ଓଡ଼ିଶାର ପଡ଼ୋଶୀ ଅଞ୍ଚଳ ଗାଙ୍ଗେୟ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଏବଂ ଛତିଶଗଡ଼କୁ ମଧ୍ୟ ପ୍ରଭାବିତ କରିବା ଆରମ୍ଭ କରିବ । କୃଷି ପାଣିପାଗ ବିଶାରଦ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକଙ୍କ କହିବାନୁସାରେ ଆସନ୍ତା ୨୧ ପର୍ଯ୍ୟନ୍ତ ଉପକୂଳ ଓଡ଼ିଶାରେ ଗୁଳୁଗୁଳି ସହ ଅସହ୍ୟ ଗରମ ହେବ । ରାତିରେ ମଧ୍ୟ ଗରମରୁ ନିସ୍ତାର ମିଳିନପାରେ । ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ଭୀଷଣ ଗରମ ଜାରି ରହିବ । ଏହି ସମୟରେ ସାରା ରାଜ୍ୟରେ ବ୍ୟାପକ ବର୍ଷା ହେବ । କେତେକ ଜାଗାରେ ବିଜୁଳି ଘଡ଼ଘଡ଼ି ସହ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ।

## ନଦୀରେ ଭାସିଗଲେ ୩ଜଣ: ଯୁବକ ନିଖୋଜ

ଭଦ୍ରକ, ୧୮।୬: ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ବାଲିଆପାଳ ନଦୀରେ ଗୁରୁବାର ବ୍ରିଜ୍ ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ଏକ ଅଘଟଣ ଘଟିଛି। ନଦୀରେ ବାଲିଆପାଳ ପଟୁ ଅନ୍ୟ ପଟକୁ କାର୍ଯ୍ୟ ପାଇଁ ଯାଉଥିବା ବେଳେ ୩ ଜଣ ନଦୀରେ ଭାସି ଯାଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ନିଖୋଜ ଥିବା ବେଳେ ଅନ୍ୟ ୨ ଜଣକୁ ସ୍ଥାନୀୟ ଲୋକେ ଉଦ୍ଧାର କରିଥିବା ସୂଚନା ମିଳିଛି। ଘଟଣାସ୍ଥଳରେ ଘଣ୍ଟେଶ୍ୱର ଫାଣ୍ଡି ଅଧିକାରୀ ବିରଞ୍ଚିନାରାୟଣ ଅମାନ୍ତ ପହଞ୍ଚି ଥିବାବେଳେ ଓଡ୍ରାଫ୍ ଟିମ୍ ଖୋଜାଖୋଜି ଆରମ୍ଭ କରିଛି। ନିଖୋଜ ବ୍ୟକ୍ତି ଜଣକ ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ଯଶିପୁର ପଞ୍ଚାୟତର ଚକ୍ରଧର ବେହେରାଙ୍କ ପୁଅ ବିଜୟ ବେହେରା(୨୪)।

## ଭିଜିଲାନ୍ସ ପଞ୍ଝାରେ ଲାଞ୍ଚୁଆ ଫରେଷ୍ଟର
### ୨୫ ହଜାର ଟଙ୍କା ନେବା ବେଳେ ଧରାପଡ଼ିଲେ



ଭୁବନେଶ୍ୱର, ୧୮।୬ : ଭିଜିଲାନ୍ସ ପଞ୍ଝାରେ ଲାଞ୍ଚୁଆ ଫରେଷ୍ଟର । ୨୫ ହଜାର ଟଙ୍କା ଲାଞ୍ଚ ନେବା ବେଳେ ପୁରୀ ଭିଜିଲାନ୍ସ ବିଭାଗ ଦ୍ୱାରା ଗିରଫ ହେଲେ ଡେଲାଙ୍ଗ ଫରେଷ୍ଟର ରାକେଶ କୁମାର ପଣ୍ଡା । ଫରେଷ୍ଟ ଗେଟରେ ଗାଡି ପାସ୍ କରିବାକୁ ସେ ଲାଞ୍ଚ ନେଉଥିଲେ। ଭିଜିଲାନ୍ସ ଟିମ୍ ରାକେଶଙ୍କ ଦୁଇଟି ଠିକଣାରେ ଚଢାଉ କରିଛି। ସୂଚନାନୁଯାୟୀ, ଡେଲାଙ୍ଗ ଫରେଷ୍ଟର ରାକେଶ କୁମାର ପଣ୍ଡା ଆଙ୍କୋଇ ଅଞ୍ଚଳର ଜଣେ ଟ୍ରାକ୍ଟର ଡ୍ରାଇଭରଙ୍କୁ ଜଙ୍ଗଲ ଜମି ଦେଇ ନିଜ କ୍ଷେତକୁ ମାଟି ବୋହି ନେବାକୁ ୨୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ସେ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ପୁରୀ ଭିଜିଲାନ୍ସ ଡିଏସପି ସୋମନାଥ ବାରିକଙ୍କ ନେତୃତ୍ୱରେ ୮ ଜଣିଆ ଟିମ୍ ପୂର୍ବ ପ୍ରସ୍ତୁତି କ୍ରମେ ଫରେଷ୍ଟର ଲାଞ୍ଚ ନେବା ବେଳେ ରେଡ୍ କରିଥିଲେ। ଫରେଷ୍ଟରଙ୍କଠାରୁ ସମସ୍ତ ଲାଞ୍ଚ ଟଙ୍କା ଜବତ ହୋଇଛି। ଫରେଷ୍ଟରଙ୍କ ଅଫିସ ଏବଂ ଖୋର୍ଦ୍ଧାର ଭାଲିଆ ବାଡିରେ ଥିବା ପିତୃକ ଘରେ ଚଢାଉ ଚାଲିଛି।

## ଦୁର୍ଗମ ଅଞ୍ଚଳରେ ବସିବ ୭୦୭ ନୂଆ ୪ଜି ଟାୱାର

ଭୁବନେଶ୍ୱର, ୧୮।୬: ରାଜ୍ୟର ଦୁର୍ଗମ ଅଞ୍ଚଳରେ ଥିବା ଗାଁଗୁଡ଼ିକରେ ଖୁବ୍‌ଶୀଘ୍ର ହାଇସ୍ପିଡ୍ ୱାୟରଲେସ୍ ଇଣ୍ଟରନେଟ୍ ଓ ଉନ୍ନତ ମୋବାଇଲ୍ ସେବା ପହଞ୍ଚିବାକୁ ଯାଉଛି। ୨୪ଟି ଜିଲ୍ଲାରେ ୭୦୭ଟି ନୂଆ ୪ଜି ମୋବାଇଲ୍ ଟାୱାର ସ୍ଥାପନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ସେଥିପାଇଁ ଆବଶ୍ୟକ ସରକାରୀ ଜମି ଚିହ୍ନଟ କରି ଯୋଗାଇ ଦେବାକୁ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ କୁହାଯାଇଛି। ପ୍ରତ୍ୟେକ ସ୍ଥାନରେ ଅତିକମ୍‌ରେ ୨୦୦୦ ବର୍ଗଫୁଟ ଜମି ଯୋଗାଇ ଦେବାକୁ କୁହାଯାଇଛି। ଜମି ମିଳିବା ପରେ ମୋବାଇଲ୍ ଟାୱାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଏ ସଂକ୍ରାନ୍ତରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ବିଶାଳ କୁମାର ଦେବ ୨୪ଟି ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଚିଠି ଲେଖିଛନ୍ତି। ସେହି ଜିଲ୍ଲାଗୁଡ଼ିକ ହେଉଛି ଅନୁଗୁଳ, ବଲାଙ୍ଗୀର, ବାଲେଶ୍ୱର, ବରଗଡ଼, ଭଦ୍ରକ, ବୌଦ୍ଧ, ଦେବଗଡ଼, ଢେଙ୍କାନାଳ, ଗଜପତି, ଗଞ୍ଜାମ, ଯାଜପୁର, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ନବରଙ୍ଗପୁର, ନୟାଗଡ଼, ପୁରୀ, ରାୟଗଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼। ଚିଠିରେ ଶ୍ରୀ ଦେବ ଉଲ୍ଲେଖ କରିଛନ୍ତି ଯେ ଭାରତ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରଣାଳୟର ଡିଜିଟାଲ ଭାରତ



ନିଧି ଦ୍ୱାରା ୪ଜି ସାଚୁରେସନ ପ୍ରକଳ୍ପ ପାଇଁ ନୂଆ ମୋବାଇଲ୍ ଟାୱାର ସ୍ଥାପନ କରିବାକୁ ୭୦୭ଟି ନୂଆ ସ୍ଥାନ ଚିହ୍ନଟ କରାଯାଇଥିବା କେନ୍ଦ୍ର ଟେଲିକମ ମନ୍ତ୍ରୀ ଅବଗତ କରିଛନ୍ତି। ଯଥାଶୀଘ୍ର ସେହି ଟାୱାରଗୁଡ଼ିକୁ ସ୍ଥାପନ କରିବା ପାଇଁ ନୋ ଅବଜେକ୍ସନ ସାର୍ଟିଫିକେଟ (ଏନ୍‌ଓସି) ହାସଲ କରିବା ସହିତ ବିଏସ୍‌ଏନ୍‌ଏଲ୍‌କୁ ଜମି ହସ୍ତାନ୍ତର କରିବାକୁ ସେ ଜିଲ୍ଲାପାଳମାନଙ୍କୁ କହିଛନ୍ତି। ଜମି ମିଳିବା ପରେ ବିଏସ୍‌ଏନ୍‌ଏଲ୍ ତରଫରୁ ଟାୱାର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ। ଶ୍ରୀ ଦେବ ଏହା ମଧ୍ୟ ସୂଚିତ କରିଛନ୍ତି ଯେ କିଛି ଜିଲ୍ଲା ତ୍ୱରିତ ପଦକ୍ଷେପ ଗ୍ରହଣ କରିଥିବାରୁ ୨୯୪ଟି ସ୍ଥାନ ପାଇଁ ଏନ୍‌ଓସି ମିଳିସାରିଛି। ଫଳରେ ସେହି ସବୁ ସ୍ଥାନରେ ଟାୱାର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ରାଜ୍ୟର ଦୁର୍ଗମ ଓ ଉପେକ୍ଷିତ ଅଞ୍ଚଳଗୁଡ଼ିକରେ ଡିଜିଟାଲ ସେବାରେ ଉନ୍ନତି ଆଣିବା ପାଇଁ ଏହି ପ୍ରକଳ୍ପ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ କ୍ଷେତ୍ର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇ ତୁରନ୍ତ ଜମି ଚିହ୍ନଟ କରି ହସ୍ତାନ୍ତର କରିବାକୁ ସେ ଜିଲ୍ଲାପାଳମାନଙ୍କୁ କହିଛନ୍ତି। ଉଲ୍ଲେଖଯୋଗ୍ୟ, ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୩୬୦୨ଟି ଟାୱାର କାର୍ଯ୍ୟକ୍ଷମ ହୋଇଛି। ଆଉ ୬୮୩ଟି ଟାୱାରର ନିର୍ମାଣ କାର୍ଯ୍ୟ ଜାରି ରହିଛି। ୮୩୪ଟି ନୂଆ ଟାୱାର ସ୍ଥାପନ କରିବାକୁ ଅନୁମୋଦନ ପ୍ରଦାନ କରାଯାଇଛି।

CMYK

# ଶୀତଳ ଷଷ୍ଠୀ ଯାତ୍ରା

ଜ୍ୟୈଷ୍ଠ ଶୁକ୍ଳ ପଞ୍ଚମୀ ତିଥିରେ ମା' ପାର୍ବତୀ ଓ ଶିବ ଶଙ୍କରଙ୍କର ବିବାହ ଉତ୍ସବ ଏବଂ ତା'ପରଦିନ ଶୀତଳଷଷ୍ଠୀ ଯାତ୍ରା ପାଳନ କରାଯାଏ ଓ କିଛି ଭକ୍ତ ମା' ପାର୍ବତୀଙ୍କ ମା' ବାପା ହୁଅନ୍ତି ଓ ଆଉ କିଛି ଭକ୍ତ ପ୍ରଭୁ ଶଙ୍କରଙ୍କର ହୋଇ ଉଭୟଙ୍କର ବିବାହକାର୍ଯ୍ୟ ସମାପନ କରନ୍ତି । ସାଧାରଣ ବାହାଘର ପରି ପାରମ୍ପରିକ ରୀତିରେ ପ୍ରଭୁ ଶଙ୍କରଙ୍କୁ ବରଯାତ୍ରୀଙ୍କ ସହିତ ବଡ଼ ଧୂମ୍ ?ଧାମ୍ ?ରେ ମା' ପାର୍ବତୀଙ୍କ ଘରକୁ ନେଇ ବୈଦିକ ରୀତିରେ ବିବାହ କରାଯାଏ । ରଙ୍ଗବେରଙ୍ଗ ଚିତ୍ରରେ ସୁଶୋଭିତ ରଥରେ ଶିବ ଓ ମା' ପାର୍ବତୀଙ୍କୁ ଅଣାଯାଏ । ମଧ୍ୟରାତ୍ରୀରୁ ଏଇ ପଟୁଆର ଆରମ୍ଭ ହୋଇ ପରଦିନ ଦ୍ୱିପ୍ରହର ବେଳକୁ ଶିବପାର୍ବତୀଙ୍କ ପୂଜାରେ ଶେଷହୁଏ । ଲୋକନାଥ ମନ୍ଦିର, ଲିଙ୍ଗରାଜ ମନ୍ଦିର ଓ ସମ୍ବଲପୁର ସହରର ଶିବ ମନ୍ଦିରମାନଙ୍କରେ ଏହା ବହୁ ଜାକଜମକରେ ପାଳନ କରାଯାଏ । ସମ୍ବଲପୁରରେ ଏଇ ପର୍ବର ମୁଖ୍ୟ ଆକର୍ଷଣ ହେଉଛି ପାରମ୍ପରିକ ସଙ୍ଗୀତ ଓ ନାଚ । ଏହା ସମ୍ବଲପୁର, ବିଶେଷକରି ପଶ୍ଚିମ ଓଡ଼ିଶାର ଲୋକନୃତ୍ୟକୁ ଉପଭୋଗ କରିବାରେ ଏକ ଦୁର୍ଲଭ ଅବସର ।

### ପୌରାଣିକ:

ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ପୌରାଣିକ କଥାବସ୍ତୁ ଉପରେ ପର୍ଯ୍ୟବସିତ । ଶିବ ପୁରାଣ ଅନୁସାରେ ବ୍ରହ୍ମାଙ୍କୁ କଠୋର ତପସ୍ୟା କରି ଦକ୍ଷପ୍ରଜାପତି ମାତା ସତୀଙ୍କୁ ପୁତ୍ରୀ ରୂପେ ପ୍ରାପ୍ତ ହୁଅନ୍ତି । ସତୀ ବିବାହ ବୟସ ହେବା ଉତ୍ତାରୁ ପିତାଙ୍କ ଅନିଚ୍ଛା ସତ୍ତ୍ୱେ ଶ୍ମଶାନଚାରୀ ଶିବଙ୍କୁ ବିବାହ କରନ୍ତି । ଏଥିରେ କ୍ଷୁବ୍ଧ ହୋଇ ଦକ୍ଷପ୍ରଜାପତି ଝିଅ ଜ୍ୱାଇଁଙ୍କୁ ଆମନ୍ତ୍ରଣ କରନ୍ତି



ନାହିଁ । ମହାଦେବଙ୍କ ଅନିଚ୍ଛା ସତ୍ତ୍ୱେ ଦେବୀ ପାର୍ବତୀ ପିତ୍ରାଳୟ ଯାଆନ୍ତି । ଯଜ୍ଞସ୍ଥଳରେ ଦକ୍ଷପ୍ରଜାପତି ଶିବଙ୍କର ଅପମାନ କଲେ ଏହାକୁ ସହି ନପାରି ସତୀ ଯଜ୍ଞକୁଣ୍ଡରେ ଝାସ ଦେଲେ । ସତୀଙ୍କ ଯଜ୍ଞକୁଣ୍ଡରେ ଝାସଦେବା ଶୁଣି ମହାଦେବ ଯଜ୍ଞସ୍ଥଳକୁ ଧ୍ୱଂସକରି ଦେଲେ । ସେଠାରୁ ସତୀଙ୍କ ଶବକୁ କାନ୍ଧରେ ପକାଇ ଚାରିଆଡେ ଘୁରିବୁଲିଲେ । ବିଷ୍ଣୁ ଚକ୍ରଦ୍ୱାରା ସତୀଙ୍କ ଶରୀରକୁ ଖଣ୍ଡ ଖଣ୍ଡ କରି ଶିବଙ୍କଠାରୁ ଅଲଗା କରିଦେଲେ ।

ପରବର୍ତ୍ତୀ ସମୟରେ ବ୍ରହ୍ମାଙ୍କ ବରରେ ବଳିୟାନ ହୋଇ ତାରକାସୁର ଅତ୍ୟାଚାର କଲା । ତାରକାସୁରର ଅତ୍ୟାଚାରରେ ଦେବତାମାନେ ଆତଙ୍କିତ ହୋଇ ବ୍ରହ୍ମାଙ୍କ ଶରଣ ପଶିଲେ । ମାତ୍ର ବ୍ରହ୍ମା, ଶିବଙ୍କ ଔରସରୁ ଜନ୍ମିତ ସନ୍ତାନ ତାରକାସୁରକୁ ବଧ କରିବ ବୋଲି ପ୍ରକାଶ ପରେ ଦେବତାମାନେ ଆଦିଶକ୍ତି ମାତା ପାର୍ବତୀଙ୍କୁ ତପସ୍ୟା କରନ୍ତି । ଦେବଗଣଙ୍କ କଠୋର ତପସ୍ୟା ଯୋଗୁଁ ମାତା ପାର୍ବତୀ ଗିରିରାଜ ହିମାଳୟଙ୍କ ଘରେ ଆବିର୍ଭାବ ହୁଅନ୍ତି । ଜ୍ୟେଷ୍ଠ ଶୁକ୍ଳପକ୍ଷ ପଞ୍ଚମୀ ଦିନ ଶିବ ଓ ମାତା ପାର୍ବତୀଙ୍କ ପୁନଃମିଳନ ହୁଏ । ମହାଦେବ ମାତା ପାର୍ବତୀଙ୍କୁ ପାଇବା ପରେ ରୁଦ୍ର ରୂପ ତ୍ୟାଗ କରି ହୋଇଯାନ୍ତି ଶାନ୍ତ ଶୀତଳ । ଦେବଦମ୍ପତିଙ୍କ ଏହି ମହାମିଳନକୁ ଲୋକାଚାରରେ ଶୀତଳଷଷ୍ଠୀ ଭାବେ ପାଳନ କରାଯାଏ ।

### ଯାତ୍ରାର ଆରମ୍ଭ:

ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା କେବେ ଆରମ୍ଭ ହେଲା, କିଏ ଆରମ୍ଭ କଲା, କାହିଁକି ଆରମ୍ଭ କଲା ସେ ସଂପର୍କରେ ସଠିକ୍ ତଥ୍ୟ ନାହିଁ । ତେବେ ଜନଶ୍ରୁତି ଅନୁସାରେ ଛତ୍ରପତି ରାଜା ବୀର ବଳିୟାର ସିଂଙ୍କ ରାଜତ୍ୱ କାଳରେ ସମ୍ଭବତଃ ଏହି ଯାତ୍ରା ଆରମ୍ଭ ହୋଇଥିଲା । ମାତ୍ର ତା'ର ନିର୍ଦ୍ଦିଷ୍ଟ ତିଥି କେହି କେବେ ନିର୍ଣ୍ଣୟ କରିନାହାଁନ୍ତି । ଜନଶ୍ରୁତି ଅନୁସାରେ ଛତ୍ରପତି ମହାରାଜ ବୀର ବଳିୟାର ସିଂହଙ୍କୁ ୧୮ ଗଡ଼ଜାତ ସମ୍ମାନ ଦେବା ପାଇଁ ପୁରୀ ମହାରାଜ ଆମନ୍ତ୍ରଣ କରିଥିଲେ । ମହାରାଜଙ୍କ ନିମନ୍ତ୍ରଣ ରକ୍ଷା କରି ବଳିୟାର ସିଂହ ପୁରୀ ଦରବାରରେ ଯାଇ ପହଞ୍ଚିଥିଲେ । ପୁରୀ ରାଜା ବୀର ବଳିୟାର ସିଂହଙ୍କ ଶକ୍ତି ପରୀକ୍ଷା କରିବା ପାଇଁ ତାଙ୍କ ଦରବାରରେ ଥିବା ୭ଜଣ ଶ୍ରେଷ୍ଠ ମଲ୍ଲଯୋଦ୍ଧାଙ୍କୁ ନିୟୋଜିତ କରିଥିଲେ । ବୀର ବଳିୟାର ସିଂହ ରାଜଦରବାରକୁ ପହଞ୍ଚି ମହାରାଜଙ୍କୁ ଅଭିବାଦନ କରିବା ସମୟରେ ଅତର୍କିତ ଭାବେ ଏହି ୭ଜଣ ମଲ୍ଲଯୋଦ୍ଧା ଆକ୍ରମଣ କରିଥିଲେ । ଏଥିରେ ବିଚଳିତ ନହୋଇ ବୀର ବଳିୟାର ସିଂହ ତାଙ୍କ ପଗଡି ଭିତରେ ଥିବା ମାଆ ସମଲେଶ୍ୱରୀଙ୍କ ଏକ ତରବାରୀ କାଢି ଆଣି ମଲ୍ଲଯୋଦ୍ଧାଙ୍କୁ ଧରାଶାୟୀ କରିଦେଇଥିଲେ । ବଳିୟାର ସିଂହଙ୍କ ବୀରତ୍ୱରେ ମୁଗ୍ଧ ହୋଇ ପୁରୀ ମହାରାଜ ସିଂହାସନରୁ ଓହ୍ଲାଇ ଆସି ତାଙ୍କୁ ପୁରସ୍କାର ଦେବାକୁ କହିଲେ । ସମ୍ବଲପୁରରେ ସେତେବେଳେ ବ୍ରାହ୍ମଣ ନଥିବାରୁ ବଳିୟାର ସିଂହ ପୁରୀ ମହାରାଜଙ୍କୁ ବ୍ରାହ୍ମଣ ଦେବାକୁ ଅନୁରୋଧ କରିଥିଲେ । ଏହା ପରେ ବ୍ରାହ୍ମଣମାନେ ପୁରୀରୁ ସମ୍ବଲପୁରକୁ ଆସିଥିଲେ ଓ ଶିବ ବିବାହ ଆରମ୍ଭ ହୋଇଥିବା ମନେ କରାଯାଏ । ପୂର୍ବେ ଅସ୍ପୃଶ୍ୟମାନଙ୍କୁ ମନ୍ଦିର ଯାଇ ଦେବଦେବୀଙ୍କୁ ଦର୍ଶନ କରିବା ବାରଣ ଥିଲା । ତେଣୁ ବର୍ଷରେ ଥରେ ଦେବଦମ୍ପତି ସେମାନଙ୍କୁ ଦର୍ଶନ ଦେବା ପାଇଁ ବାହାରକୁ ଆସୁଥିବାର କୁହାଯାଏ । ଦେବଦମ୍ପତିଙ୍କ ଏହି ଯୁଗଳ ଦର୍ଶନରେ ବହୁତ ପୁଣ୍ୟ ମିଳେ ବୋଲି ବିଶ୍ୱାସ ରହିଛି ।

### ବିଧିବିଧାନ ଓ ପରମ୍ପରା:

ଶିବ ରୁଦ୍ର ଓ ପାର୍ବତୀ ଶାନ୍ତିର ବାର୍ତ୍ତା ବହନ କରେ । ଗ୍ରୀଷ୍ମଋତୁ ପୃଥିବୀ ପୃଷ୍ଠରୁ ବିଦାୟ ନେଉଥାଏ, ବର୍ଷାଋତୁର ଆଗମନ ସମୟରେ ମହାଦେବ ଶିବ ଓ ସତୀଙ୍କ ବିବାହୋତ୍ସବକୁ ନେଇ ଅନୁଷ୍ଠିତ ହୁଏ ଶୀତଳଷଷ୍ଠୀ । ମହାପ୍ରଭୁଙ୍କର ଚନ୍ଦନ ଯାତ୍ରାର ପରିସମାପ୍ତି ପରେ ପରେ ଶୀତଳଷଷ୍ଠୀ ବେଳକୁ ମେଘମେଦୁର ଆକାଶର ଅପରୂପ ସୌନ୍ଦର୍ଯ୍ୟ ବେଶ ଚିତାକର୍ଷକ ହେବା ସାଙ୍ଗକୁ ନବବାରି ପରିପ୍ଲୁତ ଧରାପୃଷ୍ଠ ଶୀତଳ ପରିବେଶ ସୃଷ୍ଟିକରେ । ଅପୂର୍ବ ନୈସର୍ଗିକ ପରିବର୍ତ୍ତିତ ପରିସ୍ଥିତିରେ ସମ୍ବଲପୁରବାସୀ ଦେବଦମ୍ପତିଙ୍କୁ ସାଦର ସଭକ୍ତି ସ୍ୱାଗତ କରିଥାନ୍ତି । ଶୀତଳଷଷ୍ଠୀ ପୌରାଣିକ କଥାବସ୍ତୁ ଉପରେ ପର୍ଯ୍ୟବସିତ । କିନ୍ତୁ ଆମ ଦୈନନ୍ଦିନ ଜୀବନରେ ଯେପରି ବିବାହ କାର୍ଯ୍ୟ ସମ୍ପାଦନ କରାଯାଏ, ଠିକ୍ ସେହିପରି ବୈଦିକ ରୀତିରେ ଶିବଙ୍କ ସହିତ ମାତା ସତୀଙ୍କ ବିବାହ ଅନୁଷ୍ଠିତ ହୋଇଥାଏ । ହିନ୍ଦୁ ରୀତିନୀତି ଅନୁସାରେ କନ୍ୟା ଅନ୍ୱେଷଣ, ନିର୍ବନ୍ଧ, ବିବାହ ପାଇଁ ନିମନ୍ତ୍ରଣ ପତ୍ର ବଣ୍ଟନ, ମହା ଆଡ଼ମ୍ବରରେ ବରଯାତ୍ରୀ ଆଗମନ, ବୈଦିକ ରୀତିରେ ବେଦିରେ ଦେବଦମ୍ପତିଙ୍କ ବିବାହ, କନ୍ୟା ପିତାମାତାଙ୍କ କନ୍ୟା ଦାନ ଓ ଯାନି ଯୌତୁକ ସହିତ କନ୍ୟା ବିଦାୟ ଆଦି କାର୍ଯ୍ୟ ସମ୍ପନ୍ନ କରାଯାଏ । ଓଡ଼ିଶାର ସମ୍ବଲପୁର ଶୀତଳଷଷ୍ଠୀରେ ସମ୍ପୂର୍ଣ୍ଣ ଲୋକାଚାରରେ ଶିବ ଓ ସତୀଙ୍କ ବିବାହୋତ୍ସବ ଅତ୍ୟନ୍ତ ଆକର୍ଷଣୀୟ । ଦେବଦମ୍ପତିଙ୍କ ଏହି ବିବାହ ଉତ୍ସବ ପ୍ରକ୍ରିୟା ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୁଏ । ଅକ୍ଷୟ ତୃତୀୟା ଦିନ ଥାଳ ଉଠିବାଠାରୁ ଯାତ୍ରା ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ଜ୍ୟେଷ୍ଠ ଶୁକ୍ଳପକ୍ଷ ପ୍ରତିପଦା ଦିନ ନନ୍ଦପଡାର ବଂବରାଡ଼ ବାଲୁଙ୍କେଶ୍ୱର ବାବାଙ୍କ ପତରପେଣ୍ଡି ବା ନିବନ୍ଧ(ପିନ୍ଧାଣି) ଏବଂ ତା'ପରଦିନ ନୃସିଂହ ନିଉତା ବା ଦେବଦେବୀଙ୍କୁ ବିବାହ ପାଇଁ ଅନୁଷ୍ଠିତ ହୋଇଥାଏ ।

# ଅନ୍ତରଙ୍ଗତାର ଶେଷ ପରିଣାମ



ଦୈତ୍ୟରାଜ ବୃଷପର୍ବାଙ୍କ କନ୍ୟା ଥିଲେ ଶର୍ମିଷ୍ଠା ଓ ଦେବଯାନୀ ଥିଲେ ଦୈତ୍ୟଗୁରୁ ଶୁକ୍ରାଚାର୍ଯ୍ୟଙ୍କ କନ୍ୟା । ବୃଷପର୍ବାଙ୍କ ନିକଟରେ ପିତା ରହୁଥିବା କାରଣରୁ ଦେବଯାନୀ ଓ ଶର୍ମିଷ୍ଠାଙ୍କ ମଧ୍ୟରେ ନିବିଡ଼ ସମ୍ପର୍କ ଥିଲା । ଦୁହିଁଙ୍କ ମଧ୍ୟରେ ଅନ୍ତରଙ୍ଗତା ଯେ ସାମାନ୍ୟ ଘଟଣାକୁ ନେଇ ଶତ୍ରୁତାରେ ପରିଣତ ହେବ ତାହା ଦେବଯାନୀ ସ୍ୱପ୍ନରେ ସୁଦ୍ଧା ଭାବି ନଥିଲେ । ନିବିଡ଼ ସମ୍ପର୍କକୁ ଜଳାଞ୍ଜଳି ଦେଇ ବାନ୍ଧବୀ ଶର୍ମିଷ୍ଠା ନିଜ ବଡ଼ପଣ ଜାହିର କରିବାକୁ ଯାଇ ଅବିଶ୍ୱସନୀୟ ଶାସ୍ତି ଦେଇଥିଲେ ଦେବଯାନୀଙ୍କୁ ଏକ ମାମୁଲି ପ୍ରସଙ୍ଗରେ । ଦୁହେଁ ଏକତ୍ର ସ୍ନାନ କରିବାକୁ ଯାଇଥିଲେ । ଅଜାଣତରେ ଶର୍ମିଷ୍ଠାଙ୍କ ଶାଢ଼ି ପରିଧାନ କରିଦେଇଥିଲେ ଦେବଯାନୀ । ଏଥିରେ ଭୟଙ୍କର ଉତ୍‌କ୍ଷିପ୍ତ ହୋଇ ଶର୍ମିଷ୍ଠା, ନିଷ୍ଠୁରତାର ଚରମସୀମାକୁ ଯାଇ ଏକ କୂଅ ମଧ୍ୟରେ ଦେବଯାନୀଙ୍କୁ ପକାଇ ଦେଇ ଘରକୁ ଚାଲିଆସିଥିଲେ । ବିଧିର ନିର୍ଦ୍ଦେଶ ଥିଲା ଭିନ୍ନ ପ୍ରକାର । ଏହି ସମୟରେ ମୃଗୟା ଉଦ୍ଦେଶ୍ୟରେ ଆସିଥିବା ନହୁଷ ରାଜାଙ୍କ ପୁତ୍ର ଯଯାତି ସେହି ବାଟ ଦେଇ ଯାଉଥିବା ସମୟରେ କୂପ ମଧ୍ୟରେ ଦେବଯାନୀଙ୍କୁ ଦେଖି ତାଙ୍କୁ ଉଦ୍ଧାର କରିଥିଲେ । ଦେବଯାନୀ ଏହି ଅପ୍ରୀତିକର ଘଟଣା ସମ୍ପର୍କରେ ପିତା ଦୈତ୍ୟଗୁରୁ ଶୁକ୍ରାଚାର୍ଯ୍ୟଙ୍କୁ କହିଥିଲେ । ଦୈତ୍ୟଗୁରୁ ଏଥିରେ ବ୍ୟଥିତ ହୋଇ ବୃଷପର୍ବାଙ୍କଠାରୁ ଦୂରେଇ ଯିବାକୁ କଠୋର ନିଷ୍ପତ୍ତି ନେଇଥିଲେ କନ୍ୟାର ସୁରକ୍ଷା ଦୃଷ୍ଟିରୁ । ତାଙ୍କୁ ତ୍ୟାଗ କରି ଚାଲିଯିବା ନିମନ୍ତେ ସିଦ୍ଧାନ୍ତ ନେଇଥିଲେ । ଶୁକ୍ରାଚାର୍ଯ୍ୟଙ୍କ ଏଭଳି କଠୋର ନିଷ୍ପତ୍ତିରେ ବିଚଳିତ ହୋଇପଡ଼ିଥିଲେ ବୃଷପର୍ବା । ଅନେକ ଅନୁନୟ ବିନୟ କରିଥିଲେ ଏହି ନିଷ୍ପତ୍ତି ପ୍ରତ୍ୟାହାର କରିବା ପାଇଁ । ଶେଷରେ ଦୈତ୍ୟଗୁରୁ ରାଜି ହୋଇଥିଲେ; ହେଲେ ସର୍ତ୍ତ ଥିଲା ଦେବଯାନୀଙ୍କୁ ପ୍ରସନ୍ନ କରାଇବା । ଦେବଯାନୀ ସର୍ତ୍ତ ରଖିଥିଲେ ଅତି କଠୋର । ସାମାନ୍ୟ ଶାଢ଼ି ବଦଳ ଘଟଣାରେ ଏଭଳି ଅବିମୃଶ୍ୟକାରୀ ନିଷ୍ପତ୍ତିକୁ ସହଜରେ ଗ୍ରହଣ କରିପାରିନଥିଲେ ଦେବଯାନୀ । ଶର୍ମିଷ୍ଠାଙ୍କ ପିତାଙ୍କୁ ଜଣାଇ ଦେଇଥିଲେ ଯଦି ସେ ମୋର ଦାସୀ ହୋଇ ରହିବେ ମୁଁ ପ୍ରସନ୍ନ ହୋଇ କ୍ଷମା ଦେଇପାରିବି । ଏହାକୁ ଅଙ୍ଗୀକାର କରିଥିଲେ ବୃଷପର୍ବା । ଏବେ ଦେବଯାନୀ ବିବାହ କରିଥିଲେ ଯଯାତିଙ୍କୁ ଓ ତାଙ୍କ ସହ ଦାସୀ ଭାବରେ ନଅରକୁ ଯାଇଥିଲେ ଶର୍ମିଷ୍ଠା । ପରବର୍ତ୍ତୀ ସମୟରେ ଯଯାତି ଶର୍ମିଷ୍ଠାଙ୍କ ପ୍ରତି ଆସକ୍ତ ହୋଇ ଗୋପନରେ ବିବାହ କରିଥିଲେ । ଶର୍ମିଷ୍ଠାଙ୍କ ଗର୍ଭରୁ ତିନିପୁଅ ଜନ୍ମ ହୋଇଥିଲେ । ବିଡ଼ମ୍ବନାର ବିଷୟ ଥିଲା- ଗୋପନ ବିବାହ ସମ୍ପର୍କରେ ଦେବଯାନୀ ଜାଣିପାରି ପିତା ଶୁକ୍ରାଚାର୍ଯ୍ୟଙ୍କୁ ଅବଗତ କରାଇଥିଲେ । କ୍ରୋଧିତ ହୋଇ ଯଯାତିଙ୍କୁ ଶାପ ଦେଇଥିଲେ ଦୈତ୍ୟଗୁରୁ ଯାହା ଯୋଗୁଁ ଯଯାତି ଅକାଳ ବାର୍ଦ୍ଧକ୍ୟପ୍ରାପ୍ତ ହୋଇଥିଲେ ।







# ମହାଜ୍ଞାନୀ

ପ୍ରସିଦ୍ଧ ୟୁନାନୀ ଦାର୍ଶନିକ ଅଫଲାତୁଁଙ୍କ ନିକଟରେ ପ୍ରତିଦିନ ଜ୍ଞାନୀ-ଗୁଣୀ ଲୋକମାନଙ୍କ ଭିଡ଼ ଜମୁଥିଲା । ସେମାନେ ସବୁଦିନ ତାଙ୍କ ନିକଟକୁ ଆସୁଥିଲେ ଏବଂ କିଛି ନା କିଛି ନୂଆ କଥା ଶିଖି ଯାଉଥିଲେ । ସମସ୍ତେ ତାଙ୍କୁ ମହାଜ୍ଞାନୀ ବୋଲି ଭାବୁଥିଲେ । ହେଲେ ଅଫଲାତୁଁ କେବେ ନିଜକୁ ଜ୍ଞାନୀ ବୋଲି ମନେ କରୁନଥିଲେ । ସେ ଅତି ସାଧାରଣ ଲୋକଙ୍କ ସହିତ ମିଶୁଥିଲେ ଏବଂ ସେମାନଙ୍କ ଠାରୁ ନୂଆ ନୂଆ କଥା ଜାଣିବା ଲାଗି ଚେଷ୍ଟା କରୁଥିଲା । ତାଙ୍କର ଏଭଳି ସ୍ୱଭାବ ଜଣେ ଶିଷ୍ୟକୁ ଭଲ ଲାଗିଲା ନାହିଁ । ତେଣୁ ସେ ଦିନେ ଅଫଲାତୁଁଙ୍କୁ କହିଲା, ଆପଣ ଜଣେ ମହାଜ୍ଞାନୀ ହୋଇ ସୁଦ୍ଧା ଏହି ସାଧାରଣ ଲୋକଙ୍କ ସହିତ କ'ଣ ବସି ଆଲୋଚନା କରୁଛନ୍ତି । ସେମାନଙ୍କ କଥାକୁ ଗ୍ରହଣ କରିନେଉଛନ୍ତି । ଅଫଲାତୁଁ କହିଲେ, ପ୍ରତ୍ୟେକ ଲୋକ ନିକଟରେ କିଛି ନା କିଛି ସ୍ୱତନ୍ତ୍ର ଜ୍ଞାନ ଥାଏ, ଯାହା ଅନ୍ୟ ଲୋକ ପାଖରେ ନଥାଏ । ତେଣୁ ମୁଁ କାହାରି ଜ୍ଞାନକୁ କେବେହେଲେ ନ୍ୟୂନ ମନେ କରିନଥାଏ । ସମସ୍ତଙ୍କ ଠାରୁ ଜ୍ଞାନ ଆହରଣ କରିବା ଲାଗି ଚେଷ୍ଟା କରିଥାଏ । କାରଣର ଜ୍ଞାନ ଅସୀମିତ, ଜ୍ଞାନ ହାସଲ କରିବାର କୌଣସି ସୀମା ନ ଥାଏ ।

# ଷ୍ଟ୍ରୋକ୍‌କୁ କିପରି ଚିହ୍ନିବେ ?

ପୁରୁଣା ସହପାଠୀଙ୍କ ଏକ ପୁନର୍ମିଳନ ହୋଇଥିଲା । ସେହିଦିନ ଜଣେ ମହିଳା ହଠାତ୍ ଭୋଜି ସ୍ଥାନରେ ଖସି ପଡ଼ିଲେ । ତାଙ୍କ ବନ୍ଧୁମାନେ ତାଙ୍କୁ ଡାକ୍ତରଙ୍କୁ ଦେଖା କରିବାକୁ କହିଲେ, କିନ୍ତୁ ସେ କହିଲେ, 'ମୁଁ ଭଲ ଅଛି ।' ସେ ଭାବିଲେ ଯେ ତାଙ୍କର ନୂତନ ସାଣ୍ଡେଲ ଯୋଗୁଁ ସେ ଇଟାରେ ଝୁଣ୍ଟି ପଡ଼ିଛନ୍ତି । ସମସ୍ତେ ତାଙ୍କୁ ଖାଦ୍ୟ ଯୋଗାଇବାରେ ସାହାଯ୍ୟ କଲେ ଏବଂ ସେ ବାକି ସମୟ ପାଇଁ ଖୁସି ଥିଲେ । କିନ୍ତୁ ପରେ ତାଙ୍କ ସ୍ୱାମୀ ସମସ୍ତଙ୍କୁ ଫୋନ୍ କରି କହିଲେ ଯେ ତାଙ୍କୁ ହସ୍ପିଟାଲକୁ ନିଆଯାଇଛି ଏବଂ ସନ୍ଧ୍ୟା ୬ଟାରେ ତାଙ୍କର ମୃତ୍ୟୁ ହୋଇଛି । ଏହି କାର୍ଯ୍ୟକ୍ରମ ସମୟରେ ତାଙ୍କର ଷ୍ଟ୍ରୋକ୍ ହୋଇଥିଲା । ଯଦି ସମସ୍ତେ ଷ୍ଟ୍ରୋକ୍‌ର ଲକ୍ଷଣ ଜାଣିଥାନ୍ତେ, ତେବେ ସେ ଆଜି ଜୀବିତ ହୋଇଥାନ୍ତେ । ଷ୍ଟ୍ରୋକ୍ ପୂର୍ବରୁ ସତର୍କୀକରଣ ସଙ୍କେତ ଅଛି ଏବଂ ସମୟୋଚିତ ଚିକିତ୍ସା ଜୀବନ ବଞ୍ଚାଇ ପାରିବ । ଜଣେ ନ୍ୟୁରୋସର୍ଜନ କହିଛନ୍ତି ଯେ ଯଦି ସେମାନେ ତିନି ଘଣ୍ଟା ମଧ୍ୟରେ ଷ୍ଟ୍ରୋକ୍ ରୋଗୀଙ୍କ ପାଖରେ ପହଞ୍ଚିପାରିବେ, ତେବେ ରୋଗୀଙ୍କୁ ସମ୍ପୂର୍ଣ୍ଣ ସୁସ୍ଥ କରିବା ସମ୍ଭବ । ଆପଣ ଷ୍ଟ୍ରୋକ୍‌କୁ କିପରି ଚିହ୍ନିବେ ? ତିନୋଟି ସରଳ ପଦକ୍ଷେପ ମନେରଖନ୍ତୁ: ଏସ୍,ଟି,ଆର୍ । ଏସ୍ (ସ୍ମାଇଲ: ହସ): ରୋଗୀଙ୍କୁ ହସାଇବାକୁ କୁହନ୍ତୁ ଯଦି ମୁହଁର ଗୋଟିଏ ପାର୍ଶ୍ୱ ଝୁଲୁଥାଏ, ତେବେ ଆପଣ ଜାଣିପାରିବେ ଯେ ଏକ ସମସ୍ୟା ଅଛି ।



ଟି (ଟକ୍: କଥା): ରୋଗୀଙ୍କୁ ଏକ ସରଳ ବାକ୍ୟ କହିବାକୁ କୁହନ୍ତୁ ଉଦାହରଣ ସ୍ୱରୂପ: 'ଆଜି ଆକାଶ ସ୍ୱଚ୍ଛ ଅଛି ।' ଏହାକୁ ସଠିକ୍ ଭାବରେ ଯଦି ସେ କହିପାରିବେ ନାହିଁ, ତେବେ ତାହା ମଧ୍ୟ ଏକ ସଙ୍କେତ । ଆର୍ (ରାଇଜ୍: ଉଠ): ରୋଗୀଙ୍କୁ ଉଭୟ ହାତ ଉଠାଇବାକୁ କୁହନ୍ତୁ ଯଦି ଗୋଟିଏ ହାତ ଝୁଲୁଥାଏ କିମ୍ବା ଉପରକୁ ଉଠାଇ ପାରୁନାହିଁ, ତେବେ ତାହା ମଧ୍ୟ ଏକ ସଙ୍କେତ । ଅନ୍ୟ ଏକ ଲକ୍ଷଣ: ରୋଗୀଙ୍କୁ ଜିଭ ବାହାର କରିବାକୁ କୁହନ୍ତୁ ଯଦି ଜିଭ ଗୋଟିଏ ପାର୍ଶ୍ୱକୁ ବଙ୍କା ହୋଇଯାଏ, ତେବେ ଏହା ମଧ୍ୟ ଏକ ଷ୍ଟ୍ରୋକର ଲକ୍ଷଣ । ଯଦି ଆପଣ ଏହି ଲକ୍ଷଣଗୁଡ଼ିକ ମଧ୍ୟରୁ କୌଣସି ଅନୁଭବ କରନ୍ତି, ତେବେ ବିଳମ୍ବ ନ କରି ଏକ ଆମ୍ବୁଲାନ୍ସ କିମ୍ବା ନିକଟତମ ହସ୍ପିଟାଲକୁ କଲ୍ କରନ୍ତୁ ଏବଂ ସମସ୍ତ ଲକ୍ଷଣ ରିପୋର୍ଟ କରନ୍ତୁ ।



# ହିନ୍ଦୁ ଧର୍ମରେ ଗଛଲତା ଓ ଧାର୍ମିକ ବିଶ୍ୱାସ

*ହିନ୍ଦୁ ଧର୍ମରେ ଗଛଲତା ଏବଂ ପ୍ରକୃତିକୁ ବହୁତ ଗୁରୁତ୍ୱ ଦିଆଯାଇଛି । ଅନେକ ଗଛ ଏବଂ ଉଦ୍ଭିଦକୁ ଈଶ୍ୱରଙ୍କ ମାନ୍ୟତା ଦିଆଯାଇଛି । ଏହିପରି ହିନ୍ଦୁ ଧର୍ମରେ, କଦଳୀ ଗଛକୁ ଗୁରୁଙ୍କ ବର୍ଗରେ ରଖାଯାଇଛି । କୁହାଯାଏ ଯେ ଏଥିରେ ଭଗବାନ ବିଷ୍ଣୁ ଏବଂ ଗୁରୁ ବୃହସ୍ପତି ବାସ କରନ୍ତି ।*



> ଗୁରୁବାର ଦିନ ମଧ୍ୟ କଦଳୀ ଗଛ ପୂଜା କରାଯାଏ, ଏପରି ପରିସ୍ଥିତିରେ, କଦଳୀ ଗଛ ସହିତ ଜଡିତ ଅନେକ ଉପଚାର ଅଛି । ଯାହାକୁ କରିବା ଦ୍ୱାରା ଆପଣ ଆପଣଙ୍କ ଜୀବନରେ ସୌଭାଗ୍ୟ ବୃଦ୍ଧି କରିପାରିବେ ।

ଗୁରୁବାର କଦଳୀ ଗଛ ପୂଜା କରିବାର ନିଜସ୍ୱ ମହତ୍ତ୍ୱ ଅଛି । କୁହାଯାଏ ଯେ ଏହା ଗୁରୁ ବୃହସ୍ପତିଙ୍କୁ ପ୍ରସନ୍ନ କରେ ଏବଂ ସମସ୍ତ ଇଚ୍ଛା ପୂରଣ କରେ । କଦଳୀ ଗଛ ସମ୍ପର୍କରେ ଅନେକ ବିଶ୍ୱାସ ହିନ୍ଦୁ ଧର୍ମରେ ବହୁ ଆଗରୁ ରହିଛି । ଏଥି ସହ ଅନେକ ଶୁଭ କାର୍ଯ୍ୟରେ ମଧ୍ୟ କଦଳୀ ପତ୍ରର ବ୍ୟବହାର କରାଯାଏ । ଯେମିତିକି ବିବାହ, ବ୍ରତଘର, ଜନ୍ମଦିନ ଇତ୍ୟାଦି । ଗୁରୁବାର ମଧ୍ୟ କଦଳୀ ଗଛ ପୂଜା କରାଯାଏ, ଏପରି ପରିସ୍ଥିତିରେ, କଦଳୀ ଗଛ ସହିତ ଜଡିତ ଅନେକ ଉପଚାର ଅଛି । ଯାହାକୁ କରିବା ଦ୍ୱାରା ଜୀବନରେ ସୌଭାଗ୍ୟ ବୃଦ୍ଧି କରିପାରିବେ । ତେବେ ଚାଲନ୍ତୁ ଜାଣିବା ଏ ସଂପର୍କିତ କିଛି ଆଶ୍ଚର୍ଯ୍ୟଜନକ କଥା ବିଷୟରେ ।

### ଆର୍ଥିକ ଅବସ୍ଥାରେ ଉନ୍ନତି :

ଯଦି କୌଣସି ବ୍ୟକ୍ତିଙ୍କ ଆର୍ଥିକ ଅବସ୍ଥା ଭଲ ନାହିଁ ଏବଂ ସେ ବହୁତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ତେବେ ତାଙ୍କୁ ଗଛ ମୂଳ ଚାରିପାଖରେ ୧୧ ଥର ପରିକ୍ରମା କରିବା ଉଚିତ । ଏହା ସହିତ, କଦଳୀ ଗଛ ମୂଳରେ ଗୁଡ଼, ଚଣା ଡାଲି ଏବଂ ହଳଦୀ ଗଣ୍ଠି ଅର୍ପଣ କରିବା ଉଚିତ ।

### ମୁଖ୍ୟ ଦ୍ୱାର ସମାଧାନ :

ଘରର ମୁଖ୍ୟ ଦ୍ୱାରରେ କଦଳୀର ମୂଳ ବାନ୍ଧିବା ଅତ୍ୟନ୍ତ ଶୁଭ ବୋଲି ବିବେଚନା କରାଯାଏ । ଏପରି କରିବା ଦ୍ୱାରା ଘରୁ ନକାରାତ୍ମକତା ଦୂର ହୋଇଥାଏ ।

### ମଙ୍ଗଳଦୋଷର ପ୍ରତିକାର

ଯଦି କୌଣସି ବ୍ୟକ୍ତିଙ୍କର ମଙ୍ଗଳ ଦୋଷ ଅଛି, ତେବେ ଏଥିରୁ ମୁକ୍ତି ପାଇବା ପାଇଁ, କଦଳୀ ମୂଳ ପୂଜା କରିବା ଉଚିତ ।

ବିବାହରେ ବାଧା ପାଇଁ ପ୍ରତିକାର :

ଯଦି କାହାର ବିବାହରେ ବାଧା ଉପୁଜୁଛି, ତେବେ ଗୁରୁବାର ହଳଦିଆ ବସ୍ତ୍ର ପିନ୍ଧି କଦଳୀ ମୂଳ ପୂଜା କରିବା ଉଚିତ ଏବଂ କଦଳୀ ଗଛରେ ହଳଦିଆ ସୂତା ବାନ୍ଧିବା ଉଚିତ । ଏହା କରିବା ଦ୍ୱାରା ଖୁବ୍ ଶୀଘ୍ର ବିବାହର ସମ୍ଭାବନା ରହିବ ।

### କଦଳୀ ଗଛ ପୂଜା:

କଦଳୀ ଗଛକୁ ପୂଜା କରିବା ଦ୍ୱାରା ବିଶେଷ ଆଶୀର୍ବାଦ ମିଳିଥାଏ । ଗୁରୁବାର କଦଳୀ ଗଛକୁ ପାଣି, ହଳଦୀ, ଫୁଲ ଏବଂ ଧୂପ ଦେଇ ପୂଜା କରିବା ଦ୍ୱାରା ଆର୍ଥିକ ସମସ୍ୟା ଦୂର ହୁଏ ଏବଂ ଭାଗ୍ୟ ଜାଗ୍ରତ ହୁଏ ।

### କଦଳୀ ମୂଳ ଉପଚାର:

କଦଳୀ ଗଛର ମୂଳକୁ ଗଙ୍ଗା ଜଳରେ ଧୋଇ ହଳଦିଆ ସୂତାରେ ବାନ୍ଧି ସିନ୍ଦୂରରେ କ ମ୍ଭ । ଟଙ୍କା ରଖିଥିବା ସ୍ଥାନରେ ରଖିବା ଦ୍ୱାରା ଧନ ବୃଦ୍ଧି ହୁଏ ।

### ଘରେ କଦଳୀ ଗଛ ଲଗାଇବା :

ଘରେ କଦଳୀ ଗଛ ଲଗାଇବା ଦ୍ୱାରା ବାସ୍ତୁ ଦୋଷ ଦୂର ହୁଏ ଏବଂ ନକାରାତ୍ମକ ଶକ୍ତି ଦୂର ହୋଇ ଘରେ ସକାରାତ୍ମକ ଶକ୍ତି ଆସେ ।

### କଦଳୀ ଗଛକୁ ପାଣି ଅର୍ପଣ କରିବା :

କଦଳୀ ଗଛରେ ପାଣି ଅର୍ପଣ କରିବା ସମୟରେ ସେଥିରେ ଚିମୁଟାଏ ହଳଦୀ ଏବଂ ଗୋଟିଏ ମୁଦ୍ରା ମିଶାଇଲେ ସୁଖ ଏବଂ ସମୃଦ୍ଧି ଆସିଥାଏ ।



## ‘ବିକାଶର ଧାରା ଓଡ଼ିଶା ସାରା’ କାର୍ଯ୍ୟକ୍ରମ

ପୁରୀ,(ନିପ୍ର): ନୂତନ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ “ବିକାଶର ଧାରା ଓଡ଼ିଶା ସାରା” କାର୍ଯ୍ୟକ୍ରମ ତଥା ଓଡ଼ିଶା ସରକାରଙ୍କ ଜନହିତକର ପଦକ୍ଷେପ “ସହରାଞ୍ଚଳ ଜନସମ୍ପର୍କ ଓ ନାଗରିକ ଭାଗିଦାରୀ” କାର୍ଯ୍ୟକ୍ରମ ଅନ୍ତର୍ଗତ ପୁରୀ ମହାନଗର ନିଗମ ପକ୍ଷରୁ ନୂତନ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଧାୟକ ସୁନୀଲ କୁମାର ମହାନ୍ତି, ପୁରୀ ମହାନଗର ନିଗମର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା ଏବଂ ସହକାରୀ କମିଶନର ଅରିଜିତ ନାୟକ ଉପସ୍ଥିତ ରହି ୧୬୮ ଜଣ ଯୋଗ୍ୟ ବାର୍ଦ୍ଧକ୍ୟ, ବିକଳାଙ୍ଗ ଓ ବିଧବା ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମହାନଗର ନିଗମର ବିଭିନ୍ନ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଶୀତଳଷଷ୍ଠୀ : ଦେବାଧିଦେବ ମହାଦେବ ଏବଂ ମାତା ପାର୍ବତୀଙ୍କ ଦେବ ବିବାହ ମହୋତ୍ସବ

ରାଉରକେଲା,(ନିପ୍ର): ଶୀତଳଷଷ୍ଠୀ ଉପଲକ୍ଷେ ଉଦିତନଗର ସ୍ଥିତ ଶ୍ରୀ ପଞ୍ଚଦେବ କଲଚରାଲ୍ ଟ୍ରଷ୍ଟ ପକ୍ଷରୁ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଆୟୋଜିତ ହେଉଛି ଦେବାଧିଦେବ ଶ୍ରୀ ଜଳେଶ୍ୱର ମହାଦେବ ଏବଂ ମାତା ପାର୍ବତୀଙ୍କ ଦେବ ବିବାହ ମହୋତ୍ସବ।

ଏହି ଅବସରରେ ବୁଧବାର ଶ୍ରୀଜଳେଶ୍ୱର ମହାଦେବଙ୍କ ପତ୍ର ପେଣ୍ଡି କାର୍ଯ୍ୟକ୍ରମ ସରିଥିଲା ବେଳେ ଆରମ୍ଭ ହୋଇଛି ମହାଦେବଙ୍କ ରୁଦ୍ରାଭିଷେକ। ବର ପକ୍ଷର କର୍ତ୍ତା ଭାବେ ରାଜେନ୍ଦ୍ର ପ୍ରସାଦ ମଲ୍ଲ ସପତ୍ନୀକ ହୋଇଥିଲା ବେଳେ କନ୍ୟା ପକ୍ଷରୁ କର୍ତ୍ତା ଭାବେ ଡାକ୍ତର କିଶୋର ଦାସ ଏବଂ ପରିବାର ହୋଇଛନ୍ତି। ସନ୍ଧ୍ୟା ୫ଟା ୩୦ରୁ ଦେବାଧିଦେବ ମହାଦେବଙ୍କ ବରାନୁଗମନ (ବାରାତ) ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରୁ ବାହାରି ସହର ପରିକ୍ରମା କରିବା ପରେ ୮ଟା ୧୩ ମିନିଟରେ ଦେବ ବିବାହ ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ବରପକ୍ଷଙ୍କ କର୍ତ୍ତା ରାଜେନ୍ଦ୍ର ମଲ୍ଲ। ଶ୍ରୀ ପଞ୍ଚଦେବ କଲଚରାଲ୍ ଟ୍ରଷ୍ଟ ପରିଚାଳନା କମିଟିର ଅଧ୍ୟକ୍ଷ ଦିଲ୍ଲୀପ କୁମାର କର, ଉପାଧ୍ୟକ୍ଷ ଶରତ ଚନ୍ଦ୍ର ପଲାଇ ଏବଂ ମହେଶ୍ୱର ସ୍ୱାଇଁ, ମ୍ୟାନେଜିଂ ଟ୍ରଷ୍ଟି ବିଜୟ କୁମାର ପ୍ରଧାନ, ସହ-ସମ୍ପାଦକ ପ୍ରଦୀପ କୁମାର ଦାସ, କୋଷାଧ୍ୟକ୍ଷ ସୂର୍ଯ୍ୟମଣି ବେହେରା, କାର୍ଯ୍ୟକାରିଣୀ ସଦସ୍ୟ କାଶିନାଥ ସାହୁ, କ୍ଷୀରୋଦ କୁମାର ସାହୁ, ଜୟଦୀପ ମିଶ୍ର, ପ୍ରଭାତ କୁମାର ଟେବ୍ରିୱାଲ, ବିଶ୍ୱରଞ୍ଜନ ବେହୁରା, ଗିରିଧାରୀ ଅଗ୍ରୱାଲ, ପ୍ରଦୀପ କୁମାର ସିଂ, ସୁଶାନ୍ତ ସେନାପତି ପ୍ରମୁଖ ଉପସ୍ଥିତ ରହି ଶୀତଳଷଷ୍ଠୀ ଯାତ୍ରାରେ ସାମିଲ ହୋଇଥିଲେ।

## ବ୍ଲକସ୍ତରୀୟ କୃଷକ ସମ୍ବାଦ ଓ କର୍ମଶାଳା

ବୁଗୁଡ଼ା,(ନିପ୍ର): ଓଡ଼ିଶା ସରକାରଙ୍କ ଦୁଇ ବର୍ଷର ସଫଳ ଶାସନ ପୂର୍ତ୍ତି ଅବସରରେ ବୁଗୁଡ଼ା ବ୍ଲକ ସମ୍ମିଳନୀ କକ୍ଷ ଠାରେ “ବିକାଶ ଧାରା ଓଡ଼ିଶା ସାରା” କାର୍ଯ୍ୟକ୍ରମ ଦ୍ୱିତୀୟ ଦିନରେ ବ୍ଲକସ୍ତରୀୟ କୃଷକ ସମ୍ବାଦ ଓ କର୍ମଶାଳା ଆୟୋଜିତ ହୋଇଥିଲା। “ପ୍ରାକୃତିକ ଓ ପ୍ରଗତିଶୀଳ କୃଷି” ବିଷୟକୁ ନେଇ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗୋଷ୍ଠି ଉନ୍ନୟନ ଅଧିକାରୀ ଦୁତିକୃଷ୍ଣ ପାତ୍ର,ସହକାରୀ ଗୋଷ୍ଠି ଉନ୍ନୟନ ଅଧିକାରୀ ଧର୍ମରାଜ ପରିଡା, ତହସିଲଦାର ତାପସ ରାଉତ, ବ୍ଲକ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ ଏବଂ ଅଞ୍ଚଳର ବହୁ କୃଷକ, କୃଷି ବିଶେଷଜ୍ଞ ଓ ସମାଜସେବୀ ଯୋଗଦେଇ କୃଷିର ଉନ୍ନତ ପଦ୍ଧତି ସମ୍ପର୍କରେ ଆଲୋଚନା କରିଥିଲେ। କର୍ମଶାଳାରେ ପ୍ରାକୃତିକ କୃଷିର ଉପକାରିତା, ରାସାୟନିକ ସାର ଓ କୀଟନାଶକର ବିକଳ୍ପ ବ୍ୟବହାର, ଜୈବିକ ଚାଷ, ଜଳ ସଂରକ୍ଷଣ, ମାଟିର ଉର୍ବରତା ବୃଦ୍ଧି ଏବଂ ଆଧୁନିକ କୃଷି ପ୍ରଯୁକ୍ତିର ପ୍ରୟୋଗ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ପ୍ରାକୃତିକ କୃଷି ମାଧ୍ୟମରେ ଉତ୍ପାଦନ ଖର୍ଚ୍ଚ କମିବା ସହ ପରିବେଶ ସୁରକ୍ଷା ଓ ଚାଷୀଙ୍କ ଆୟ ବୃଦ୍ଧି ସମ୍ଭବ ହୋଇପାରିବ। ଏହି ଅବସରରେ ସଫଳ ଓ ପ୍ରଗତିଶୀଳ କୃଷକମାନେ ନିଜ ଅନୁଭୂତି ବାଣ୍ଟିଥିଲେ ଏବଂ ଅନ୍ୟ କୃଷକମାନଙ୍କୁ ନୂତନ କୃଷି ପଦ୍ଧତି ଆପଣେଇବା ପାଇଁ ଉତ୍ସାହିତ କରିଥିଲେ। କୃଷକମାନଙ୍କ ବିଭିନ୍ନ ସମସ୍ୟା ଓ ସମାଧାନ ସମ୍ପର୍କରେ ମଧ୍ୟ ଖୋଲା ଆଲୋଚନା ହୋଇଥିଲା।ଏ

## ଜଟଣୀ ପଞ୍ଚାୟତ ସମିତି ସ୍ତରୀୟ ପ୍ରଦର୍ଶନୀ

ଜଟଣୀ(ନିପ୍ର) : ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତୀ ଅବସରରେ ଜଟଣୀ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ବ୍ଲକ୍ସ୍ତରୀୟ ଜନକଲ୍ୟାଣ ପ୍ରଦର୍ଶନୀ ଶିବିର ଶୁଭାରମ୍ଭ ହୋଇଛି। ଏଥିରେ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟ, ଜିଲ୍ଲା ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ଡକ୍ଟର ଉମାକାନ୍ତ ପଟ୍ଟନାୟକ ଯୋଗଦେଇ ବ୍ଲକ୍ସ୍ତରୀୟ ଅଧିକାରୀମାନଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ସରାକରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ବନ୍ଧୀୟ ପ୍ରଦର୍ଶନୀ ମେଳାକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଲିଲ କୁମାର ଦାଶ, ଜିପିଡିଓ ସତ୍ୟସ୍ୱରୂପ ବିଶ୍ୱାଳ ଓ ଏପିଓ ଚନ୍ଦନ କୁମାର ଭୋଳଙ୍କ ସମେତ ଅନ୍ୟ ବ୍ଲକ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ଏହା ଆଗାମୀ ଏକ ସପ୍ତାହ ଧରି ଚାଲୁ ରହିବ ଓ ଗ୍ରାମ ପଞ୍ଚାତସ୍ତରରେ ମଧ୍ୟ ଏହି ଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା ପ୍ରକାଶ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଉପଲକ୍ଷେ ଏହିଭଳି ଜନ କଲ୍ୟାଣ ଶିବିର ଆୟୋଜନ କରି ସଚେତନତା ସୃଷ୍ଟି କରିବା, ହିତାଧିକାରୀ ମାନଙ୍କୁ ସହାୟତା ପ୍ରଦାନ ପାଇଁ ଏହି କାର୍ଯ୍ୟକ୍ରମ ଏକ ବ୍ୟାପକ ଜନସମ୍ପର୍କ ଓ ସେବା ପ୍ରଦାନକାରୀ ମାଧ୍ୟମ ଭାବେ କାର୍ଯ୍ୟ କରିବ ବୋଲି ଅତିଥି ମାନେ ମତ ବ୍ୟକ୍ତ କରିଥିଲେ ।

# ଗ୍ରାମବାସୀଙ୍କ ଉଦ୍ୟମରେ ସଫା ହେଲା କୁଆମୁଣ୍ଡା ପୋଖରୀ



କେସିଙ୍ଗା,(ନିପ୍ର): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ଲଇତରା ପଞ୍ଚାୟତର ମଶାଣିମୁଣ୍ଡା ଗ୍ରାମର କୁଆମୁଣ୍ଡା ପୋଖରୀକୁ ଗ୍ରାମବାସୀ ନିଜ ଉଦ୍ୟମରେ ସଫା କରିଥିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଦୀର୍ଘ ପ୍ରାୟ ୨୦ ବର୍ଷ ଧରି ପୋଖରୀଟି ଅବହେଳିତ ଅବସ୍ଥାରେ ପଡ଼ି ରହିଥିବାବେଳେ ପ୍ରଶାସନ ପକ୍ଷରୁ କୌଣସି ସ୍ଥାୟୀ ପଦକ୍ଷେପ ନିଆଯାଇନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ।

ସୂଚନା ଅନୁଯାୟୀ, କୁଆମୁଣ୍ଡା ପୋଖରୀ ଉପରେ ମଶାଣିମୁଣ୍ଡା ଗ୍ରାମର ଅନେକ ପରିବାର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ନିର୍ଭରଶୀଳ। ଗ୍ରାମର ଦୈନନ୍ଦିନ କାର୍ଯ୍ୟ ସହିତ ପଶୁପାଳନ ଓ କୃଷି କାର୍ଯ୍ୟରେ ମଧ୍ୟ ଏହି ପୋଖରୀର ଗୁରୁତ୍ୱ ରହିଛି। କିନ୍ତୁ ଦୀର୍ଘ ଦିନ ଧରି ଏହାର ରକ୍ଷଣାବେକ୍ଷଣ ନ ହେବାରୁ ପୋଖରୀର ପାଣି ସମ୍ପୂର୍ଣ୍ଣ ଭାବେ ମଇଳା ହୋଇପଡ଼ିଥିଲା। ଜଙ୍ଗଲି ଘାସ, ଆବର୍ଜନା ଓ ପଙ୍କରେ ପୋଖରୀଟି ଭରିଯାଇ ଅବ୍ୟବସ୍ଥା ହୋଇଥିଲା। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଏହି ସମସ୍ୟାକୁ ନେଇ ସେମାନେ ପଞ୍ଚାୟତ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଏକାଧିକ ଥର ଲିଖିତ ଅଭିଯୋଗ କରିଆସୁଥିଲେ। ତଥାପି ସମସ୍ୟାର ସମାଧାନ ଦିଗରେ କୌଣସି ଦୃଶ୍ୟମାନ ପଦକ୍ଷେପ ନିଆଯାଇନଥିଲା। ପ୍ରଶାସନର ଏହି ଉଦାସୀନ ମନୋଭାବ ପ୍ରତି ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶେଷରେ ବାଧ ହୋଇ ଗ୍ରାମର ଯୁବକ, ବୃଦ୍ଧ ଓ ମହିଳାମାନେ ଏକତ୍ର ହୋଇ ନିଜସ୍ୱ ଶ୍ରମଦାନ ମାଧ୍ୟମରେ ପୋଖରୀ ସଫେଇ କାର୍ଯ୍ୟ ଆରମ୍ଭ କରିଥିଲେ। ସମସ୍ତଙ୍କ ମିଳିତ ପ୍ରୟାସରେ ପୋଖରୀରୁ ଆବର୍ଜନା, ଜଙ୍ଗଲି ଘାସ କରାଯାଇଥିଲା। ଗ୍ରାମବାସୀ କହିଛନ୍ତି ଯେ ପ୍ରଶାସନ ଧ୍ୟାନ ନ ଦେବାରୁ ସେମାନେ ପ୍ରତିବର୍ଷ ନିଜ ଉଦ୍ୟମରେ ପୋଖରୀ ସଫା କରିଆସୁଛନ୍ତି।

## ସରାପାଲି ଶିଶୁମନ୍ଦିର ସ୍ଥାୟିତ୍ୱ ନିମନ୍ତେ ଦାବିପତ୍ର

ରେଢ଼ାଖୋଲ,(ନିପ୍ର): ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ୍ ସରାପାଲି ଗାଁ ରେ ଗତ ୨୦୧୧ ମସିହାରୁ ଏଠାରେ ସ୍ଥାନୀୟ ଲୋକ ଏବଂ ଆଖପାଖ ପାଞ୍ଚଖଣ୍ଡ ଗାଁ ସହମତରେ ଏଠାରେ ଏକ ସରସ୍ୱତୀ ଶିଶୁ ମନ୍ଦିର ଆରମ୍ଭ ହୋଇଥିଲା। କୋଭିଡ ମହାମାରୀ ପୂର୍ବରୁ ଏହି ଶିଶୁ ବିଦ୍ୟା ମନ୍ଦିର ସ୍କୁଲଟି ଭଲ ଚାଲିଥିଲା । ସରକାରଙ୍କ ଆରଟିଇ ୨୦୦୯ ଆକ୍ଟ ନିୟମ ଅନୁସାରେ ଏଠାରେ ଥିବା ଗରିବ ଶ୍ରେଣୀ ପବିବାର ଶିଶୁମାନେ ଏହି ଶିକ୍ଷାନୁଷ୍ଠାନରେ ମାଗଣା ଶିକ୍ଷାଦାନ କରି ଉପକୃତ ହେଉଥିଲେ । ହେଲେ ଦୁଃଖର ବିଷୟ ଏହି ଗାଁ ଟି ୬ଟି ପଡ଼ାରେ ବିଭକ୍ତ ଥିବାରୁ ଏଠାର କିଛି ଅମାନୁଷିକ ବ୍ୟକ୍ତି ଗଣ ଏହି ସ୍କୁଲ ବିପକ୍ଷରେ ଯାଇ ଆଜି ପର୍ଯ୍ୟନ୍ତ କ୍ଷତି କରିଚାଲିଥିବା ଅଭିଯୋଗ ନେଇ ଗୁରୁବାର ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମିରଂଜନ ମହାନ୍ତଙ୍କୁ ଏକ ଲିଖିତ ଦାବିପତ୍ର ଦେଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ ବହୁବର୍ଷ ପୂର୍ବରୁ ସେସମୟର ନାକଟିଦେଉଳ ତହସିଲଦାର, ଆଇଆଇସି,ବିଡ଼ିଓ ଏବଂ ଉପଜିଲ୍ଲାପାଳ ଓ ଭିଏସଏସ୍ ୱାଇ ସଂଘ ଉପସ୍ଥିତିରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସମାଧାନ ହୋଇଥିଲା । ସେହି ସମୟରେ ସ୍କୁଲ ସ୍ଥାୟୀତ୍ୱ ନେଇ ଲୋକେ ଖୁସି ହୋଇଥିଲେ। ହେଲେ ବର୍ତ୍ତମାନ କିଛି ଅସାଧୁ ଲୋକଙ୍କ କୁ ଚକ୍ରାନ୍ତ ଏବଂ ଷଡ଼ଯନ୍ତ୍ର ଯୋଗୁଁ ସ୍କୁଲର ସ୍ଥାୟୀତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସ୍କୁଲ ଗଠନ ସମୟରେ ଗାଁର କିଛି ଭଦ୍ର ବ୍ୟକ୍ତିଙ୍କ ଅଧୀନରେ ଥିବା ଆମ୍ବ ବର୍ଗାୟତ ଜାଗାକୁ ସର୍ବସମ୍ମତିକ୍ରମେ ଦାନ କରିଥିଲେ । ଏହା ସରକାରୀ ଜାଗା ଥିଲେ ମଧ୍ୟ ପୂର୍ବ ପୁରୁଷରୁ ଏହି ବ୍ୟକ୍ତିଙ୍କ ଅଧିକୃତରେ ଥିବା ଜାଗାଟିରେ ସ୍କୁଲ ପାଇଁ ଦିଆଗଲା ପୂର୍ବରୁ ଏଠାରେ ସରକାରଙ୍କ ଭିଏସ ଏସ ୱାଇ ଅର୍ଦ୍ଧ ନିର୍ମିତ ଘରଟିଏ ଥିଲା ସେଠାରେ ସମସ୍ତଙ୍କ ସହମତିରେ ସ୍କୁଲ ଚାଲିଥିଲା । ୨୦୦୮ରୁ ସଂଘର ସ୍ଥିତି ବନ୍ଦ ଥିବା ଯୋଗୁଁ ସଂଘ ଘରେ ସ୍କୁଲ୍ ଚାଲିଥିଲା । ଏହି ଜାଗା ବାବଦକୁ ସ୍କୁଲ ୨୦୧୩ ମସିହାରୁ ଏନକ୍ରୋଜ ମେଣ୍ଟ କରି ଦଣ୍ଡ ବହନ କରିଥିଲା । ଏ ସମସ୍ତ କଥା ସମସ୍ତ ପଡାବାସୀ ଜାଣିଥିଲେ ମଧ୍ୟ ସଂଘ ଘର ଏବଂ ଜାଗା ପାଇଁ କିଛି ଅସାଧୁ ବ୍ୟକ୍ତି ଗଣ ସ୍କୁଲର କ୍ଷତି ତଥା ବିପକ୍ଷରେ ଯାଉଥିବା ଯୋଗୁଁ ଏହାର ପୂର୍ଣ୍ଣ ସମାଧାନ କରିବା ସହ ସ୍କୁଲ ଘର ଥିବା ଜାଗାକୁ ସ୍କୁଲ୍ ନାମରେ କରିବାକୁ ଗ୍ରାମବାସୀ ଅଭିଯୋଗରେ ଉଲ୍ଲେଖ କରିଛନ୍ତି ।



## ‘ବିକାଶର ଧାରା, ଓଡିଶା ସାରା’ ଦୁଇ ବର୍ଷ ପୂର୍ତ୍ତି ଅବସରରେ ବ୍ଲକସ୍ତରୀୟ ସମ୍ମିଳନୀ

ଭାପୁର,(ନିପ୍ର): କେନ୍ଦ୍ର ସରକାରଙ୍କ ୧୨ ବର୍ଷ ଓ ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂରଣ ପୂର୍ତ୍ତି ଉପଲକ୍ଷେ ସରକାରଙ୍କ ବିଭିନ୍ନ ଯୋଜନାଗୁଡ଼ିକ ଗ୍ରାମାଞ୍ଚଳର ତୃଣମୂଳସ୍ତରରେ ଗତ ଦୁଇ ବର୍ଷ ଧରି କିଭଳି ଭାବରେ ପରିବର୍ତ୍ତନ ଆଣିଛି ସେ ଦିଗକୁ ନେଇ ସରକାରଙ୍କ ପ୍ରାୟୋଜିତ କାର୍ଯ୍ୟକ୍ରମ ‘ବିକାଶର ଧାରା,ଓଡିଶା ସାରା’ ଭାପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ଠାରୁ ଉଦ୍‌ଘାଟନ ହୋଇ ୪ ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ଦିବସରେ ଖଣ୍ଡପଡା ବିଧାୟକ ଇଂ ଦୁଷ୍ମନ୍ତ ସ୍ୱାଇଁ ମୁଖ୍ୟଅତିଥି ରୂପେ ଯୋଗଦେଇ ରାଜ୍ୟ ସରକାରଙ୍କ ବିକାଶ କାର୍ଯ୍ୟକ୍ରମ ଉପରେ ମତାମତ ପ୍ରଦାନ କରିଥିଲେ। ବ୍ଲକ ଉନ୍ନୟନ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର ସମ୍ମିଳନୀରେ ଭାପୁର ବ୍ଲକ ଅଂଚଳର ବିକାଶ ଓ ଆଗାମୀ ରୂପରେଖ ସମ୍ପର୍କରେ ସବିଶେଷ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ, ଅନ୍ୟମାନଙ୍କ ମଧ୍ୟରେ ସାଂସଦଙ୍କ ଜ଼ିଲ୍ଲା ପ୍ରତିନିଧି ଗୟାଧର ପରିଡା,ବ୍ଲକ ପ୍ରତିନିଧି ତୋଫାନ କୁମାର ପ୍ରଧାନ,ଜ଼ିଲ୍ଲା ପରିଷଦ ସଭ୍ୟ ସୁଶାନ୍ତ କୁମାର ସାହୁ ଓ ବିଜୟ କୁମାର ସାମନ୍ତରାୟଙ୍କ ସମେତ ଜନପ୍ରତିନିଧି ତଥା ସ୍ୱୟଂ ସହାୟକ ଗୋଷ୍ଠୀର ମାଆମାନେ ଯୋଗ ଦେଇଥିଲେ। ଡବଲ ଇଞ୍ଜିନ ସରକାରଙ୍କ ସମନ୍ୱିତ ପ୍ରୟାସ ଫଳରେ ଭାପୁର ବ୍ଲକର ବିକାଶ ଦିଗରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ,୧୫ ଜଣ ଭିଆରପି ପର୍ସନଙ୍କୁ ସ୍ମାର୍ଟ ଫୋନ ପ୍ରଦାନ, ୬୦ ବର୍ଷରୁ ଅଧିକ ୧୪୭ ଜଣ ହିତାଧିକାରୀଙ୍କୁ ନୂତନ ଭତ୍ତା ପ୍ରଦାନ ସହିତ ୨୦୬ ଜଣଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଅନ୍ତର୍ଭୁକ୍ତ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା।

## ପୋଲିସର ତତ୍ପରତା: ତିରୁପତିରୁ ଉଦ୍ଧାର ୨ ବନ୍ଧକ ଶ୍ରମିକ

ପାରଳାଖେମୁଣ୍ଡି,(ନିପ୍ର): ଅନେକ ସମୟରେ ପୋଲିସ ବିଭାଗକୁ କେବଳ ଆଇନ ଶୃଙ୍ଖଳା ରକ୍ଷାର ସୀମାରେ ଦେଖାଯାଏ। କିନ୍ତୁ କେତେକ ଘଟଣା ପ୍ରମାଣ କରେ ଯେ ପୋଲିସ କେବଳ ଏକ ପ୍ରଶାସନିକ ସଂସ୍ଥା ନୁହେଁ, ସଙ୍କଟ ସମୟରେ ମାନବିକତାର ସବୁଠାରୁ ବଡ଼ ଆଶ୍ରୟସ୍ଥଳ ମଧ୍ୟ। ଏମିତି ଏକ ଉଦାହରଣ ସୃଷ୍ଟି କରିଛି ଗଜପତି ପୋଲିସ। ଆନ୍ଧ୍ରପ୍ରଦେଶର ତିରୁପତିରେ ବନ୍ଧକ ଶ୍ରମିକ ଭାବେ ଅମାନବୀୟ ପରିସ୍ଥିତିରେ ଅଟକି ରହିଥିବା ଦୁଇ ଶ୍ରମିକଙ୍କୁ ସୁରକ୍ଷିତ ଉଦ୍ଧାର କରି ଗଜପତି ପୋଲିସ ଦେଖାଇଛି ଯେ ଜନସୁରକ୍ଷା ପ୍ରତି ସେମାନଙ୍କର ଦାୟିତ୍ୱ କେବଳ ନିଜ ଜିଲ୍ଲା ସୀମାରେ ସୀମିତ ନୁହେଁ। ପରିବାର ପକ୍ଷରୁ ସୂଚନା ମିଳିବା ମାତ୍ରେ ରା. ଉଦୟଗିରି ଉପଖଣ୍ଡ ପୋଲିସ ଅଧିକାରୀ ରାକେଶ କୁମାର ସାହୁ ଘଟଣାର ତୁରନ୍ତ ପଦକ୍ଷେପ ନେଲେ, ତାହା ପ୍ରଶଂସନୀୟ। ତିରୁପତି ପୋଲିସ ସହ ଅନ୍ତଃରାଜ୍ୟ ସମନ୍ୱୟ ସ୍ଥାପନ କରି ଶୀଘ୍ର ଉଦ୍ଧାର କାର୍ଯ୍ୟ ସଫଳ କରାଯିବା ଦେଖାଇଦେଇଛି ଯେ ଯଦି ପୋଲିସ ପ୍ରଶାସନ ଇଚ୍ଛାଶକ୍ତି ସହ କାମ କରେ, ତେବେ ଅସହାୟ ଲୋକଙ୍କୁ ନ୍ୟାୟ ଦେବା ସମ୍ଭବ। ଶାନ୍ତିଏଲ୍ କରାଡ ଓ ଗାମିଲିଏଲ୍ କରାଡଙ୍କ ସୁରକ୍ଷିତ ଘରକୁ ଫେରିଛନ୍ତି ଏହା କେବଳ ଦୁଇ ପରିବାରର ଆଶ୍ୱାସ ନୁହେଁ, ଏହା ସମାଜକୁ ଏକ ବାର୍ତ୍ତା ଦେଇଛି “ସଚେତନ ପୋଲିସ ବ୍ୟବସ୍ଥା ଥିଲେ ଅନ୍ୟାୟ ଦୀର୍ଘ ସମୟ ଟିକି ରହିପାରେ ନାହିଁ। ଗଜପତି ପୋଲିସର ଏହି କାର୍ଯ୍ୟ ପ୍ରମାଣ କରିଛି ଯେ ପୋଷାକ ପଛରେ କେବଳ ଶକ୍ତି ନୁହେଁ, ମାନବିକତା, ସମର୍ପଣ ଓ ଦାୟିତ୍ୱବୋଧ ମଧ୍ୟ ରହିଛି।



## ତୋଫାନ ହତ୍ୟା ଘଟଣା: ଅଭିଯୁକ୍ତଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି

ରାଉରକେଲା,(ନିପ୍ର): ଜୁନ୍ ୧୬ ତାରିଖରେ ୨୯ ବର୍ଷୀୟ ଯୁବକ ତୋଫାନ ବିନ୍ଧାଣୀଙ୍କ ନିର୍ମମ ହତ୍ୟାକୁ ନେଇ ରାଉରକେଲା ସେକ୍ଟର-୬ ଅଞ୍ଚଳର ବାସିନ୍ଦାଙ୍କ ମଧ୍ୟରେ ଆକ୍ରୋଶ ବୃଦ୍ଧି ପାଇବା ଯୋଗୁଁ ସେମାନେ ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀଙ୍କ ଘର ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଘଟଣାର ଦୁଇ ଦିନ ପରେ ମଧ୍ୟ ପୋଲିସ ପକ୍ଷରୁ କୌଣସି ଗିରଫଦାରୀ ହୋଇନାହିଁ ବୋଲି ସେମାନେ କ୍ଷୋଭ ପ୍ରକାଶ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ମୃତକଙ୍କ ପରିବାର ସଦସ୍ୟ ଏବଂ ସ୍ଥାନୀୟ ବାସିନ୍ଦା ସେକ୍ଟର-୭ ଥାନାରେ ବିକ୍ଷୋଭ ପ୍ରଦର୍ଶନ କରି ହତ୍ୟାକାଣ୍ଡରେ ସମ୍ପୃକ୍ତ ଲୋକଙ୍କୁ ତୁରନ୍ତ ଗିରଫ କରିବା ଦାବି କରିଥିଲେ। ତାପରେ ପ୍ରତିବାଦକାରୀମାନେ ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀଙ୍କ ବାସଭବନ ନିକଟକୁ ଆସି ବାହାରେ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିରେ ସେମାନେ ବିଧାୟକଙ୍କୁ ହସ୍ତକ୍ଷେପ କରି ଅଭିଯୁକ୍ତଙ୍କ ବିରୁଦ୍ଧରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ କରିବାକୁ ଅନୁରୋଧ କରିଥିଲେ। ଅଭିଯୋଗ କରିଥିଲେ ଯେ, ତୋଫାନ ବିନ୍ଧାଣୀ ବିଜେପିର ସମର୍ଥକ ଥିଲେ ଏବଂ ଦୋଷୀଙ୍କ ଗିରଫଦାରୀକୁ ସହଜ କରିବା ପାଇଁ ପଦକ୍ଷେପ ନେବାକୁ ବିଧାୟକଙ୍କୁ ଅନୁରୋଧ କରିଥିଲେ। ପ୍ରତିବାଦ ସମୟରେ, କିଛି ବାସିନ୍ଦା ପ୍ରତିବାଦ ସ୍ୱରୂପ ବିଧାୟକଙ୍କ ଗାଡ଼ି ସମ୍ମୁଖରେ ବସିଥିବା ଜଣାପଡ଼ିଥିଲା। ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଳମ୍ବ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଚିନ୍ତାର ବିଷୟ ପାଲଟିଛି। ସୂଚନା ଅନୁଯାୟୀ, ସେକ୍ଟର-୫ ଗୋଲଘର ରାମେଶ୍ୱର ପାଲିର ବାସିନ୍ଦା ୨୯ ବର୍ଷ ବୟସ୍କ ତୋଫାନ ବିନ୍ଧାଣୀଙ୍କୁ ମଙ୍ଗଳବାର ନାରାୟଣପାଲିର କିଛି ଯୁବକ ଆକ୍ରମଣ କରି ନିର୍ମମ ଭାବରେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ଉତ୍ତେଜନା ସୃଷ୍ଟି କରିଛି। ବାସିନ୍ଦାମାନେ ତୁରନ୍ତ ନ୍ୟାୟ ଦାବିକରି ଅଭିଯୁକ୍ତଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

## ବଳଭଦ୍ରପୁର ବିଦ୍ୟାଳୟ ପ୍ରାଙ୍ଗଣରେ ଗ୍ରୀଷ୍ମ ଉତ୍ସବ

ଡେରାବିଶ,(ଓ.ଏନ.ଏନ) : ଓଡିଶା ଭାଷା ସାହିତ୍ୟ ବିଭାଗ, ସଂସ୍କୃତି ବିଭାଗ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଭିସ୍ୱାଲ ମିଳିତ ସହଯୋଗରେ ବଳଭଦ୍ରପୁର ବିଦ୍ୟାଳୟ ପ୍ରାଙ୍ଗଣରେ ଗ୍ରୀଷ୍ମ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ସମାଜ ସେବି ବୈକୁଣ୍ଠ ସ୍ୱାଇଁ ପ୍ରଦୀପ ପ୍ରଜ୍ୱଳନ କରି ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ମଇ ୨୮ ତାରିଖରେ ଅନୁଷ୍ଠିତ ଏହି ଉତ୍ସବରେ କୁନି କୁନି ପିଲାମାନଙ୍କ ଦ୍ୱାରା ଗ୍ରୀଷ୍ମ ସଚେତନତା ଉପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପରିବେଷଣ କରାଯାଇଥିଲା । ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କୁ ସଚେତନ କରାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ସଂଗଠନର ସଭାପତି ଶ୍ରୀ ଦେବ ମହାନ୍ତି ଉତ୍ସବର ଉଦ୍ଦେଶ୍ୟ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଉକ୍ତ ଅଞ୍ଚଳର ସମାଜସେବି ବୈକୁଣ୍ଠ ସ୍ୱାଇଁ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଶୁଭାରମ୍ଭ କରିଥିଲେ। ଆଖ ପାଖ ଅଞ୍ଚଳର ବହୁତ ହସ୍ତ କାରିଗର ସେମାନଙ୍କର ପ୍ରସ୍ତୁତ ସାମଗ୍ରୀକୁ ସେଠାରେ ପ୍ରଦର୍ଶନ କରିବା ସହ ବିକ୍ରି ମଧ୍ୟ କରିଥିଲେ। ଉପସ୍ଥିତ ସ୍ଥାନୀୟ ହାତ କାରିଗରମାନେ ଏଭଳି ଉତ୍ସବ ହେଲେ ଭବିଷ୍ୟତରେ ତାଙ୍କୁ ଏକ ସୁନିଶ୍ଚିତ ରୋଜଗାର ମିଳିବ ବୋଲି କହିଥିଲେ। ସଂଗଠନର ସମ୍ପାଦକ ନୃସିଂହ ବିଶ୍ୱାଳ ଉପସ୍ଥିତ ସମସ୍ତ ଦର୍ଶକ, ଆୟୋଜକ ଏବଂ ଅଞ୍ଚଳର ସମସ୍ତ ନାଗରିକ ମାନଙ୍କୁ ଉତ୍ସବର ସଫଳତା ପାଇଁ ଧନ୍ୟବାଦ ଜଣାଇଥିଲେ। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବୀରଭଦ୍ର ସ୍ୱାଇଁ, ଅମରେନ୍ଦ୍ର ଗୋଛାୟତ ଓ ବ୍ରଜ ସାମଲ ଉପସ୍ଥିତ ରହି ଉତ୍ସବର ସୁପରିଚାଳନା କରିଥିଲେ।

## ମୁସଲିମ୍ ମହିଳାମାନଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ(ନିପ୍ର): ଭାରତୀୟ ମୁସଲିମ୍ ମହିଳା ଆନ୍ଦୋଳନ, ମୁମ୍ବାଇ ତରଫରୁ ବାଇପାସସ୍ଥିତ ଆଶିଆନା ସଭାଗୃହରେ ଆଶିଆନାର ସମ୍ପାଦିକା ସୋଫିଆ ସେକ୍‌ଙ୍କ ସଭାପତିତ୍ୱରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ନୁର୍‌ଯାହାନ ସଫିଆ ନିଆଜ ସଂସ୍ଥାପକ ଭାରତୀୟ ମୁସ୍‌ଲିମ୍ ମହିଳା ଆନ୍ଦୋଳନ, ମୁମ୍ବାଇ ଯୋଗଦେଇଥିବା ବେଳେ ସମ୍ମାନୀୟ ଅତିଥିଭାବେ ନଜିରିନା ଖାନ୍, ରାଷ୍ଟ୍ରିୟ ସମିତି ସଦସ୍ୟ ଭାରତୀୟ ମୁସଲିମ୍ ଆନ୍ଦୋଳନ, ପ୍ରଫେସର ଝରଣା ପଟ୍ଟନାୟକ, ଗାନ୍ଧୀ ଶାନ୍ତି ପ୍ରତିଷ୍ଠା ଓଡ଼ିଶା ସଂଯୋଜକ ବିଶ୍ୱଜିତ୍ ରାୟ, ଆଇନ୍‌ଜୀବୀ ରାଧାରାଣୀ ମହାପାତ୍ର ପ୍ରମୁଖ ଯୋଗଦେଇ ମୁସ୍‌ଲିମ୍ ମହିଳାମାନଙ୍କ ସାମାଜିକ ବନ୍ଦନାକୁ ବୁଝିବା ଓ ତାର ସୁଧାର ପାଇଁ କାମ କରିବା ସଂଗେ ସଂଗେ ମୁସ୍‌ଲିମ୍ ମହିଳାମାନଙ୍କୁ ସଶକ୍ତ କରିବା ଏବଂ ସେମାନଙ୍କ ସାମାଜିକ, ଆର୍ଥିକ, ରାଜନୈତି, ଧାର୍ମିକ ଓ ଆଇନ୍‌ଗତ ଅଧିକାରକୁ ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ନେବା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ବହୁ ବିବାହକୁ ବନ୍ଦ କରିବା ସଙ୍ଗେ ସଙ୍ଗେ, ବିବାହ ପାଇଁ ଝିଅ ଓ ପୁଅମାନେ ଉପଯୁକ୍ତ ବୟସରେ ବିବାହ କରିବା ପାଇଁ ସେମାନଙ୍କୁ ସଚେତନତା କରିବା ଆବଶ୍ୟକତା ଅଛି ବୋଲି ଅତିଥିମାନେ ନିଜ ନିଜ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ । ପୈତୃକି ସମ୍ପତ୍ତିରେ ମହିଳାମାନଙ୍କର ସମାନ ଅଧିକାର ଦେବା ନିମନ୍ତେ ଆଲୋଚନା କରାଯାଇଥିଲା ।

## ପ୍ରତିକାର ଖବରକାଗଜ ପକ୍ଷରୁ ୧୯ତମ ସ୍ୱନକ୍ଷତ୍ର ଉତ୍ସବ




ଭୁବେନଶ୍ୱର,(ନିପ୍ର): ସ୍ଥାନୀୟ ଜୟଦେବ ଭବନଠାରେ ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ପ୍ରତିକାର ପକ୍ଷରୁ ଏକ ରାଜ୍ୟସ୍ତରୀୟ ଓଡିଶା ପ୍ରତିଭା ସମ୍ମାନ ଓ ୧୯ ତମ ସ୍ୱନକ୍ଷତ୍ର ଉତ୍ସବ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରମୁଖ ବିଷୟ ଥିଲା ସାମ୍ବାଦିକତା ଏବଂ ନ୍ୟାୟ। ଏଥିରେ ଉଦ୍‌ଘାଟକ ଭାବରେ ସାମ୍ବାଦିକ ଶ୍ରୀରାମ ଦାସ ଯୋଗଦେବା ସହ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ, ବରିଷ୍ଠ ବିଜେପି ନେତା ପ୍ରିୟଦର୍ଶୀ ମିଶ୍ର, ସାମ୍ବାଦିକ ଡାକ୍ତର ମହେଶ୍ୱର, ରକେଶ ମହାନ୍ତି, ସୂର୍ଯ୍ୟପ୍ରକାଶ ମହାନ୍ତି, ସିନେମା ଅଭିନେତ୍ରୀ ଶୀତଲ ପାତ୍ର, ସାମ୍ବାଦିକ ସୁଧାଂଶୁ ମହାପାତ୍ର, କ୍ଷିରୋଦ ଚନ୍ଦ୍ର ପତି, ସୁନାମଧନ୍ୟ ଲେଖକ ଡଃ ପ୍ରସାନ୍ତ ବିଶ୍ୱାଳ, ପାପଡାହାଣ୍ଡି ଉନ୍ନୟନ ଅଧ୍ୟକ୍ଷ ସୁଶାନ୍ତ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିବା ବେଳେ ପ୍ରତିକାରର ପ୍ରତିଷ୍ଠାତା ଏବଂ ସମ୍ପାଦକ ଶ୍ରୀ ଶୁଭାଶିଷ ମିଶ୍ର ଅଧ୍ୟକ୍ଷତା କରିଥିଲେ । ସାମ୍ବାଦିକଙ୍କ ମୌଳିକ ସମସ୍ୟା ସମାଧାନ ଦିଗରେ ସରକାର ଉଚିତ୍ ପଦକ୍ଷପ ନେଲେ ଏବଂ ସେମାନଙ୍କୁ ସୁରକ୍ଷା, ସମ୍ମାନ, ସ୍ୱୀକୃତୀ କାର୍ଯ୍ୟର ସାମ୍ବାଦିକଙ୍କ ଉପରେ ହେଉଥିବା ଆକ୍ରମଣକାରିଙ୍କୁ ଉଚିତ୍ ଦଣ୍ଡବିଧାନ ଓ ନ୍ୟାୟ ପ୍ରଦାନ କରାଗଲେ ସେମାନେ ସମ୍ବାଦ ପରିବେଷଣ ଦିଗରେ ସଠିକ୍ ମାର୍ଗଦର୍ଶନ କରିହେବ। ସମ୍ପାଦପତ୍ରରେ ବର୍ତ୍ତମାନ ଉପଯୋଗ କରାଯାଉଥିବା କୃତ୍ରିମ ବୁଦ୍ଧିମତା (ଏ.ଆଇ) ଦ୍ୱାରା ସମ୍ବାଦପତ୍ରର ସତ୍ୟ ଏବଂ ତଥ୍ୟ ଭିତ୍ତିକ ସମ୍ବାଦ ପରିବେଷଣ ଉପରେ ସନ୍ଦେହ ବଳୟ ସୃଷ୍ଟି ହେଉଛି।

## ପୁତୁଗେଶ୍ୱର ମନ୍ଦିରରେ ମହା ସମାରୋହରରେ ଶିବ ବିବାହ

ଆସିକା (ନିପ୍ର): ଆସିକାର ପ୍ରସିଦ୍ଧ ପୁତୁଗେଶ୍ୱରଙ୍କ ଠାରେ ଆଜି ପ୍ରତିବର୍ଷ ଭଳି ଏହି ବର୍ଷ ମଧ୍ୟ ପ୍ରସିଦ୍ଧ ଶ୍ରୀ ଶ୍ରୀ ପୁତୁଗେଶ୍ୱରଙ୍କ ଠାରେ ଶିବ ବିବାହ ମହାସମାରୋହରେ ପାଳିତ ହୋଇଯାଇଛି । ଆଜି ପ୍ରଭାତରୁ ପ୍ରଭୁ ପୁତୁଗେଶ୍ୱରଙ୍କ ଠାରେ ସ୍ନାନ ଅଭିଷେକ ଆରତୀ ପୂଜା ପରେ ମନ୍ଦିର ନିକଟରୁ ଏକ ସୁସଜ୍ଜିତ ପାଲିଙ୍କିରେ ବୃଷଭରେ ବସୀ ବିଭିନ୍ନ ବାଦ୍ୟ ବାଜଣା ମଧ୍ୟରେ ନଗର ପରିକ୍ରମା କରିଥିଲେ । ପ୍ରଭୁ ପୁତୁଗେଶ୍ୱରଙ୍କ ଏହି ବିବାହ ଉତ୍ସବ ପାଇଁ ନଗରବାସୀଙ୍କ ପକ୍ଷରୁ କୁମ୍ଭ ସହ ପତାକା ଲଗାଇ ପ୍ରଭୁଙ୍କ ପୂଜାର୍ଚ୍ଚନା କରିଥିଲେ। ସାହି ସାହିରେ ବରଯାତ୍ରୀ ପଟୁଆରକୁ ପଣା ପାଣି ମିଷ୍ଟାର୍ଣ ପ୍ରଦାନ କରିଥିଲେ। ନଗର ପରିକ୍ରମା ପରେ ପ୍ରଭୁ ମନ୍ଦିର ଠାରେ ବିଜେ ହୋଇଥିଲେ।

## ବିକାଶର ଧାରା ଓଡ଼ିଶା ସାରା ଜିଲ୍ଲାସ୍ତରୀୟ ସମ୍ମିଳନୀ

# ସରକାରଙ୍କ ବିକାଶମୂଳକ ଯୋଜନା ଏବଂ ସଫଳତା ଉପସ୍ଥାପନ କଲେ ଉପମୁଖ୍ୟମନ୍ତ୍ରୀ




କଟକ(ନିପ୍ର): ଓଡ଼ିଆ ବଜାର ସ୍ଥିତ ନେତାଜୀ ସଂସ୍କୃତି ଭବନଠାରେ ଆଜି “ବିକାଶର ଧାରା ଓଡ଼ିଶା ସାରା” ଜିଲ୍ଲାସ୍ତରୀୟ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନା, ସଫଳତା ସମ୍ବନ୍ଧରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ସରକାର ଲୋକଙ୍କ ଆବଶ୍ୟକ ପୂରଣ କରିବା ତଥା ରାଜ୍ୟବାସୀଙ୍କ ସର୍ବାଙ୍ଗୀନ ବିକାଶ ଲକ୍ଷ୍ୟରେ ନିରନ୍ତର କାର୍ଯ୍ୟ କରୁଛନ୍ତି ବୋଲି ମତପ୍ରକାଶ କରିଥିଲେ । କୃଷି , ଶିକ୍ଷା , ସ୍ୱାସ୍ଥ୍ୟ , ଭିତ୍ତିଭୂମି ବିକାଶ , ମହିଳା ସଶକ୍ତିକରଣ ଏବଂ ଯୁବକଲ୍ୟାଣ କ୍ଷେତ୍ରରେ ସରକାରଙ୍କ ବିଭିନ୍ନ ପଦକ୍ଷେପ ଫଳପ୍ରଦ ହୋଇଥିବା ସେ ପ୍ରକାଶ କରିଛନ୍ତି । ସିଏମ କିଶାନରେ ଚାଷୀମାନଙ୍କୁ କାର୍ଡ ବଣ୍ଟନ କରାଯାଇଛି । ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ସୋଲାର ସୁବିଧା ରାଜ୍ୟବାସୀଙ୍କୁ ଯୋଗାଇ ଦିଆଯାଉଛି । ବିଦ୍ୟୁତ୍ ଯୋଗାଣ ସମ୍ପର୍କରେ ସୂଚନା ଦେବାକୁ ଯାଇ କହିଛନ୍ତି ଯେ ନୂତନ ୪ଟି ଗ୍ରୀଡ ସଂଯୋଗୀକରଣ କରାଯାଇଛି। ବର୍ତ୍ତମାନ ବଡମ୍ବା, ବାଙ୍କୀ ଅଞ୍ଚଳରୁ ପନିପରିବା ବିଦେଶକୁ ରପ୍ତାନୀ କରାଯାଉଛି । ଏଲନିନୋ ପ୍ରଭାବରେ କମ ବୃଷ୍ଟିପାତକୁ ଲକ୍ଷ୍ୟରେ ରଖି ଅଳ୍ପ ସମୟ ମଧ୍ୟରେ ଅମଳକ୍ଷମ ବିହନ ବ୍ୟବହାର କରିବା ଉପରେ ଉପମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ସମ୍ମାନୀତ ଅତିଥି ଭାବେ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ ଯୋଗଦେଇ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପକୁ ଆଗକୁ ନେବା ,ପାନୀୟ ଜଳ , ବାର୍ଦ୍ଧକ୍ୟ ଭତ୍ତା , ବିଦ୍ୟୁତ୍ ଆଦି ରାଜ୍ୟର ପ୍ରତ୍ୟେକ ଲୋକ ପାଖରେ ପହଞ୍ଚାଇବା ସରକାରଙ୍କ ଲକ୍ଷ୍ୟ ବୋଲି କହିଥିଲେ । ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ନିଆଳି ବିଧାୟକ ଛବି ମଲ୍ଲିକ , କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ, ଯୋଗଦେଇ ରାଜ୍ୟ ସରକାରଙ୍କ ବିକାଶର ଧାରା ସମ୍ପର୍କରେ ଆଲୋକପାତ କରି ବିକଶିତ ଓଡିଶା – ୨୦୩୬ ସହ ସମନ୍ୱିତ ଭାବରେ କଟକ ଜିଲ୍ଲାର ସାମଗ୍ରିକ ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଥିବା ସମ୍ପର୍କରେ ମତ ପ୍ରକାଶ କରିଥିଲେ । ଅନ୍ୟତମ ଅତିଥି ଭାବେ ବାରବାଟୀ-କଟକ ବିଧାୟିକା ଇଂ ସୋଫିଆ ଫିରଦୋସ ,କେନ୍ଦ୍ରାପଡା ସାଂସଦଙ୍କ ପ୍ରତିନିଧି ରାମନାରାୟଣ ମହାନ୍ତି ପ୍ରମୁଖ ଯୋଗ ଦେଇ ଆଲୋଚନାରେ ମତାମତ ରଖିଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ବିକଶିତ କଟକ – ୨୦୩୬ ନିମନ୍ତେ ଭିଜନ ଉପସ୍ଥାପନା କରିଥିଲେ ।

ତିଥି :(ପଞ୍ଚମୀ): (ଅଶ୍ଳେଷା କର୍କଟ)
ଅମୃତ ବେଳା: ଦିବା ଘ ୧୧।୩୬ ଗତେ ଘ ୨।୦ ମଧ୍ୟେ

## ଆଜିର ଅନୁଚିନ୍ତନ

ସର୍ବତ୍ର ନିଜର ସ୍ୱରୂପକୁ ଦର୍ଶନ କରୁଥିବା ଓ ଧ୍ୟାନଯୋଗରେ ଅନ୍ତଃକରଣକୁ ନିମଜ୍ଜିତ କରିଥିବା ସାଂଖ୍ୟଯୋଗୀ ସମସ୍ତ ପ୍ରାଣୀଙ୍କ ଠାରେ ନିଜର ସ୍ୱରୂପକୁ ସ୍ଥିତ ଦେଖେ ଏବଂ ସମସ୍ତ ପ୍ରାଣୀଙ୍କୁ ନିଜ ସ୍ୱରୂପରେ ସ୍ଥିତ ଦେଖେ।। - ଶ୍ରୀମଦ୍ ଭଗବଦ୍ ଗୀତା

# ପିଲାଖେଳ ନୁହେଁ ପାଠ୍ୟପୁସ୍ତକ

ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସଦ୍ୟ ପ୍ରକାଶିତ ପାଠ୍ୟପୁସ୍ତକଗୁଡ଼ିକରେ ତ୍ରୁଟିସଂଖ୍ୟା ଯାହା ହିସାବ ହେଉଛି ତାହାର ସଂଖ୍ୟା ୧୬୭୮ରେ ପହଞ୍ଚିଛି। ହୁଏତ ଅଧିକ ଅନୁଧ୍ୟାନ କଲେ ତ୍ରୁଟିସଂଖ୍ୟା ଅଧିକ ହୋଇପାରେ। ଏନେଇ ଜଣେ ନେତା ନିକଟରେ କହିଲେ ତ୍ରୁଟି କେଉଁସ୍ତରରେ ହେଲା ତାହାର ତଦନ୍ତ କରାଯିବା ସହିତ ତ୍ରୁଟିଗୁଡ଼ିକର ସଂଶୋଧନ କରାଯିବ। ଏ ପ୍ରସଙ୍ଗ ନେଇ ରାଜନୀତିକରଣ କରାନଯାଉ। ଏପରି ବିବୃତି ଆତ୍ମରକ୍ଷାମୂଳକ କି ନୁହେଁ ? ନେତାଙ୍କ ବିବୃତିର ହାଲୁକା ଢଙ୍ଗରୁ ମନେହେବ ପାଠ୍ୟପୁସ୍ତକଗୁଡ଼ିକ ଲାଗି ଖର୍ଚ୍ଚ ହୋଇଥିବା ଅର୍ଥ ସମ୍ଭବତଃ ବିଦେଶରୁ ଆସିଛି, ଏହା ରାଜ୍ୟ ଜନସାଧାରଣଙ୍କର ନୁହେଁ।

ଭାଷାରେ ତ୍ରୁଟି ଓଡ଼ିଆ ଅସ୍ମିତା ପ୍ରତି ଏକ ଆହ୍ୱାନ। ଦିନେ ଓଡ଼ିଆ ଭାଷାକୁ ବରବାଦ କରିବା ଚକ୍ରାନ୍ତ ହୋଇଥିଲା ଆମ ରାଜ୍ୟରେ। ଆମ ଭାଷାକୁ ସ୍କୁଲସ୍ତରରେ ହଟାଇବା ପାଇଁ କିଛି ବଙ୍ଗାଳୀ ବିଦ୍ୱାନ ଦିନେ ଅପପ୍ରୟାସ କରିଥିଲେ। ସେ ସମୟରେ ଫକୀରମୋହନ ସେନାପତି ନିଜେ ବହୁ ଉତ୍କୃଷ୍ଟ ପାଠ୍ୟପୁସ୍ତକ ଲେଖି ଓଡ଼ିଆଙ୍କ ପାରଦର୍ଶିତା ଉପସ୍ଥାପିତ କରିଥିଲେ। ଊନବିଂଶ ଶତାବ୍ଦୀରେ ପାଠ୍ୟପୁସ୍ତକ ପ୍ରଣୟନ ବେଳେ ଯେପରି ଆନ୍ତରିକତା ପରିଲକ୍ଷିତ ହୋଇଥିଲା ତାହା ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ପୂର୍ବକଥା। ସେ ସମୟର ଆନ୍ତରିକତା ଏବେ ବିରଳ କାହିଁକି ? କାହିଁକି ଏ ଅଧଃପତନ ?

ପାଠ୍ୟପୁସ୍ତକରେ ଅତୀତରେ କେବେ କେମିତି ତ୍ରୁଟି ହୋଇଛି ସତ, କିନ୍ତୁ ତାହା ଏତେ ସଂଖ୍ୟକ ନୁହେଁ, ଏବର ତ୍ରୁଟି ରେକର୍ଡ ତଥା ଐତିହାସିକ କହିଲେ କିଛି ଭୁଲ ହେବନାହିଁ। ଚଳିତ ବର୍ଷ ପିଲାଙ୍କୁ ଶିକ୍ଷାଦାନ ବେଳେ ଏହି ପୁସ୍ତକଗୁଡ଼ିକୁ କୌଣସି ପ୍ରକାର ଚଳାଇ ନେବା ଲାଗି ସରକାରୀ ସ୍ତରରେ ପ୍ରୟାସ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ତଦନ୍ତ କମିଶନ ଜରିଆରେ ୭ ଦିନରେ ରିପୋର୍ଟ ଲୋଡ଼ିଛନ୍ତି। ରିପୋର୍ଟ ଲୋଡ଼ିଲେ ବି ଯେତିକି ସଂଖ୍ୟକ ଭୁଲ୍ ଘଟିଛି ତାହା ସୁଧୁରିଯିବ ନାହିଁ। ଏପରିକି ପାଠ୍ୟପୁସ୍ତକରେ ଓଡ଼ିଶା ବିଧାନସଭା ସ୍ଥାନରେ କର୍ଣ୍ଣାଟକ ବିଧାନସଭା ସ୍ଥାନିତ କରାଯାଇଛି। ଶିକ୍ଷକ ଯେତେବେଳେ ଏହା ଦର୍ଶାଇବେ ଭୁଲକୁ ନିଶ୍ଚୟ ପୁଣି ମନେ ପକାଇବେ। ଏବର ହୋଇଥିବା ଭୁଲ୍‌କୁ ଏତେ ବଡ଼ ବଡ଼ ଅଧିକାରୀ କିପରି ଦେଖିପାରିଲେ ନାହିଁ ? ଯାହା ମନେହୁଏ ରାଜ୍ୟର ୪୦ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହିତ ଏହା ହେଉଛି ଖେଳ। ଯେଉଁମାନେ ସଂପୃକ୍ତ ସେମାନଙ୍କୁ ଖୋଜିବାହାର କରାନଯିବା ପର୍ଯ୍ୟନ୍ତ ସବୁ ରହସ୍ୟରେ ରହିଯିବ,ଛପି ହୋଇ ରହିଯିବ।

ଏକଦା ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ଶାସନର ଖ୍ୟାତି ଦେଶବିଦେଶକୁ ଏଭଳି ବ୍ୟାପିଥିଲା ଯେ ତାଙ୍କ ଦରବାରରେ ସେତେବେଳେ ସବୁଠୁ ଅଧିକ ଚର୍ଚ୍ଚିତ ଥିଲେ ମହାମନ୍ତ୍ରୀ ଚାଣକ୍ୟ। ତାଙ୍କୁ ଭେଟିବା ପାଇଁ ଜଣେ ଚୀନ ପରିବ୍ରାଜକ ଉଦ୍ୟମ କରି ଜଣଙ୍କ ସହାୟତାରେ ଏକ ଜଙ୍ଗଲ ଭିତରକୁ ଯାଇ ତାଙ୍କୁ ଭେଟିଥିଲେ। ଚାକଚକ୍ୟପୂର୍ଣ୍ଣ ଦରବାର ନିକଟ କୌଣସି ଭବ୍ୟ ପ୍ରାସାଦରେ ନୁହେଁ, ବରଂ ଏକ କୁଟୀରରେ ବାସ କରୁଥିଲେ ଚାଣକ୍ୟ। ଭ୍ରମଣକାରୀ ଜଣଙ୍କ କୁଟୀରରେ ତାଙ୍କୁ ଦେଖି ସ୍ତବ୍ଧ ହୋଇଥିଲେ। ସରଳ ଜୀବନ, ଉଚ୍ଚଚିନ୍ତା ଓ ଆଦର୍ଶର ଜୀବନ ଭିତରେ ଯେଉଁ ଅର୍ଥଶାସ୍ତ୍ର ସେ ଲେଖିଥିଲେ ତାହା ଆଜି ବି ଆଲୋଚିତ ହୁଏ। ଏବଂ ତାଙ୍କ ମନ୍ତ୍ରଣାରେ ଶାସନର ଖ୍ୟାତି ପ୍ରସାରିତ ହୋଇଥିଲା।

ଜ୍ଞାନୀଗୁଣୀ ଲୋକଙ୍କ ଦ୍ୱାରା ହେଉ ଅବା ସେମାନଙ୍କ ତତ୍ତ୍ୱାବଧାନରେ ଯେଉଁ ପୁସ୍ତକ ହେବ ତାହା 'ଅଜ୍ଞାନ'ଙ୍କ ଜରିଆରେ କଦାପି ହେବନାହିଁ। ସଦ୍ୟ ଘଟଣା ପରିପ୍ରେକ୍ଷୀରେ ରାଜ୍ୟ ସରକାର ଏନେଇ ଆତ୍ମସମୀକ୍ଷା କରନ୍ତୁ। ପାଠ୍ୟପୁସ୍ତକକୁ ଖାମଖିଆଲି ମନେକରି ଅକ୍ଷମଣୀୟ ତ୍ରୁଟି କରିବାରେ ଯେଉଁମାନେ ସାମିଲ ଅଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ନେଲେ, ସେମାନଙ୍କ ଠାରୁ ପୁସ୍ତକ ଲାଗି ଖର୍ଚ୍ଚ ହୋଇଥିବା ଅର୍ଥ ଭରଣା କରାନଗଲେ, ପୁନଃ ପାଠ୍ୟପୁସ୍ତକ ବିଶେଷଜ୍ଞ ତଥା ଜ୍ଞାନୀଗୁଣୀମାନଙ୍କ ତତ୍ତ୍ୱାବଧାନରେ ପ୍ରସ୍ତୁତିପୂର୍ବକ ପିଲାଙ୍କ ନିକଟରେ ନ ପହଞ୍ଚାଇଲେ, ଇତିହାସ କଦାପି କ୍ଷମା ଦେବନାହିଁ।

# କେବଳ ପୋଲିସ ନୁହେଁ, ସମାଜର ବି ଦାୟିତ୍ୱ ଅଛି

> ବର୍ତ୍ତମାନର ଡିଜିଟାଲ୍ ଯୁଗରେ ସବୁଠାରୁ ବଡ଼ ସଂକଟ ହେଉଛି କୌଣସି ଘଟଣାର 'ପ୍ରକୃତ ସତ୍ୟାସତ୍ୟ'ର ସଠିକ୍ ଆକଳନ ନ ହେବା। ସୋସିଆଲ ମିଡିଆର ଅପବ୍ୟବହାର ଯୋଗୁଁ ଅନେକ ସମୟରେ ମିଥ୍ୟା ଗୁଜବ ଖୁବ୍ ଶୀଘ୍ର ବ୍ୟାପିଥାଏ, ଯାହା ସମାଜରେ ଅନାବଶ୍ୟକ ହିଂସା, ଆକ୍ରୋଶ କିମ୍ବା ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି କରିବାରେ ଇନ୍ଧନ ସଦୃଶ କାର୍ଯ୍ୟ କରେ। ଜନସାଧାରଣଙ୍କ ମଧ୍ୟରେ ଏହି ବିବେକବାନ ପ୍ରବୃତ୍ତି ଆସିବା ଉଚିତ ଯେ, ସେମାନେ ଯେକୌଣସି ଘଟଣା ପଛର ପ୍ରକୃତ ସତ୍ୟତା ନ ଜାଣି ନିଜେ ଆଇନକୁ ହାତକୁ ନେବେ ନାହିଁ କିମ୍ବା କୌଣସି ଭୁଲ୍ ତଥା ଉତ୍ତେଜନାମୂଳକ ଖବରକୁ ପ୍ରସାରଣ କରିବେ ନାହିଁ। ଯଦି ଆମ ଚାରିପାଖରେ କୌଣସି ସ୍ଥାନରେ ଅସାମାଜିକ ବା ସନ୍ଦେହଜନକ କାର୍ଯ୍ୟକଳାପ ଦେଖାଯାଏ, ତେବେ ଜଣେ ସଜାଗ ନାଗରିକ ଭାବେ ତୁରନ୍ତ ପ୍ରଶାସନ ଓ ପୋଲିସକୁ ସୂଚନା ଦେବା ଆମର ପ୍ରାଥମିକ କର୍ତ୍ତବ୍ୟ ହେବା ଉଚିତ।

**ଅଖିଳ ତରାଇ**

ଆଜିର ସକାଳ ଜଣେ ସଚେତନ ଓ ସଭ୍ୟ ନାଗରିକ ପାଇଁ ଆଉ ଆଦୌ ଶାନ୍ତିପୂର୍ଣ୍ଣ କିମ୍ବା ଆନନ୍ଦଦାୟକ ହୋଇ ରହିନାହିଁ। ସକାଳୁ ଉଠି ଖବରକାଗଜ ପୃଷ୍ଠା ଓଲଟାଇଲେ କିମ୍ବା ଟେଲିଭିଜନର ପରଦା ଉପରେ ନଜର ପକାଇଲେ ମନ ଆନ୍ଦୋଳିତ ଓ ଭୟଭୀତ ହୋଇଉଠୁଛି। କେଉଁଠି ଦିନଦ୍ୱିପ୍ରହରରେ ଜଣେ ନିରୀହ ବ୍ୟକ୍ତିକୁ ଅତି ନିର୍ମମ ଭାବେ ହତ୍ୟା କରାଯାଉଛି ତ କେଉଁଠି ସଶସ୍ତ୍ର ଲୁଟପାଟ୍ ଓ ଡକାୟତିର ଭୟାବହ ଚିତ୍ର ସାମ୍ନାକୁ ଆସୁଛି।

ସେହିପରି ମୋବାଇଲ୍ ଫୋନରେ ସୋସିଆଲ ମିଡିଆ ସ୍କ୍ରୋଲ୍ କଲେ ମାନସିକ ଅବସାଦର ଶିକାର ହୋଇ କାହାର ଆତ୍ମହତ୍ୟା ଭଳି ଚରମ ତଥା ଦୁଃଖଦାୟକ ନିଷ୍ପତ୍ତିର ଖବର ସମସ୍ତଙ୍କୁ ଚକିତ ଓ ସ୍ତବ୍ଧ କରୁଛି। ସାମ୍ପ୍ରତିକ ଓଡ଼ିଶାର ଏଭଳି ପରିସ୍ଥିତି ଆଜି ଏକ ଅତି ଚିନ୍ତାଜନକ ମୋଡ଼ରେ ପହଞ୍ଚିଛି। ପ୍ରତିଦିନ କିଛି ନା କିଛି ଅପରାଧିକ ଘଟଣା ଆମ ରାଜ୍ୟର ସୁରକ୍ଷା ବ୍ୟବସ୍ଥା, ସାମାଜିକ ସ୍ଥିରତା ଓ ଜନମାନସର ମାନସିକ ସ୍ଥିତି ଉପରେ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରୁଛି। କିନ୍ତୁ ଏ ସମସ୍ତ ପରିସ୍ଥିତି ପାଇଁ କେବଳ ସରକାର କିମ୍ବା ପୋଲିସ ପ୍ରଶାସନକୁ ଦୋଷ ଦେଇ ଆମେ ନିଜ ନିଜର ବ୍ୟକ୍ତିଗତ ତଥା ସାମାଜିକ ଦାୟିତ୍ୱରୁ ମୁକ୍ତ ହୋଇପାରିବା ନାହିଁ। ଏହି ବଢୁଥିବା ଅପରାଧ ଓ ମାନବୀୟ ମୂଲ୍ୟବୋଧର ଅବକ୍ଷୟକୁ ରୋକିବା ପାଇଁ ଜନସାଧାରଣଙ୍କ ସାମୂହିକ ସହଯୋଗ ଓ ସଚେତନତା ହିଁ ଆଜିର ସମୟରେ ସବୁଠାରୁ ବଡ଼ ଆୟୁଧ ପାଲଟିଛି।

ନିଶ୍ଚିତ ଭାବରେ, ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ଏବଂ ନାଗରିକଙ୍କୁ ସୁରକ୍ଷା ଦେବା ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ପ୍ରକାରର ପଦକ୍ଷେପ ନିଆଯାଉଛି। ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରାଯିବା ଠାରୁ ଆରମ୍ଭ କରି ଅପରାଧୀଙ୍କୁ ଉପଯୁକ୍ତ ଦଣ୍ଡ ଦେବା ପାଇଁ ଆମର ନ୍ୟାୟିକ ବ୍ୟବସ୍ଥା ମଧ୍ୟ ନିରନ୍ତର କାର୍ଯ୍ୟ କରୁଛି। ତଥାପି, ବିଡ଼ମ୍ବନାର ବିଷୟ ହେଉଛି ଅପରାଧୀଙ୍କ ମନରୁ ଆଇନର ଭୟ ଧୀରେ ଧୀରେ କମିବା ପରି ମନେହେଉଛି। ଏହାର ମୂଳ କାରଣ ଖୋଜିବାକୁ ଗଲେ ଜଣାପଡ଼େ ଯେ ଆମ ସମାଜରେ ନୈତିକ ମୂଲ୍ୟବୋଧର ଘୋର ଅଭାବ ପରିଲକ୍ଷିତ ହେଉଛି ଏବଂ ମଣିଷ ଭିତରେ ଧୈର୍ଯ୍ୟହୀନତା ବୃଦ୍ଧି ପାଉଛି। ଖୁବ୍ ଛୋଟ ଛୋଟ ଏବଂ ସାଧାରଣ କଥାରେ ଆଜିର ଲୋକେ ଉଗ୍ର ହୋଇଉଠୁଛନ୍ତି ଏବଂ ଭବିଷ୍ୟତର ପରିଣାମ ବିଷୟରେ ବିନା ଚିନ୍ତା କରି ବଡ଼ ଧରଣର ଅପରାଧ ଘଟାଇବାକୁ ପଛାଉନାହାନ୍ତି।

ସେହିପରି ମାନସିକ ଚାପ, ଆର୍ଥିକ ଅନଗ୍ରସରତା, ବେରୋଜଗାରି କିମ୍ବା ପାରିବାରିକ କଳହ ଯୋଗୁଁ ନିଜର ଅମୂଲ୍ୟ ଜୀବନ ହାରିବା ବା ଆତ୍ମହତ୍ୟା ଭଳି ଘଟଣା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏସବୁ କ୍ଷେତ୍ରରେ ପୋଲିସ ପ୍ରଶାସନ ସବୁ ସମୟରେ ପ୍ରତ୍ୟେକ ବ୍ୟକ୍ତିର ଘର ଭିତରକୁ ଯାଇ ପରିସ୍ଥିତି ସୁଧାରି ପାରିବ ନାହିଁ କିମ୍ବା କାହାର ମନକୁ ପରିବର୍ତ୍ତନ କରିପାରିବ ନାହିଁ। ଏଥିପାଇଁ ଆମକୁ ପରିବାର, ପଡ଼ୋଶୀ ଓ ସମାଜ ସ୍ତରରେ ପ୍ରଥମେ ନିଜ ଭିତରେ ସଚେତନତା ଜାଗ୍ରତ କରିବାକୁ ପଡ଼ିବ।

ବର୍ତ୍ତମାନର ଡିଜିଟାଲ୍ ଯୁଗରେ ସବୁଠାରୁ ବଡ଼ ସଂକଟ ହେଉଛି କୌଣସି ଘଟଣାର 'ପ୍ରକୃତ ସତ୍ୟାସତ୍ୟ'ର ସଠିକ୍ ଆକଳନ ନ ହେବା। ସୋସିଆଲ ମିଡିଆର ଅପବ୍ୟବହାର ଯୋଗୁଁ ଅନେକ ସମୟରେ ମିଥ୍ୟା ଗୁଜବ ଖୁବ୍ ଶୀଘ୍ର ବ୍ୟାପିଥାଏ, ଯାହା ସମାଜରେ ଅନାବଶ୍ୟକ ହିଂସା, ଆକ୍ରୋଶ କିମ୍ବା ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି କରିବାରେ ଇନ୍ଧନ ସଦୃଶ କାର୍ଯ୍ୟ କରେ। ଜନସାଧାରଣଙ୍କ ମଧ୍ୟରେ ଏହି ବିବେକବାନ ପ୍ରବୃତ୍ତି ଆସିବା ଉଚିତ ଯେ, ସେମାନେ ଯେକୌଣସି ଘଟଣା ପଛର ପ୍ରକୃତ ସତ୍ୟତା ନ ଜାଣି ନିଜେ ଆଇନକୁ ହାତକୁ ନେବେ ନାହିଁ କିମ୍ବା କୌଣସି ଭୁଲ୍ ତଥା ଉତ୍ତେଜନାମୂଳକ ଖବରକୁ ପ୍ରସାରଣ କରିବେ ନାହିଁ। ଯଦି ଆମ ଚାରିପାଖରେ କୌଣସି ସ୍ଥାନରେ ଅସାମାଜିକ ବା ସନ୍ଦେହଜନକ କାର୍ଯ୍ୟକଳାପ ଦେଖାଯାଏ, ତେବେ ଜଣେ ସଜାଗ ନାଗରିକ ଭାବେ ତୁରନ୍ତ ପ୍ରଶାସନ ଓ ପୋଲିସକୁ ସୂଚନା ଦେବା ଆମର ପ୍ରାଥମିକ କର୍ତ୍ତବ୍ୟ ହେବା ଉଚିତ।



ଅପରାଧୀ ଓ ବଢୁଥିବା ଅପରାଧିକ ମାନସିକତାକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିବା ପାଇଁ ସର୍ବସାଧାରଣ ସହଯୋଗ ଅପରିହାର୍ଯ୍ୟ ଅଟେ। ପ୍ରତ୍ୟେକ ଗାଁ, ସହର ଏବଂ ଆବାସିକ ପଡ଼ାରେ ନାଗରିକ ସୁରକ୍ଷା କମିଟି ଗଠନ ହେବା ଆବଶ୍ୟକ, ଯାହା ସ୍ଥାନୀୟ ଅଞ୍ଚଳରେ ଘଟୁଥିବା ଛୋଟବଡ଼ ଘଟଣା ଉପରେ ସତର୍କ ନଜର ରଖିବ। ଆଜିର ଯୁବପିଢ଼ିଙ୍କ ମଧ୍ୟରେ ବିଭିନ୍ନ ପ୍ରକାରର ନିଶାଦ୍ରବ୍ୟର ବ୍ୟବହାର ଓ ଅନ୍ଧ ଅନୁକରଣ ମଧ୍ୟ ଅପରାଧ ବୃଦ୍ଧିର ଅନ୍ୟ ଏକ ପ୍ରମୁଖ କାରଣ ସାଜିଛି। ଏହି କ୍ଷେତ୍ରରେ ପିତାମାତା ଓ ଅଭିଭାବକମାନେ ନିଜ ପିଲାମାନଙ୍କର ସଙ୍ଗତି, ଆଚରଣ ଏବଂ ସେମାନଙ୍କର ମାନସିକ ସ୍ଥିତି ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ଜରୁରୀ।

ସେହିପରି, ଆତ୍ମହତ୍ୟା ଭଳି ଅତ୍ୟନ୍ତ ସ୍ପର୍ଶକାତର ଘଟଣାକୁ ରୋକିବା ପାଇଁ ଆମକୁ ପରିବାର ମଧ୍ୟରେ ପରସ୍ପର ସହ ସମୟ ବିତାଇବାକୁ ହେବ, ବାର୍ତ୍ତାଳାପ ବଢ଼ାଇବାକୁ ହେବ ଏବଂ ମାନସିକ ସ୍ତରରେ ଦୁର୍ବଳ ବା ଏକାକୀ ଅନୁଭବ କରୁଥିବା ବ୍ୟକ୍ତିଙ୍କୁ ସ୍ନେହ ଓ ସାହସ ଦେବାକୁ ହେବ। ଆମେ ଯଦି ଆମର ପଡ଼ୋଶୀ କିମ୍ବା ଆତ୍ମୀୟଙ୍କ ସୁଖ-ଦୁଃଖର ପ୍ରକୃତ ସାଥୀ ହୋଇପାରିବା, ତେବେ ଅନେକ ନିରୀହ ଜୀବନ ଅକାଳରେ ଯିବାରୁ ବଞ୍ଚିଯାଇପାରିବ।

ସରକାରଙ୍କ ଆଇନ ବ୍ୟବସ୍ଥା କେବଳ ଅପରାଧ ଘଟିବା ପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରେ, କିନ୍ତୁ ଅପରାଧ ଯେପରି ସମାଜରେ ପୁନର୍ବାର ନ ଘଟିବ, ସେହିପରି ଏକ ସୁସ୍ଥ ବାତାବରଣ ସୃଷ୍ଟି କରିବା କେବଳ ଆମ ସମାଜର ହିଁ ଦାୟିତ୍ୱ। ଓଡ଼ିଶାର ପବିତ୍ର ମାଟି ଓ ସଂସ୍କୃତି ସଦାବେଳେ ଶାନ୍ତି, ସହନଶୀଳତା, ଅହିଂସା ଓ ସାମାଜିକ ଭାଇଚାରାର ପ୍ରତୀକ ହୋଇ ରହିଆସିଛି। ଆମକୁ ଆମର ସେହି ପୁରୁଣା ପାରମ୍ପରିକ ଓ ସାମାଜିକ ବନ୍ଧନକୁ ଆହୁରି ଅଧିକ ମଜଭୁତ କରିବାକୁ ହେବ। କେବଳ ଟେଲିଭିଜନ ପରଦାରେ କିମ୍ବା ଖବରକାଗଜରେ ଦୁଃଖଦ ଖବର ଦେଖି କ୍ଷଣିକ ଦୁଃଖ ପ୍ରକାଶ କରିବା କିମ୍ବା ସୋସିଆଲ ମିଡିଆରେ ନିନ୍ଦାସୂଚକ ମନ୍ତବ୍ୟ ଦେଇ ଅନ୍ୟ ଉପରେ ଦୋଷ ଲଦିଦେଲେ ସମସ୍ୟାର ସ୍ଥାୟୀ ସମାଧାନ କଦାପି ହୋଇପାରିବ ନାହିଁ। ଯେ ପର୍ଯ୍ୟନ୍ତ ପ୍ରତ୍ୟେକ ଜନସାଧାରଣ ସ୍ୱତଃପ୍ରବୃତ୍ତ ଭାବେ ଅପରାଧ ଓ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିନାହାନ୍ତି ଏବଂ ପ୍ରଶାସନ ସହ ସହଯୋଗର ହାତ ବଢ଼ାଇନାହାନ୍ତି, ସେ ପର୍ଯ୍ୟନ୍ତ ଏହି ମାରାତ୍ମକ ସାମାଜିକ ଅବକ୍ଷୟକୁ ସମ୍ପୂର୍ଣ୍ଣ ରୂପେ ରୋକିବା ସମ୍ଭବପର ନୁହେଁ। ଏକ ସୁସ୍ଥ, ସୁରକ୍ଷିତ, ଶାନ୍ତିପୂର୍ଣ୍ଣ ଓ ଅପରାଧମୁକ୍ତ ଓଡ଼ିଶା ଗଠନ କରିବା ପାଇଁ ଆସନ୍ତୁ ଆମେ ସମସ୍ତେ ବାଦବିବାଦ ଭୁଲି ସଚେତନ ଓ ଦାୟିତ୍ୱବାନ ନାଗରିକ ସାଜି ଏକ ସାମୂହିକ ପ୍ରୟାସ କରିବା।

ଗଞ୍ଜାମ, ୭୭୮୭୦୦୧୦୦୧

# ସାଇବର ଅପରାଧ ହେଲ୍ପଲାଇନ୍ ୧୯୩୦ର ସମୀକ୍ଷା

ନିକଟରେ କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଅମିତ ଶାହ ନୂଆଦିଲ୍ଲୀରେ ଏକ ଉଚ୍ଚସ୍ତରୀୟ ବୈଠକରେ ଜାତୀୟ ସାଇବର ଅପରାଧ ହେଲ୍ପଲାଇନ୍ ୧୯୩୦ର ସମୀକ୍ଷା କରିବା ବେଳେ କହିଛନ୍ତି ଯେ ଜାତୀୟ ସାଇବର ଅପରାଧ ହେଲ୍ପଲାଇନ୍ ୧୯୩୦ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ ଭାବରେ ଉଭା ହୋଇଛି ଯାହା ନାଗରିକମାନଙ୍କୁ ସାଇବର ଅପରାଧ ସମ୍ବନ୍ଧୀୟ ଅଭିଯୋଗ ପଂଜୀକରଣ କରିବାରେ ସକ୍ଷମ କରିଛି, ଏକ ସରଳ ଏବଂ ତ୍ୱରିତ ଢଙ୍ଗରେ, ବିଶେଷ କରି ଆର୍ଥିକ ସାଇବର ଠକେଇ କ୍ଷେତ୍ରରେ। ସେ ଗୁରୁତ୍ୱାରୋପ କରିଛନ୍ତି ଯେ ହେଲ୍ପଲାଇନ୍ ମାଧ୍ୟମରେ ସହାୟତା ଚାହୁଁଥିବା ପ୍ରତ୍ୟେକ ନାଗରିକଙ୍କୁ ସମୟୋଚିତ ସହାୟତା ମିଳିବା ଉଚିତ ଏବଂ କୌଣସି ଅଭିଯୋଗ ଅଣଦେଖା କିମ୍ବା ବିଚାରାଧୀନ ରହିବା ଉଚିତ ନୁହେଁ।

ଅମିତ ଶାହ ନିର୍ଦ୍ଦେଶ ଦେଇଛନ୍ତି ଯେ ୧୯୩୦ ହେଲ୍ପଲାଇନ୍ ବ୍ୟବସ୍ଥାର ଦକ୍ଷତା, ପ୍ରତିକ୍ରିୟା କ୍ଷମତା ଏବଂ ସେବା ବିତରଣରେ ଆହୁରି ଉନ୍ନତି ଆଣିବା ପାଇଁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏ. ଆଇ.) ସମେତ ଉନ୍ନତ ପ୍ରଯୁକ୍ତିବିଦ୍ୟା ଗ୍ରହଣ ମାଧ୍ୟମରେ ବ୍ୟାପକ ଆଧୁନିକୀକରଣ ଏବଂ ଉନ୍ନତିକରଣ କରାଯିବ। ଉନ୍ନତିକୃତ ବ୍ୟବସ୍ଥା ଦ୍ୱାରା ଅଭିଯୋଗ ପଞ୍ଜିକରଣ ତ୍ୱରାନ୍ୱିତ ହେବା, କଲର ଉତ୍ସ ଏବଂ ନାଗରିକ ଅଭିଯୋଗଗୁଡ଼ିକର ପ୍ରଭାବୀ ପରିଚାଳନା ସମ୍ଭବ ହେବା ଉଚିତ।

ମୋଦୀ ସରକାର ଏକ ସୁରକ୍ଷିତ, ପ୍ରଯୁକ୍ତିବିଦ୍ୟା ପରିଚାଳିତ ଏବଂ ନାଗରିକ କୈନ୍ଦ୍ରିକ ସାଇବର ଅପରାଧ ପ୍ରତିରୋଧ ଏବଂ ପ୍ରତିକ୍ରିୟା ପ୍ରଣାଳୀ ନିର୍ମାଣ କରିବାକୁ ପ୍ରତିଶ୍ରୁତିବଦ୍ଧ। ସେ ନିର୍ଦ୍ଦେଶ ଦେଇଛନ୍ତି ଯେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ କାର୍ଯ୍ୟ କରୁଥିବା ୧୯୩୦ କଲ୍ ସେଣ୍ଟରକୁ ଜ୍ଞାନକୌଶଳ ଏବଂ ଭିତ୍ତିଭୂମି ଦୃଷ୍ଟିରୁ ଆହୁରି ମଜଭୁତ କରାଯିବା ଉଚିତ। ଗୃହ ମନ୍ତ୍ରଣାଳୟ ହାର୍ଡୱେର୍ ଏବଂ ବୈଷୟିକ ଉନ୍ନତିକରଣ ପାଇଁ ଆବଶ୍ୟକ ସହାୟତା ପ୍ରଦାନ କରିବ, ଯେତେବେଳେ କି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ଅଭିଯୋଗଗୁଡ଼ିକର ସମୟୋଚିତ ସମାଧାନ ପାଇଁ ଏହି କେନ୍ଦ୍ରଗୁଡ଼ିକରେ ପର୍ଯ୍ୟାପ୍ତ ମାନବ ସମ୍ବଳ ସୁନିଶ୍ଚିତ କରିବାକୁ ଅନୁରୋଧ କରାଯିବ। ଅମିତ ଶାହ ଏହା ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ଯେ ସମସ୍ତ ରାଜ୍ୟ ସ୍ତରୀୟ ୧୯୩୦ କଲ୍ ସେଣ୍ଟରକୁ ଶକ୍ତିଶାଳୀ ଇଣ୍ଟରାକ୍ଟିଭ୍ ଭଏସ୍ ରେସପନ୍ସ (ଆଇଭିଆର) ସିଷ୍ଟମ ସହିତ ନବୀକରଣ କରାଯିବ ଯାହା ଦକ୍ଷ କଲ୍ ପରିଚାଳନା ଏବଂ ଉପଯୁକ୍ତ ସ୍ତରକୁ କଲ୍‌ଗୁଡ଼ିକୁ ନିରବଚ୍ଛିନ୍ନ ଭାବେ ପଠାଇବା ନିଶ୍ଚିତ କରିବ।

ଜାତୀୟ ସାଇବର ଅପରାଧ ପ୍ରତିକ୍ରିୟା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଅମିତ ଶାହ ପର୍ଯ୍ୟାପ୍ତ ମାନବ ସମ୍ବଳ ଏବଂ କଲ୍ ପରିଚାଳନା କ୍ଷମତା ସହିତ ଏକ ଜାତୀୟ ସ୍ତରୀୟ ୧୯୩୦ କଲ୍ ସେଣ୍ଟର ପ୍ରତିଷ୍ଠା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଜାତୀୟ କଲ୍ ସେଣ୍ଟର ରାଜ୍ୟ ସ୍ତରରେ ଉତ୍ତରହୀନ ଥିବା କଲ୍‌ଗୁଡ଼ିକୁ ପରିଚାଳନା କରିବ ଏବଂ ପ୍ରତ୍ୟେକ ପୀଡ଼ିତଙ୍କୁ ସମୟୋଚିତ ସହାୟତା ଏବଂ ଅଭିଯୋଗଗୁଡିକର ତ୍ୱରିତ ପଞ୍ଜୀକରଣ ସୁନିଶ୍ଚିତ କରିବ। ବୈଠକରେ ସାଇବର ଆର୍ଥିକ ଠକେଇର ମୁକାବିଲା ପାଇଁ ଗୃହ ମନ୍ତ୍ରଣାଳୟର ଏକ ପ୍ରମୁଖ ପଦକ୍ଷେପ ନାଗରିକ ଆର୍ଥିକ ସାଇବର ଠକେଇ ରିପୋର୍ଟିଂ ଏବଂ ମ୍ୟାନେଜମେଣ୍ଟ ସିଷ୍ଟମ (ସି. ଏଫ୍. ସି. ଏଫ୍. ଆର୍. ଏମ୍. ଏସ୍.) ର କାର୍ଯ୍ୟଦକ୍ଷତାର ମଧ୍ୟ ସମୀକ୍ଷା କରାଯାଇଥିଲା। ଏହି ବ୍ୟବସ୍ଥା ବ୍ୟାଙ୍କିଙ୍ଗ ନେଟୱର୍କ ମାଧ୍ୟମରେ ଜାଲିଆତି ଆର୍ଥିକ କାରବାରକୁ ତୁରନ୍ତ ରୋକିବାରେ ସାହାଯ୍ୟ କରିଥାଏ, ଯାହାଦ୍ୱାରା ପୀଡ଼ିତମାନଙ୍କୁ ପାଣ୍ଠି ସୁରକ୍ଷିତ ଏବଂ ପୁନରୁଦ୍ଧାର କରିବାର ସମ୍ଭାବନା ବୃଦ୍ଧି ପାଇଥାଏ।ସାଇବର ଆର୍ଥିକ ଠକେଇ ମାମଲାର ତ୍ୱରିତ ସମାଧାନ ପାଇଁ ଗୃହ ମନ୍ତ୍ରଣାଳୟ ଜାନୁଆରୀ ୨୦୨୬ ରେ ଏକ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜ୍ୟୋର (ଏସ୍‌ଓପି) ଜାରି କରିଛି। ଏହି ଏସ୍. ଓ. ପି. ବ୍ୟାଙ୍କ, ଆର୍ଥିକ ପ୍ରତିଷ୍ଠାନ, ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା ଏବଂ ଅନ୍ୟ ଅଂଶୀଦାରମାନଙ୍କ ମଧ୍ୟରେ ସମନ୍ୱିତ କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ କରିଥାଏ, ଯାହାଦ୍ୱାରା ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ମଧ୍ୟରେ ଅଟକି ରହିଥିବା ପାଣ୍ଠିକୁ ଯଥାଶୀଘ୍ର ପୀଡ଼ିତ ନାଗରିକମାନଙ୍କୁ ଫେରାଇ ଦିଆଯାଇପାରିବ। ଏହି ଏସ୍. ଓ. ପି. ର କାର୍ଯ୍ୟକାରିତା ସୁନିଶ୍ଚିତ କରିବାକୁ ସୁପ୍ରିମକୋର୍ଟ ସମସ୍ତ ହାଇକୋର୍ଟଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି।

(ପିଆଇବି)

# ପଡ଼ୋଶୀଙ୍କ ଆଚରଣ ନିନ୍ଦନୀୟ

> **ୟୁନସ୍ ସରକାରର ଦୃଷ୍ଟି ଆକର୍ଷଣ କରି ନିଜ ପାଇଁ ଏକ ସୁଦୃଢ ସ୍ଥାନ ମଧ୍ୟ ପାଇଗଲେ । ସାଧାରଣ ଜନତା ଏହିପରି ଭଣ୍ଡ ସ୍ୱାର୍ଥପର ନେତାମାନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଭାରତ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଆଗେଇ ଆସିଥିଲେ । ପରିସ୍ଥିତିକୁ ନଜରରେ ରଖି ଭାରତ ସରକାର ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲ୍‌କୁ ଭାରତରେ ନିଷିଦ୍ଧ କରି ଦେଇଥିଲେ । ସରକାରଙ୍କ ଦ୍ୱାରା ତାଙ୍କ ନାମରେ ଲୁକ୍‌ଆଉଟ୍ ଜାରି ହୋଇଥିଲା, ତାଙ୍କୁ ଭାରତରେ କଳା ତାଲିକାଭୁକ୍ତ କରାଯାଇଛି । ଏହିପରି ଜଣେ ବାଂଲାଦେଶୀ ପଦାଧିକାରୀ ଯେତେବେଳେ ସରକାରୀ କାର୍ଯ୍ୟରେ ଭାରତ ଆସୁଛନ୍ତି ସେତେବେଳ ଦୁଇ ଦେଶର ସରକାର ଅବଗତ ହେବା ଜରୁରୀ ।**

**ବିଷ୍ଣୁ ପ୍ରସାଦ ଦାସ**

ସମ୍ପ୍ରତି ଖବର କାଗଜ ତଥା ଗଣମାଧ୍ୟମରୁ ଜଣାଗଲା ଯେ, ଏକ ସରକାରୀ ସେମିନାରରେ ଯୋଗ ଦେବାକୁ ଭାରତ ଆସିଥିବା ବାଂଲାଦେଶର ପ୍ରଧାନମନ୍ତ୍ରୀଙ୍କ ଉପଦେଷ୍ଟା ଡା. ଜାହେଦ ଉର ରହମାନଙ୍କୁ ଇନ୍ଦିରାଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦର ଦିଲ୍ଲୀ ଠାରେ ଇମିଗ୍ରେସନ ବିଭାଗ ଦ୍ୱାରା ପ୍ରାୟ ଦୁଇ ଘଣ୍ଟାରୁ ଅଧିକ ସମୟ ଧରି ଅଟକାଇ ରଖାଗଲା । ନୂଆଦିଲ୍ଲୀରେ ଅନୁଷ୍ଠିତ ହେଉଥିବା ଇଣ୍ଡିଆନ ଓସିଆନ ରିମ୍ ଆସୋସିଏସନ୍ କମିଟି ଅଫ୍ ସିନିୟର ଅଫିସରର ୨୮ତମ ବୈଠକରେ ଡା. ଜାହେଦ ଉର୍‌ରହମାନଙ୍କ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ଚୂଡାନ୍ତ ଥିଲା, ଯାହା ପାଇଁ ସେ ରବିବାର (୧୪ ଜୁନ୍ ୨୦୨୬) ଢାକାରୁ ଦିଲ୍ଲୀ ଅଭିମୁଖେ ଏୟାର ଇଣ୍ଡିଆର ଏକ ବିମାନରେ ଯାତ୍ରା କରିଥିଲେ । ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଅବତରଣ କରିବା ପରେ ଅନ୍ୟ ଡେଲିଗେଟ୍ ବା ସଦସ୍ୟମାନେ ନିର୍ବିଘ୍ନରେ ଇମିଗ୍ରେସନ୍ ଦେଇ ଦିଲ୍ଲୀ ପ୍ରବେଶ କରିଥିବା ସମୟରେ କାହିଁକି ଡା. ଜାହେଦ ଉର ରହମାନଙ୍କୁ ଅଟକାଇ ଯାଞ୍ଚ କରାଯାଇଥିଲା ?

ଘଟିଥିବା ଘଟଣା ସମ୍ପର୍କରେ ସୂଚନା ଥିବା ଏକ ସୂତ୍ର କହିଛି ଯେ, ପଦଚ୍ୟୁତ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ସମାଲୋଚକ ଭାବରେ ଜଣାଶୁଣା ରହମାନଙ୍କୁ ଇମିଗ୍ରେସନ୍ କାଉଣ୍ଟରରେ ଅଟକା ଯାଇଥିଲା । ଇମିଗ୍ରେସନ୍ କର୍ମଚାରୀ ତାଙ୍କୁ ବିଳମ୍ବର କାରଣ ସ୍ପଷ୍ଟ କରିନଥିଲେ, ଫଳରେ ସେ ଉତ୍କଣ୍ଠିତ ହୋଇ ସରକାରୀ ସହାୟତା ଲୋଡ଼ିଥିଲେ । ଦିଲ୍ଲୀ ସ୍ଥିତ ବାଂଲାଦେଶ ଉଚ୍ଚାୟୁକ୍ତ ଦିଲ୍ଲୀ ବିମାନ ବନ୍ଦର ଠାରେ ଉପସ୍ଥିତ ହୋଇ ପରିସ୍ଥିତିକୁ ସମ୍ଭାଳି ନେଇଥିଲେ । ପ୍ରାୟ ଦୁଇ ଘଣ୍ଟା ପରେ ଇମିଗ୍ରେସନ୍ ତାଙ୍କୁ ଦିଲ୍ଲୀ ପ୍ରବେଶ ପାଇଁ ଅନୁମତି ଦେବା ସହ ବିଳମ୍ବ ପାଇଁ ଦୁଃଖ ପ୍ରକାଶ କରିଥିଲା । ଡା. ରହମାନ କିନ୍ତୁ ଦିଲ୍ଲୀ ପ୍ରବେଶ ନକରି ରାତି ପ୍ରାୟ ୧୨ ଟା ସମୟରେ ଦିଲ୍ଲୀରୁ ଶ୍ରୀଲଙ୍କା ବାଟେ ବାଂଲାଦେଶ ଫେରି ଯାଇଥିଲେ । ଏତେ ସବୁ ଘଟିଗଲା ଦୁଇ ଦେଶ ଭିତରେ କୂଟନୈତିକ ସ୍ତରରେ ଟଣାଭିଡା ଆରମ୍ଭ ହୋଇ ଗଲାଣି । ସମ୍ବାଦ ପତ୍ର, ମିଡ଼ିଆ ସମସ୍ତେ ଏହି ସମ୍ବେଦନଶୀଳ ବିଷୟଟିକୁ ବିଭିନ୍ନ କୋଣରୁ ଦେଖି ନିଜସ୍ୱ ମତାମତ ଦେଉଛନ୍ତି। କିନ୍ତୁ ଏହାର ଅନ୍ତରାଳେ କ'ଣ ରହିଛି ?

ପେସାରେ ଜଣେ ଡାକ୍ତର ହେଲେ ଏହି ଭଦ୍ରବ୍ୟକ୍ତି ରହମାନଙ୍କର ଆଚରଣ ଏବଂ ଉଚ୍ଚାରଣ ଦୁଇଟି ସମ୍ପୂର୍ଣ୍ଣ ଅଲଗା । ସେ ଆଦ୍ୟରୁ ଶେଖ୍ ହସିନାଙ୍କ ବିରୋଧୀ ଥିଲେ ବର୍ତ୍ତମାନ ମଧ୍ୟ ଅଛନ୍ତି । ଶେଖ୍ ହସିନାଙ୍କ ଭାରତ ପଳାୟନ ପରେ ଅନ୍ତରୀଣ ସରକାରରେ ଡ଼. ୟୁନୁସଙ୍କର ପ୍ରିୟପାତ୍ର ହେବାକୁ ଭାରତ ବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ହେଲେ ଡାକ୍ତର ରହମାନ୍ । ଅନେକ ୟୁଟ୍ୟୁବ ଚ୍ୟାନେଲ୍ ଦ୍ୱାରା ଭାରତ ବିରୋଧୀ ମନ୍ତବ୍ୟ ସହିତ ହିଂସା ଉଦ୍ରେକକାରୀ ଭାଷଣ ତାଙ୍କୁ ଜଣେ ସଚ୍ଚା ବାଂଲାଦେଶ ପ୍ରେମୀ ଭାବେ ପରିଚୟ ଦେଇଛି । ୟୁନୁସ୍ ସରକାରର ଦୃଷ୍ଟି ଆକର୍ଷଣ କରି ନିଜ ପାଇଁ ଏକ ସୁଦୃଢ ସ୍ଥାନ ମଧ୍ୟ ପାଇଗଲେ । ସାଧାରଣ ଜନତା ଏହିପରି ଭଣ୍ଡ ସ୍ୱାର୍ଥପର ନେତାମାନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଭାରତ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଆଗେଇ ଆସିଥିଲେ । ପରିସ୍ଥିତିକୁ ନଜରରେ ରଖି ଭାରତ ସରକାର ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲ୍‌କୁ ଭାରତରେ ନିଷିଦ୍ଧ କରି ଦେଇଥିଲେ । ସରକାରଙ୍କ ଦ୍ୱାରା ତାଙ୍କ ନାମରେ ଲୁକ୍‌ଆଉଟ୍ ଜାରି ହୋଇଥିଲା, ତାଙ୍କୁ ଭାରତରେ କଳା ତାଲିକାଭୁକ୍ତ କରାଯାଇଛି । ଏହିପରି ଜଣେ ବାଂଲାଦେଶୀ ପଦାଧିକାରୀ ଯେତେବେଳେ ସରକାରୀ କାର୍ଯ୍ୟରେ ଭାରତ ଆସୁଛନ୍ତି ସେତେବେଳ ଦୁଇ ଦେଶର ସରକାର ଅବଗତ ହେବା ଜରୁରୀ । ବିଭିନ୍ନ ଦେଶରୁ ଆସୁଥିବା ପ୍ରତିନିଧି ମଣ୍ଡଳୀଙ୍କୁ ସ୍ୱାଗତ ଜଣାଇ ପାଛୋଟି ନେବାର ପ୍ରାବଧାନ ରହିଛି । ଅନ୍ୟଦେଶର ପ୍ରତିନିଧିମାନେ ନିର୍ଦ୍ଵନ୍ଦ୍ୱରେ ଦିଲ୍ଲୀ ପ୍ରବେଶ କରିଥିବା ସମୟରେ ଏପରିକି ବାଂଲାଦେଶର ଅନ୍ୟ ପ୍ରତିନିଧିମାନେ ଇମିଗ୍ରେସନ କ୍ଲିୟର କରିଯାଇଥିଲେ । ତେବେ ଡାକ୍ତର ରହମାନ କ'ଣ ଭୁଲ କଲେ ? ସେ ସରକାରୀ କାର୍ଯ୍ୟରେ ଆସୁଥିବା ସମୟରେ ସରକାରୀ ପାସପୋର୍ଟ ନ ଆଣି ନିଜସ୍ୱ ପାସପୋର୍ଟ ଆଣିଥିଲେ । ନିୟମ ଅନୁଯାୟୀ ନିଜସ୍ୱ ପାସପୋର୍ଟ ନୀଳ ରଙ୍ଗ ( କେବଳ ନିଜସ୍ୱ ବା ପାରିବାର ସହିତ ବିଦେଶ ଭ୍ରମଣ ପାଇଁ ଉଦ୍ଦିଷ୍ଟ), ଅଫିସରସ୍ତରୀୟ ପାସପୋର୍ଟ ଧଳା ରଙ୍ଗର ( ସରକାରୀ ଅଫିସର୍‌ମାନଙ୍କ ପାଇଁ ସରକାରୀ କାର୍ଯ୍ୟରେ ବିଦେଶ ଯିବା ପାଇଁ) ଏବଂ ଡିପ୍ଲୋମେଟିକ୍ ପାସପୋର୍ଟ ଲାଲ୍‌ରଙ୍ଗର (ମନ୍ତ୍ରୀସ୍ତରୀୟ ସରକାରୀ କାର୍ଯ୍ୟରେ ବିଦେଶ ଯିବା ପାଇଁ) ପ୍ରଚଳିତ । ତାଙ୍କ ନିଜସ୍ୱ ପାସପୋର୍ଟ ଦ୍ୱାରା ସେ କାହିଁକି ସରକାରୀ କାର୍ଯ୍ୟରେ ଯୋଗ ଦେବାକୁ ଆସିଥିଲେ ? ତାଙ୍କ ନିଜସ୍ୱ ପାସପୋର୍ଟ ଭାରତରେ ବ୍ଲକ୍ କରାଯାଇଛି, ତେଣୁ ତାଙ୍କ ପାଇଁ ପୁଙ୍ଖାନୁପୁଙ୍ଖ ଯାଞ୍ଚ ବ୍ୟବସ୍ଥାକୁ ଏଡାଇ ଦେବା ସମ୍ଭବ ନ ଥିଲା । ଯଦି ସେ ରେଡ୍ ପାସପୋର୍ଟ ଆଣି ଆସି ଥାଆନ୍ତେ ତେବେ ଇମିଗ୍ରେସନ ତାଙ୍କୁ ଏକ ମିନିଟ୍‌ରୁ କମ୍ ସମୟ ମଧ୍ୟରେ ସସମ୍ମାନେ ପ୍ରବେଶ ଅନୁମତି ଦେଇ ଥାଆନ୍ତା । ତାଙ୍କର କ୍ଷୁବ୍ଧ ହେବା ସ୍ୱାଭାବିକ କିନ୍ତୁ ଦେଶର ନିରାପତ୍ତା ଦୃଷ୍ଟିରୁ ମଧ୍ୟ ଯାଞ୍ଚ ବ୍ୟବସ୍ଥା ଅନିବାର୍ଯ୍ୟ ଥିଲା ।




ଭାରତକୁ ନିନ୍ଦିତ କରିବାକୁ ଡାକ୍ତର ରହମାନ୍ ଜାଣିଶୁଣି ଏସବୁ ଡ୍ରାମା କରି ନାହାନ୍ତି ତ ? ସେ କାହିଁକି ରେଡ୍ ପାସପୋର୍ଟ ବ୍ୟବହାର କରି ନଥିଲେ ? ଢାକା ବିମାନ ବନ୍ଦରରେ ବିମାନ କମ୍ପାନୀ ତାଙ୍କ ପାସପୋର୍ଟ ନିଶ୍ଚୟ ଦେଖି ବୋର୍ଡିଙ୍ଗ ପାସ୍ ଦେଇଥିବେ। ସଧାରଣ ବର୍ଗର ପାସପୋର୍ଟରେ ଭାରତ ଆସୁଥିବାରୁ ତାଙ୍କ ପାଖରେ ଭରତୀୟ ଭିସା ଥିଲା କି ? ତେବେ ବିମାନ କମ୍ପାନୀ କ'ଣ କିଛି ମାତ୍ରାରେ ଦାୟୀ ନୁହନ୍ତି ? ପ୍ରୋଟୋକଲ ବା ସରକାରୀ ନିୟମ ଅନୁସାରେ ପ୍ରତିନିଧି ମାନଙ୍କୁ ସ୍ୱାଗତ କରାଯାଏ, ସେଥିରେ ହୁଏତ କିଛି ବ୍ୟତିକ୍ରମ ପରିଲକ୍ଷିତ ହୋଇଛି । ସାମାନ୍ୟ ଘଟଣାକୁ ଖୁବ୍ ଚତୁରତାର ସହିତ ସମାଧାନ ବଦଳରେ ପରସ୍ପର ମଧ୍ୟରେ ତିକ୍ତତା ବୃଦ୍ଧି ପାଇଛି । ଏହା ଏକ ଦୁଃଖଦ ବିଷୟ, ତେବେ ଦେଶର ମାନ ସମ୍ମାନକୁ ଅକ୍ଷୁଣ୍ଣ ରଖିବା ଦାୟିତ୍ୱବାନ ସରକାରୀ ପଦାଧିକାରୀଙ୍କ କର୍ତ୍ତବ୍ୟ । ଡାକ୍ତର ରହମାନ୍ ହୁଅନ୍ତୁ ବା ଅନ୍ୟ କେହି ସମସ୍ତେ ନିଜ ନିଜର ନିୟମକାନୁନ୍‌କୁ ବଜାୟ ରଖିବାକୁ ପଡିବ । ଅତୀତର ଭାରତର ପୂର୍ବତନ ରାଷ୍ଟ୍ରପତି ଡ. ଅବଦୁଲ୍ କଲାମ୍ ମହୋଦୟଙ୍କୁ ଆମେରିକାରେ ବିମାନ ଭିତରେ ଅଟକାଇ ଯାଞ୍ଚ କରା ଯାଇଥିଲା । ତତ୍‌କାଳୀନ ପ୍ରତିରକ୍ଷା ମନ୍ତ୍ରୀ ଜର୍ଜ ଫର୍ଣ୍ଣାଣ୍ଡିଜଙ୍କୁ ଆମେରିକାରେ ସାର୍ଟ ଖୋଲିବାକୁ ବାଧ୍ୟ କରାଯାଇଥିଲା । ଏହିପରି ଅନେକ ଉଦାହରଣ ଦେଖିବାକୁ ମିଳେ, ଏକ ଶସ୍ତା ରାଜିନୀତି କରିବାକୁ ଡାକ୍ତର ରହମାନ୍ ଏହି ନାଟକ ରଚନା କରିଛନ୍ତି ଏଥିରେ କୌଣସି ସନ୍ଦେହ ନାହିଁ । ଭାରତ ତାର କର୍ତ୍ତବ୍ୟ କରିଛି, ନିଜ ଦୋଷ ଘୋଡାଇବାକୁ ଯାଇ ବାଂଲାଦେଶ ଭାରତକୁ ଆକ୍ଷେପ କରିବା କେତେଦୂର ଯୁକ୍ତିଯୁକ୍ତ ? ତେଣୁ ଏଭଳି ପଡୋଶୀଙ୍କ ଆଚରଣକୁ ଦେଖି ଭବିଷ୍ୟତର କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା ଉଚିତ ।

ମୋ: ୯୯୩୭୧୭୪୦୯୭

# ଭୋଟର ସୂଚନା ସଂଗ୍ରହ ଜୋର୍‌ଦାର

## ପ୍ରବଳ ଖରା ସାଙ୍ଗକୁ ପ୍ରଶାସନିକ ଚାପରେ ଅତିଷ୍ଠ ବିଏଲ୍‌ଓ

ନିରାକାରପୁର,୧୮।୬ (ନିପ୍ର): ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକର ବିଭିନ୍ନ ଅଞ୍ଚଳରେ ସ୍ୱତନ୍ତ୍ର ସାର୍ବଜନୀନ ଭୋଟର ସୂଚନା ସଂଗ୍ରହ (ଏସ୍‌ଆଇଆର) କାର୍ଯ୍ୟକ୍ରମ ବ୍ୟାପକ ଭାବେ ଆରମ୍ଭ ହୋଇଯାଇଛି। ଭୋଟର ତାଲିକାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ ଏବଂ ତ୍ରୁଟିଶୂନ୍ୟ କରିବା ପାଇଁ ସ୍ଥାନୀୟ ବୁଥ୍‌ସ୍ତରୀୟ ଅଧିକାରୀ ବିଏଲ୍‌ଓ) ମାନେ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଖାତିର ନକରି ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରୁଛନ୍ତି। ତେବେ ଏହି ଜନହିତକର କାର୍ଯ୍ୟକ୍ରମ ମଧ୍ୟରେ ବିଏଲ୍‌ଓମାନଙ୍କ ଉପରେ ବ୍ଲକ ଅଧିକାରୀମାନଙ୍କ ଅତ୍ୟଧିକ ଚାପ ଓ ଧମକପୂର୍ଣ୍ଣ ଆଭିମୁଖ୍ୟକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗତ ମେ' ୩୦ ତାରିଖରୁ ଆରମ୍ଭ ହୋଇଥିବା ଏହି ମେଗା ଅଭିଯାନ ଆସନ୍ତା ଜୁନ ୨୮ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ସମଗ୍ର ରାଜ୍ୟରେ ପ୍ରାୟ ୩ କୋଟି ୩୩ ଲକ୍ଷରୁ ଅଧିକ ଭୋଟରଙ୍କ ତଥ୍ୟ ଯାଞ୍ଚ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ବିଏଲ୍‌ଓମାନେ ପ୍ରତ୍ୟେକ ଭୋଟରଙ୍କୁ ୨ଟି ଲେଖାଏଁ ଗଣନା ଫର୍ମ ପ୍ରଦାନ କରୁଛନ୍ତି। ଭୋଟରମାନେ ନିଜର ବ୍ୟକ୍ତିଗତ ଓ ପରିବାରର ସଠିକ୍ ସୂଚନା ପୂରଣ କରି ଗୋଟିଏ କପି ବିଏଲ୍‌ଓଙ୍କୁ ଦେଉଥିବା ବେଳେ ଅନ୍ୟ କପିଟି ନିଜ ପାଖରେ ସୁରକ୍ଷିତ ରଖୁଛନ୍ତି। ଏହି ସମୟରେ ନୂତନ ଭୋଟରଙ୍କ ନାମ ସାମିଲ, ମୃତ/ସ୍ଥାନାନ୍ତରିତଙ୍କ ନାମ ବାଦ୍ ଏବଂ ତ୍ରୁଟିପୂର୍ଣ୍ଣ ତଥ୍ୟର ସଂଶୋଧନ କରାଯାଉଛି । ବର୍ତ୍ତମାନ ସମଗ୍ର ଅଞ୍ଚଳରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଅସହ୍ୟ ତାତି ଜାରି ରହିଛି। ଏଭଳି ସ୍ଥିତିରେ ବିଏଲ୍‌ଓ ଦାୟିତ୍ୱରେ ଥିବା ଶିକ୍ଷକମାନେ ଘରକୁ ଘର ବୁଲି ସର୍ଭେ କାର୍ଯ୍ୟ କରୁଛନ୍ତି। ମାତ୍ର ଏହି କଠିନ ପରିଶ୍ରମ ମଧ୍ୟରେ ବ୍ଲକ ପ୍ରଶାସନିକ ଅଧିକାରୀମାନଙ୍କ ପକ୍ଷରୁ ସେମାନଙ୍କୁ ଅହେତୁକ ଚାପ ପ୍ରଦାନ କରାଯାଉଥିବା ଅଭିଯୋଗ ହେଉଛି। ସୂଚନା ଅନୁସାରେ, ସର୍ଭେ କାର୍ଯ୍ୟ ଶୀଘ୍ର ସାରିବା ପାଇଁ ବିଭିନ୍ନ ସମୟରେ ବିଏଲ୍‌ଓମାନଙ୍କୁ ଧମକପୂର୍ଣ୍ଣ କଲ୍ ଆସୁଛି। କାର୍ଯ୍ୟରେ ସାମାନ୍ୟ ବିଳମ୍ବ ହେଲେ ଦରମା ବନ୍ଦ କରିଦେବା କିମ୍ବା ଚାକିରିରୁ ସସପେଣ୍ଡ (ନିଲମ୍ବନ) କରାଯିବ ବୋଲି ପ୍ରଶାସନିକ ସ୍ତରରୁ କୁହାଯାଉଛି। ଏଭଳି ମାନସିକ ନିର୍ଯାତନା ଯୋଗୁଁ କର୍ତ୍ତବ୍ୟରତ ଶିକ୍ଷକ ଓ କର୍ମଚାରୀମାନେ ଅତ୍ୟଧିକ ଚାପଗ୍ରସ୍ତ ହୋଇ ନିରାଶ୍ରୟ ହୋଇପଡ଼ିଛନ୍ତି।

## 'ଚାମେଲୀଙ୍କୁ କାହିଁକି ଏତେ ବିଳମ୍ବରେ ଭେଟିଲେ ମହିଳା କମିଶନ ସଦସ୍ୟ'

କେନ୍ଦ୍ରାପଡ଼ା,୧୮।୬ (ନିପ୍ର); ଚର୍ଚ୍ଚିତ ଚାମେଲୀ ଓଝା ଘଟଣାକୁ ନେଇ ରାଜ୍ୟବ୍ୟାପୀ ଚର୍ଚ୍ଚା ଜାରି ରହିଥିବା ବେଳେ ଓଡିଶା ମହିଳା କମିଶନ ସଦସ୍ୟା ଡ଼କ୍ଟର କଳ୍ପନା ମଲ୍ଲିକ ମେଡିକାଲରେ ପହଞ୍ଚି ଚାମେଲୀ ଓଝାଙ୍କ ସହ ଭେଟିଛନ୍ତି। ତେବେ ଘଟଣା ଘଟିବାର ଅନେକ ଦିନ ପରେ ମହିଳା କମିଶନର ଏହି ପଦକ୍ଷେପକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ମହିଳା କମିଶନ ସଦସ୍ୟା ଡ଼କ୍ଟର ମଲ୍ଲିକ କହିଛନ୍ତି ଯେ, ଘଟଣା ସମ୍ପର୍କରେ ସମସ୍ତ ତଥ୍ୟ ସଂଗ୍ରହ କରାଯାଉଛି ଏବଂ ଏହାର ନିରପେକ୍ଷ ତଦନ୍ତ କରାଯିବ। ଚାମେଲୀଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ମଧ୍ୟ ସେ ଡାକ୍ତରମାନଙ୍କ ସହ ଆଲୋଚନା କରିଥିବା ସୂଚନା ମିଳିଛି। ବିଳମ୍ବରେ ମେଡିକାଲ ଗସ୍ତକୁ ନେଇ ଉଠିଥିବା ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି ଯେ, ପ୍ରାଥମିକ ରିପୋର୍ଟ ଏବଂ ପ୍ରଶାସନିକ ତଥ୍ୟ ହାସଲ ପରେ କମିଶନ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଘଟଣାର ପ୍ରତ୍ୟେକ ଦିଗକୁ ଯାଞ୍ଚ କରାଯିବ ଏବଂ ଯଦି କୌଣସି ଅନିୟମ କିମ୍ବା ଅବହେଳା ହୋଇଥିବା ପ୍ରମାଣ ମିଳେ, ତେବେ ଆଇନ ଅନୁଯାୟୀ ସୁପାରିସ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ, ଚାମେଲୀ ଓଝାଙ୍କ ପରିବାର ଓ ସମର୍ଥକମାନେ ଘଟଣାର ଶୀଘ୍ର ଏବଂ ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ମହିଳା କମିଶନର ଏହି ଗସ୍ତ ପରେ ତଦନ୍ତ ପ୍ରକ୍ରିୟା କେତେ ଦୂର ଆଗକୁ ବଢୁଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ଜଂକିଆ ବ୍ରହ୍ମା କୁମାରୀ କେନ୍ଦ୍ରରେ ସମର କ୍ୟାମ୍ପ

## ଶିଶୁଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ହିଁ ମୁଖ୍ୟ ଉଦ୍ଦେଶ୍ୟ

ନିରାକାରପୁର,୧୮।୬ (ନିପ୍ର): ଖୋର୍ଦ୍ଧା ଜିଲ୍ଲା ଜଂକିଆ ସ୍ଥିତ ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପରିସରରେ ଶିଶୁମାନଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ଉଦ୍ଦେଶ୍ୟରେ ଏକ ସ୍ୱତନ୍ତ୍ର ସମର କ୍ୟାମ୍ପ (ଗ୍ରୀଷ୍ମକାଳୀନ ଶିବିର) ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବିଦ୍ୟାଳୟର ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଏହି ଶିବିରରେ ସାମିଲ ହୋଇ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ପାଇଥିଲେ। ଟାଙ୍ଗୋଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରତିଷ୍ଠାତା ଗନ୍ଧର୍ବସେନ ସାହୁ ଏହି କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା କରିଥିଲେ। ଶିବିର ପ୍ରାରମ୍ଭରେ ଶୁଭଶ୍ରୀ ଏବଂ ଗୀତା ଭଉଣୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପିଲାମାନଙ୍କୁ ବିଭିନ୍ନ ପ୍ରକାର ଶାରୀରିକ ବ୍ୟାୟାମ ପ୍ରଶିକ୍ଷଣ ଦିଆଯାଇଥିଲା। ଏହାପରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ମ୍ୟୁଜିକ୍ ଚେୟାର, ବଲ୍ ବାଲାନ୍ସିଂ, ସଙ୍ଗୀତ, ନୃତ୍ୟ, ଏକକ ଅଭିନୟ ଏବଂ ସାଧାରଣ ଜ୍ଞାନ ଭଳି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।ଏହି ଅବସରରେ ଆୟୋଜିତ ସଭାରେ ଅତିଥି ଭାବେ 'ସହଯୋଗ' ପରିବାରର ଆବାହକ ହିମାଂଶୁ ଭୂଷଣ ଚମ୍ପତିରାୟ, ପ୍ରଜାପିତା ବ୍ରହ୍ମାକୁମାରୀ ବିଶ୍ୱବିଦ୍ୟାଳୟର ବି.କେ. ପ୍ରଭାସିନୀ, ମୁଖ୍ୟ ବକ୍ତା ବି.କେ. ଉମା, ବି.କେ. ମହେଶ୍ୱର ଏବଂ ବି.କେ. ଅଭିମନ୍ୟୁ ଯୋଗଦେଇ ଶିଶୁମାନଙ୍କୁ ସଂସ୍କାର ସମ୍ପନ୍ନ ହେବା ସହ ନିଜ ଜୀବନରେ ଆଧ୍ୟାତ୍ମିକତା ଓ ଶୃଙ୍ଖଳା ରଖିବାକୁ ପରାମର୍ଶ ଦେଇଥିଲେ।

## ରାତି ଅନିଦ୍ରା ହୋଇ ରାସ୍ତା ନିର୍ମାଣ କରାଇଲେ ବିଧାୟକ

## ଅବରୋଧରୁ ମୁକ୍ତ ହେଲା ଛଣଗିରି ଗ୍ରାମରାସ୍ତା

ନିରାକାରପୁର,୧୮।୬ (ନିପ୍ର): ଜନୈକଙ୍କ କବ୍‌ଜାରେ ଥିବା ରାସ୍ତା ଶେଷରେ ଅବରୋଧ ମୁକ୍ତ ହୋଇଛି। ବ୍ୟକ୍ତି ଜଣକ ପ୍ରାୟ ୧୦୦ ମିଟର ରାସ୍ତା କାମ କରାଇ ଦେଉ ନଥିବାରୁ ଦୀର୍ଘ ଦିନ ହେବ ଯାତାୟାତ ବାଧାପ୍ରାପ୍ତ ହେଉଥିଲା। ଯାହାକୁ ନେଇ ସ୍ଥାନୀୟ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏଭଳି ଏକ ସମସ୍ୟା ଦେଖିବାକୁ ମିଳିଥିଲା ଖୋର୍ଦ୍ଧା ଜିଲ୍ଲା



ଜଙ୍କିଆ ଥାନା ଅନ୍ତର୍ଗତ ଛଣଗିରି ଗ୍ରାମରେ। ଗ୍ରାମବାସୀମାନେ ଏହି ସମସ୍ୟାର ସମାଧାନ ପାଇଁ ବାରମ୍ବାର ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ତେବେ ମଙ୍ଗଳବାର ରାତିରେ ଏକ ଭିନ୍ନ ଚିତ୍ର ଦେଖିବାକୁ ମିଳିଥିଲା। ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଗୋଟିଏ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଛଣଗିରି ଗ୍ରାମକୁ ଯାଇଥିବା ବେଳେ ରାସ୍ତାର ଏହି ଦୁରବସ୍ଥା ନିଜେ ଦେଖିବାକୁ ପାଇଥିଲେ ଏବଂ ଅଞ୍ଚଳବାସୀଙ୍କ ଠାରୁ ସମସ୍ତ ଅଭିଯୋଗ ଶୁଣିଥିଲେ। ଲୋକଙ୍କ ସମସ୍ୟାକୁ ଅନୁଭବ କରି ସେ ରାତି ଅଧରେ ହିଁ ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନ ଏବଂ ପୂର୍ତ୍ତ ବିଭାଗର ଉଚ୍ଚ ପଦାଧିକାରୀମାନଙ୍କୁ ସେଠାକୁ ଡକାଇଥିଲେ।ପ୍ରଶାସନିକ ସହାୟତାରେ ତୁରନ୍ତ ରାସ୍ତାକୁ ଅବରୋଧ ମୁକ୍ତ କରାଯିବା ସହ ସେହି ରାତିରେ ହିଁ ରାସ୍ତା କାମ ଆରମ୍ଭ କରାଯାଇଥିଲା।

ବିଧାୟକ ନିଜେ ସାରା ରାତି ଅନିଦ୍ରା ରହି ଉପସ୍ଥିତ ରହିବା ସହ ଗ୍ରାମବାସୀଙ୍କ ସହଯୋଗରେ ବୁଧବାର ସକାଳ ସୁଦ୍ଧା ଉକ୍ତ ସ୍ଥାନରେ ଏକ ସୁନ୍ଦର କଂକ୍ରିଟ ରାସ୍ତା ନିର୍ମାଣ କରାଇଥିଲେ। ବିଧାୟକଙ୍କ ଏଭଳି ଦୃଢ଼ ଓ ତ୍ୱରିତ୍ ପଦକ୍ଷେପ ଯୋଗୁଁ ଅଞ୍ଚଳବାସୀଙ୍କ ଦୀର୍ଘ ଦିନର ବଡ଼ ସମସ୍ୟାର ସମାଧାନ ହୋଇପାରିଛି। ଆଉ ୬ ଦିନ ପରେ ଅନ୍ୟ ପାର୍ଶ୍ୱ ରାସ୍ତା କଂକ୍ରିଟ ଢଳେଇ କରାଯିବ ବୋଲି ବିଭାଗୀୟ ଅଧିକାରୀଙ୍କ ଠାରୁ ଜଣାପଡିଛି।

# କିଟିଲିଙ୍ଗ ସଂରକ୍ଷିତ ଜଙ୍ଗଲରେ ବ୍ୟାପକ ବନ ଧ୍ୱଂସ, ପ୍ରଶ୍ନରେ ବନ ବିଭାଗର ଭୂମିକା !

ପାରଳାଖେମୁଣ୍ଡି,୧୮।୬ (ନିପ୍ର); ଗଜପତି ଜିଲ୍ଲାର କିଟିଲିଙ୍ଗ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ବ୍ୟାପକ ବନଧ୍ୱଂସ ଘଟଣା ସାମ୍ନାକୁ ଆସିଛି। ଏକର ଏକର ଜଙ୍ଗଲ ଅଞ୍ଚଳରେ ନିଆଁ ଲଗାଇ ଗଛ କାଟିବା ସହିତ ମୂଲ୍ୟବାନ ବୃକ୍ଷଗୁଡ଼ିକୁ ପୋଡ଼ି ଦିଆଯାଇଛି। ଏହି ଘଟଣା ପରିବେଶପ୍ରେମୀ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଗଭୀର ଉଦ୍‌ବେଗ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, ଜଙ୍ଗଲ ମଧ୍ୟରେ ଥିବା ବହୁ ମୂଲ୍ୟବାନ ରକ୍ତ ଚନ୍ଦନ, ଶାଳ, ଶାଗୁଆନ ଏବଂ ଅନ୍ୟାନ୍ୟ କାଠ ଜାତୀୟ ବୃକ୍ଷକୁ କାଟିବା ପରେ ସେଗୁଡ଼ିକର ଚିହ୍ନ ଲୁଚାଇବା ପାଇଁ ନିଆଁ ଲଗାଯାଇଥିବା ଅଭିଯୋଗ ହେଉଛି। ଫଳରେ ଜଙ୍ଗଲର ଜୈବ ବିବିଧତା ଓ ପରିବେଶ ସନ୍ତୁଳନ ଉପରେ ଗୁରୁତର ପ୍ରଭାବ ପଡ଼ିଛି। ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ଏତେ ବଡ଼ ଧରଣର ଗଛକଟା ଓ ଅଗ୍ନିକାଣ୍ଡ ଘଟିଥିବା ସତ୍ତ୍ୱେ ବନ ବିଭାଗ



ଏ ସମ୍ପର୍କରେ ଅବଗତ ନଥିଲା କି ? ନା ଜାଣିଶୁଣି ନିରବ ରହିଛି ? ଜଙ୍ଗଲ ସୁରକ୍ଷା ପାଇଁ ନିୟୋଜିତ କର୍ମଚାରୀ ଓ ଅଧିକାରୀମାନଙ୍କର ତଦାରଖ ବ୍ୟବସ୍ଥାକୁ ନେଇ ଏବେ ପ୍ରଶ୍ନ ଉଠିଛି। ଘଟଣା ସ୍ଥଳ ଠାରୁ ମାତ୍ର କିଛି ଦୂରରେ ବନ ବିଭାଗର ବିଟ୍ ହାଉସ୍ ରହିଛି, ସ୍ୱତନ୍ତ୍ର ରକ୍ତ ଚନ୍ଦନ ଜଙ୍ଗଲ ପାଇଁ ୨୪ ଘଣ୍ଟିଆ ପ୍ରହରୀ ବ୍ୟବସ୍ଥା ରହିଛି। ତଥାପି ଏଭଳି ଘଟଣା ସମସ୍ତଙ୍କୁ ଚକିତ କରିଛି ।

ସ୍ଥାନୀୟ ବୁଦ୍ଧିଜୀବୀ ଓ ପରିବେଶପ୍ରେମୀମାନେ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। କିଏ ଜଙ୍ଗଲ କାଟିଲା, କେଉଁ ଉଦ୍ଦେଶ୍ୟରେ ନିଆଁ ଲଗାଗଲା ଏବଂ ଏଥିରେ କୌଣସି ବନ ମାଫିଆଙ୍କ ସମ୍ପୃକ୍ତି ରହିଛି କି ନାହିଁ, ତାହାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଜଙ୍ଗଲ ହେଉଛି ପ୍ରକୃତିର ଅମୂଲ୍ୟ ସମ୍ପଦ।

ଏହାର ସୁରକ୍ଷା ଦାୟିତ୍ୱ କେବଳ ବନ ବିଭାଗର ନୁହେଁ, ବରଂ ସମଗ୍ର ସମାଜର। କିନ୍ତୁ ସଂରକ୍ଷିତ ଜଙ୍ଗଲରେ ଏଭଳି ବ୍ୟାପକ ଧ୍ୱଂସଲୀଳା ପରେ ବନ ବିଭାଗର ଭୂମିକା ଓ କାର୍ଯ୍ୟଦକ୍ଷତାକୁ ନେଇ ଏବେ ଜନସାଧାରଣଙ୍କ ମନରେ ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି।

## ଧାମନଗରରେ 'ଦୁଇ ବର୍ଷର ଜନସମ୍ପର୍କ' କାର୍ଯ୍ୟକ୍ରମ

## ସରକାରୀ ଯୋଜନା ସମ୍ପର୍କରେ ବ୍ୟାପକ ସଚେତନତା

ଧାମନଗର,୧୮।୬ (ନିପ୍ର):ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ ଠାରେ ଆଜି 'ଦୁଇ ବର୍ଷର ଜନସମ୍ପର୍କ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିକାଶ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗ, ଭଦ୍ରକଙ୍କ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ସାଧାରଣ ଜନତାଙ୍କୁ ଅବଗତ କରାଇବା।ଏହି କାର୍ଯ୍ୟକ୍ରମରେ ବ୍ଲକର ବିଡ଼ିଓ ବନବିହାରୀ ଦିନ୍ଧା ସଭାପତିତ୍ୱ କରିଥିଲେ। ସେବାଶ୍ରମ ସ୍କୁଲର ଶିକ୍ଷକ ଉତ୍ତମ ସେଠୀ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସଞ୍ଚାଳନ କରିଥିବା ବେଳେ ସାମାଜିକ ଅଧିକାରୀ ଚିରଞ୍ଜୀବୀ ପଟ୍ଟନାୟକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ପ୍ରତିନିଧି ଅଶୋକ କୁମାର ପୁହାଣ, ସାଂସଦ ପ୍ରତିନିଧି ମନୋଜ କୁମାର ମଲିକ, ସିଡିପିଓ ଦମୟନ୍ତୀ ଦେଇ, ଆଇନଜୀବୀ ନିରାକାର ଜେନା, ପୂର୍ବତନ ସରପଞ୍ଚ ପ୍ରମୋଦ ସୂତାର, ରାଜେନ୍ଦ୍ର ଦାସ, ଅନିରୁଦ୍ଧ ସାହୁ ଏବଂ ପୂର୍ବତନ ସମିତି ସଭ୍ୟ ଶ୍ରୀକାନ୍ତ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସରକାରୀ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିଥିଲେ। ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନାର ସୁଫଳ ଯେପରି ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚିବ, ସେ ସମ୍ପର୍କରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ଅବସର ରେ ବିବାହର ଜାତି ଭେଦ ନ ରଖି ବିବାହ କରୁଥିବା ୪ ଜଣ ବରକନ୍ୟାଙ୍କୁ ୨ ଲକ୍ଷ ୫୦ ହଜାର ଟଙ୍କା ଲେଖାଏଁ ଚେକ୍ ପ୍ରଦାନ କରା ଯାଇଥିଲା।

## ଭଦ୍ରକରେ 'ଏଆଇ ଇନୋଭେସନ୍ ଆଣ୍ଡ ସ୍କିଲିଂ ହବ୍'ର ଶୁଭାରମ୍ଭ

## ଗ୍ରାମାଞ୍ଚଳ ଛାତ୍ରଛାତ୍ରୀଙ୍କୁ ମିଳିବ ଆଧୁନିକ ପ୍ରଯୁକ୍ତି ଶିକ୍ଷା

ଭଦ୍ରକ,୧୮।୬(ନିପ୍ର):ଗ୍ରାମାଞ୍ଚଳ ଓ ଅର୍ଦ୍ଧ-ସହରାଞ୍ଚଳର ବିଦ୍ୟାଳୟଗୁଡ଼ିକରେ ଆଧୁନିକ ଡିଜିଟାଲ୍ ଶିକ୍ଷାର ପ୍ରସାର ଲକ୍ଷ୍ୟରେ ଭୁବନେଶ୍ୱରସ୍ଥିତ ୱାନ ଫ୍ୟୁଚର ଫାଉଣ୍ଡେସନ ପକ୍ଷରୁ ଭଦ୍ରକ ଜିଲ୍ଲାର ଚୟନିତ ବିଦ୍ୟାଳୟ ଓ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଏହାର ଫ୍ଲାଗଶିପ୍ କାର୍ଯ୍ୟକ୍ରମ 'ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଇନୋଭେସନ୍ ଆଣ୍ଡ ସ୍କିଲିଂ ହବ୍' ଶୁଭାରମ୍ଭ କରାଯାଇଛି। କାର୍ଯ୍ୟକ୍ରମ ଅଧୀନରେ ପରିଚାଳିତ ଏହି ପଦକ୍ଷେପ ମାଧ୍ୟମରେ ସହରାଞ୍ଚଳର ଉନ୍ନତ ଶିକ୍ଷା ପ୍ରତିଷ୍ଠାନ ଓ ଗ୍ରାମାଞ୍ଚଳ ବିଦ୍ୟାଳୟ ମଧ୍ୟରେ ଥିବା ଡିଜିଟାଲ୍ ବ୍ୟବଧାନକୁ ଦୂର କରିବା ସହ ଛାତ୍ରଛାତ୍ରୀଙ୍କୁ ଆଧୁନିକ ପ୍ରଯୁକ୍ତି ସହ ସଂଯୋଗ କରାଯିବ।ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଭଦ୍ରକ ଲୋକସଭା ସାଂସଦ ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।ସାଂସଦ ଅଭିମନ୍ୟୁ ସେଠୀ କହିଥିଲେ ଯେ, ଆଧୁନିକ ପ୍ରଯୁକ୍ତି ଓ ଡିଜିଟାଲ୍ ଜ୍ଞାନ କେବଳ ବଡ଼ ସହରର ବିଦ୍ୟାଳୟମାନଙ୍କ ପାଇଁ ସୀମିତ ରହିବା ଉଚିତ୍ ନୁହେଁ। ଗ୍ରାମାଞ୍ଚଳରେ ମଧ୍ୟ ପ୍ରଚୁର ପ୍ରତିଭା ରହିଛି ଏବଂ ସେମାନଙ୍କୁ ଉପଯୁକ୍ତ ସୁଯୋଗ ଓ ମଞ୍ଚ ପ୍ରଦାନ କରାଗଲେ ସେମାନେ ଦେଶର ଗୌରବ ବୃଦ୍ଧି କରିପାରିବେ। ତେବେ ଏଆଇ ମାନବୀୟ ବୁଦ୍ଧିମତାକୁ କେବେବି ଛାପି ନଯାଉ ବୋଲି ସେ ମତ ପ୍ରକାଶ କରିଥିଲେ।

## ନିଟ୍ ପରୀକ୍ଷାର୍ଥୀଙ୍କ ପାଇଁ ଭଦ୍ରକ ଜିଲ୍ଲା ପ୍ରଶାସନର ନିଃଶୁଳ୍କ ଗମନାଗମନ ବ୍ୟବସ୍ଥା

ଭଦ୍ରକ,୧୮।୬ (ନିପ୍ର): ଆସନ୍ତା ୨୧ ଜୁନ ୨୦୨୬ରେ ଅନୁଷ୍ଠିତ ହେବାକୁ ଥିବା ନିଟ୍ ପ୍ରବେଶିକା ପରୀକ୍ଷା-୨୦୨୬ (୨) ରେ ଅଂଶଗ୍ରହଣ କରୁଥିବା ପରୀକ୍ଷାର୍ଥୀମାନଙ୍କୁ ନିଃଶୁଳ୍କ ଗମନାଗମନ ସୁବିଧା ଯୋଗାଇ ଦେବା ଲକ୍ଷ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ରବି ନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ, ଭଦ୍ରକଙ୍କ ଅଧ୍ୟକ୍ଷତାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅରୂପ ଅଭିଷେକ ବେହେରା, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ରାୟ, ମୋଟରଯାନ ନିରୀକ୍ଷକ ବାମଦେବ ସାହୁ, ଭଦ୍ରକ ବସ୍ ସିଣ୍ଡିକେଟ୍‌ର ସଭାପତି ଶ୍ରୀନିବାସ ପତି, ସମ୍ପାଦକ ରାଜେନ୍ଦ୍ର ମହାପାତ୍ର, ଜିଲ୍ଲା ପରିଚାଳକ, ଓ.ଏସ୍.ଆରଟି.ସି. ଏବଂ କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷା ଉପସ୍ଥିତ ଥିଲେ। ପରୀକ୍ଷାର୍ଥୀମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ୨୦ ଜୁନ ଅପରାହ୍ନ ଏବଂ ୨୧ ଜୁନ ସକାଳେ ଜିଲ୍ଲାର ୭ଟି ବ୍ଲକ୍ ମୁଖ୍ୟାଳୟରୁ ଭଦ୍ରକ ପର୍ଯ୍ୟନ୍ତ 'ଆମ ବସ୍' ଯୋଗେ ନିଃଶୁଳ୍କ ଯାତାୟାତ ସୁବିଧା ଯୋଗାଇ ଦେବାକୁ ନିଷ୍ପତ୍ତି ହୋଇଥିଲା। ସେହିପରି ୨୧ ଜୁନ ଦିନ ସକାଳ ୮ଟାରୁ ବନ୍ତଛକଠାରୁ ବିଭିନ୍ନ ପରୀକ୍ଷା କେନ୍ଦ୍ରକୁ ସଟଲ୍ ସେବା ପାଇଁ ମୋଟ ୭ଟି 'ଆମ ବସ୍' ନିୟୋଜିତ କରାଯିବ। ଏଥିମଧ୍ୟରେ ଭଦ୍ରକ ଅଟୋନମସ୍ କଲେଜକୁ ୨ଟି, ସରକାରୀ ପଲିଟେକ୍ନିକ୍, ଭଦ୍ରକକୁ ୨ଟି, ଭଣ୍ଡାରିପୋଖରୀ ପଲିଟେକ୍ନିକ୍‌କୁ ୨ଟି ଏବଂ ଭଦ୍ରକ ମହିଳା ମହାବିଦ୍ୟାଳୟକୁ ୧ଟି ବସ୍ ଚଳାଚଳ କରିବ। ସମସ୍ତ ବ୍ୟବସ୍ଥାର ତଦାରଖ ଓ ସୁପରିଚାଳନା ପାଇଁ ମୋଟରଯାନ ନିରୀକ୍ଷକ ବାମଦେବ ସାହୁଙ୍କୁ ନୋଡାଲ ଅଫିସର ଭାବେ ମନୋନୀତ କରାଯାଇଛି।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା

ଚାରିଛକ,୧୮।୬ (ନିପ୍ର): ନିମାପଡା ଶିକ୍ଷାମଣ୍ଡଳ ଅନ୍ତର୍ଗତ ଅମରେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟରେ ଯୋଗଦାନ କରିଥିବା ନୂତନ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପୁରାତନ ଛାତ୍ର ସଂସଦ ଦ୍ୱାରା ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ପୁରାତନ ଛାତ୍ର ସଂସଦର ସଦସ୍ୟ ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ମୂରଲୀଧର ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବ୍ରଜ କିଶୋର ସାହୁ,ଶିକ୍ଷକ ତ୍ରିଲୋଚନ କର,ଶିକ୍ଷକ ପ୍ରଭାତ କୁମାର ଦାଶ,ଅକ୍ଷୟ କୁମାର ସାହୁ,ପ୍ରଫୁଲ୍ଲ କୁମାର କର,ପ୍ରଫୁଲ୍ଲ ସାହୁ ପ୍ରମୁଖ ଯୋଗଦେଇ ନୂତନ ପ୍ରଧାନ ଶିକ୍ଷୟତ୍ରୀ ସୁଶ୍ରୀ ସଂଗୀତା ଜେନାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରିଥିଲେ । ଏଥି ସହିତ ବିଦ୍ୟାଳୟର ସମସ୍ତ ଶିକ୍ଷକ,ଶିକ୍ଷୟିତ୍ରୀ,କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ସଂଗୀତା ଜେନାଙ୍କୁ ସ୍ୱାଗତ କରିଥିଲେ ।

## ଯାଜପୁରରେ ପର୍ଯ୍ୟଟନ ଶିଳ୍ପ ଏବଂ ଐତିହ୍ୟର ବିକାଶ ଦିଗରେ ସରକାର ପ୍ରୟାସ କରୁଛନ୍ତି : ମନ୍ତ୍ରୀ

ଯାଜପୁର,୧୮।୬(ନିପ୍ର):ଯାଜପୁର ଜିଲ୍ଲାର ସମୃଦ୍ଧ ଐତିହ୍ୟକୁ ବିଶ୍ୱ ମାନଚିତ୍ରରେ ସ୍ଥାନିତ କରିବା ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି। ଯାଜପୁରରେ ପର୍ଯ୍ୟଟନ ଶିଳ୍ପର ପ୍ରଚୁର ସମ୍ଭାବନା ଅଛି। ଜିଲ୍ଲାରେ ଥିବା ବୌଦ୍ଧ ଐତିହ୍ୟକୁ ୟୁନେସ୍କୋ ବିଶ୍ୱ ହେରିଟେଜ ସ୍ଥଳ ମାନ୍ୟତାରେ ସାମିଲ କରିବା ଦିଗରେ ସରକାର ପ୍ରୟାସ କରିଛନ୍ତି ବୋଲି ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯାଜପୁରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ 'ବିକାଶର ଧାରା, ଓଡ଼ିଶା ସାରା' ସମ୍ପର୍କିତ ଏକ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ବଡ଼ଚଣା ବିଧାୟକ ଅମର ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଅତିରିକ୍ତ ନିର୍ବାହୀ ଅଧିକାରୀ ଲମ୍ବୋଦର ଖୁଣ୍ଟିଆ ଯୋଗ ଦେଇଥିଲେ। କେନ୍ଦ୍ର ସରକାରଙ୍କ ୧୨ ବର୍ଷ ଏବଂ ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଗତ ଦୁଇ ବର୍ଷରେ ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନା, ସଫଳତା ସମ୍ବନ୍ଧରେ ମନ୍ତ୍ରୀ ଶ୍ରୀ ସୂରଜ ବିସ୍ତୃତ ଭାବେ ବିବରଣୀ ପ୍ରଦାନ କରିଥିଲେ। ଏହାସହ ଅର୍ଥନୈତିକ ଅଭିବୃଦ୍ଧି, ଶିକ୍ଷା, ସ୍ୱାସ୍ଥ୍ୟ, ଐତିହ୍ୟ, ଭିତ୍ତିଭୂମି ବିକାଶ ଭଳି ବିଭିନ୍ନ କ୍ଷେତ୍ରରେ ଉଭୟ ରାଜ୍ୟ ଏବଂ ଜିଲ୍ଲା ସ୍ତରରେ ହୋଇଥିବା ଉଲ୍ଲେଖନୀୟ କାର୍ଯ୍ୟ ଏବଂ ପ୍ରକଳ୍ପ ସମ୍ବନ୍ଧରେ ସେ ସମ୍ୟକ ସୂଚନା ଉପସ୍ଥାପନ କରିଥିଲେ। ପୂର୍ବାପେକ୍ଷା ଓଡ଼ିଶାର ଜିଏସଡିପି ହାର ଏବଂ ମୁଣ୍ଡପିଛା ଆୟରେ ଅଭିବୃଦ୍ଧି ଘଟିଛି,




ଯାହା ଜାତୀୟ ହାରଠାରୁ ମଧ୍ୟ ଅଧିକ ରହିଛି। ଶିଳ୍ପ, ଉନ୍ନତ ଭିତ୍ତିଭୂମି ସହ ଐତିହ୍ୟକୁ ମଧ୍ୟ ବିକଶିତ କରିବାର ଆବଶ୍ୟକତା ଅଛି ବୋଲି ମନ୍ତ୍ରୀ କହିଥିଲେ। ସାଇନ୍ସ ଏକାଡେମୀ ପ୍ରକଳ୍ପରେ ଆଉ ମାତ୍ର ୧୦ ପ୍ରତିଶତ କାମ ବାକି ଅଛି। ଏହି କାମ ଶୀଘ୍ର ଶେଷ ହେବା ସହ ଆଗକୁ ଯାଜପୁର ଜିଲ୍ଲାରେ କଳାଗ୍ରାମର ଗୁରୁତ୍ୱ ସମ୍ପର୍କରେ ମଧ୍ୟ ସେ ଉଲ୍ଲେଖ କରିଥିଲେ। ଏହାସହ ଜିଲ୍ଲାର ସାମଗ୍ରିକ ବିକାଶକୁ ନେଇ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ ମାସିକ ପତ୍ରିକା 'ପ୍ରଗତି ପ୍ରବାହ' ଏବଂ ସରକାରଙ୍କ ଯୋଜନା ସମ୍ବଳିତ ସୂଚନା ପତ୍ର ବଣ୍ଟନ କରାଯାଇଥିଲା। "ବିକାଶର ଧାରା, ଓଡ଼ିଶାର ସାରା" ସଙ୍କଳ୍ପକୁ ସାକାର କରି ୨୦୩୬ ସୁଦ୍ଧା ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ଦିଗରେ ରାଜ୍ୟ ସରକାରଙ୍କ ନିରନ୍ତର ପ୍ରୟାସ ଏବଂ ଯାଜପୁର ଜିଲ୍ଲାର ସାମଗ୍ରିକ ବିକାଶ ପ୍ରତିବଦ୍ଧତାକୁ ଏହି ଅବସରରେ ଉପସ୍ଥାପନ କରାଯାଇଥିଲା।

## ଧୂମଧାମରେ ଶେଷ ହେଲା ରଜ ମହୋତ୍ସବ

ଆଠଗଡ଼ ,୧୮।୬ (ନିପ୍ର): ଆଠଗଡ଼ ଟାଉନ କ୍ଲବ ପକ୍ଷରୁ ତିନି ଦିନ ବ୍ୟାପୀ ଚାଲିଥିବା ରଜ ମହୋତ୍ସବ ଉଦଯାପିତ ହୋଇଯାଇଛି । ଆଠଗଡର ସର୍ବ ପୁରାତନ କ୍ଲବ 'ଟାଉନ କ୍ଲବ'ପକ୍ଷରୁ ରଜ ମହୋତ୍ସବର ସନ୍ଧ୍ୟାରେ କ୍ଲବର ସଭାପତି ରାମନାରାୟଣ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଆଠଗଡ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ଭୁବନାନନ୍ଦ ଦାସ, ମୁଖ୍ୟ ବକ୍ତା ଭାବେ ସାହିତ୍ୟିକ ଲେଖକ ହିମାଂଶୁ ପରିଡା , ଟାଉନ କ୍ଲବର ସଦସ୍ୟ ଉଦୟନାଥ ଶତପଥୀ, ଲକ୍ଷ୍ମୀଧର ଜେନା,ସହ ସମ୍ପାଦକ ସୋମନାଥ ଭକ୍ତା ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ କ୍ଲବର କୋଷାଧକ୍ଷ ମନୋରଞ୍ଜନ ସ୍ୱାଇଁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଠଗଡ ମାଟିରପୁଅ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପଟ୍ଟଚିତ୍ର ଶିଳ୍ପୀ ବିଜୟ ମହାପାତ୍ରଙ୍କୁ ଉପଢୌକନ ସହ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

## ବରିଷ୍ଠ ଉପ-ନିର୍ବାଚନ ଆୟୁକ୍ତଙ୍କ ଦିନିକିଆ ଗଞ୍ଜାମ ଗସ୍ତ

# ଜିଲ୍ଲାର ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା

ବ୍ରହ୍ମପୁର,୧୮।୬ (ନିପ୍ର): ଭାରତ ନିର୍ବାଚନ ଆୟୋଗର ବରିଷ୍ଠ ଉପ-ନିର୍ବାଚନ ଆୟୁକ୍ତ ଜ୍ଞାନେଶ ଭାରତୀ ଆଜି ଗଞ୍ଜାମ ଜିଲ୍ଲା ଗସ୍ତରେ ଆସି ଗୋପାଳପୁର ସର୍କିଟ ହାଉସ୍‌ରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର) କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା କରିଛନ୍ତି । ଏହି ଅବସରରେ ଗଞ୍ଜାମ ଜିଲ୍ଲାପାଳ ତଥା ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ ଭି. କୀର୍ତ୍ତି ଭାସନ ଜିଲ୍ଲାରେ ଚାଲିଥିବା ପରିଗଣନା ଫର୍ମ ବିତରଣ, ଡିଜିଟାଇଜେସନ କାର୍ଯ୍ୟ ଏବଂ ଏସ୍‌ଆଇଆର ସମ୍ପର୍କିତ ବିଭିନ୍ନ ପଦକ୍ଷେପ ବିଷୟରେ ଉପ-ନିର୍ବାଚନ ଆୟୁକ୍ତଙ୍କୁ ଅବଗତ କରାଇଥିଲେ। ସୂଚନାଯୋଗ୍ୟ ଯେ, ଏହି କାର୍ଯ୍ୟ ପାଇଁ ଜିଲ୍ଲାର ୧୩ଟି ବିଧାନସଭା କ୍ଷେତ୍ରରେ ୩,୧୨୪ ଜଣ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲ୍‌ଓ) ଏବଂ ୩୧୧ ଜଣ ବିଏଲ୍‌ଓ ସୁପରଭାଇଜର ନିୟୋଜିତ ହୋଇଛନ୍ତି। ସେହିପରି ୧୩ ଜଣ ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଇଆରଓ) ଓ ୭୯ ଜଣ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଏଇଆରଓ) ସମଗ୍ର କାର୍ଯ୍ୟର ତଦାରଖ କରୁଛନ୍ତି। ଜିଲ୍ଲାରେ ମୋଟ ୨୯,୯୯,୭୮୨ ଜଣ ଭୋଟର ଥିବାବେଳେ ବର୍ତ୍ତମାନ ସୁଦ୍ଧା ୯୯.୮୬ ପ୍ରତିଶତ ପରିଗଣନା ଫର୍ମ ଭୋଟରମାନଙ୍କ ନିକଟରେ ବିତରଣ



କରାଯାଇଛି। ଭୋଟରମାନେ ଫର୍ମର ଗୋଟିଏ କପି ନିଜ ପାଖରେ ରଖୁଥିବାବେଳେ ଅନ୍ୟ କପିଟି ପୂରଣ ଓ ସ୍ୱାକ୍ଷର କରି ବିଏଲ୍‌ଓଙ୍କୁ ପ୍ରଦାନ କରୁଛନ୍ତି। ବିଏଲ୍‌ଓମାନେ ଭୋଟରମାନଙ୍କୁ ଫର୍ମ ପୂରଣ ପ୍ରକ୍ରିୟାରେ ଆବଶ୍ୟକ ସମସ୍ତ ସହାୟତା ଯୋଗାଇ ଦେଉଛନ୍ତି। ସେହିପରି ଫର୍ମଗୁଡ଼ିକର ଡିଜିଟାଇଜେସନ କାର୍ଯ୍ୟ ଜିଲ୍ଲାରେ ଦ୍ରୁତ ଗତିରେ ଆଗେଇ ଚାଲିଛି। ବର୍ତ୍ତମାନ ସୁଦ୍ଧା ୧୮,୧୩,୨୧୫ଟି ଫର୍ମର ଡିଜିଟାଇଜେସନ ସମ୍ପୂର୍ଣ୍ଣ ହୋଇଥିବା ବେଳେ ୧୧,୪୬,୬୦୯ଟି ଫର୍ମକୁ ବିଏଲ୍‌ଓମାନେ ଯାଞ୍ଚ କରିସାରିଛନ୍ତି। ଜିଲ୍ଲାରେ ୬୦.୪୪ ପ୍ରତିଶତ ଫର୍ମର ଡିଜିଟାଇଜେସନ ହୋଇସାରିଛି । ସମୀକ୍ଷା ବୈଠକରେ ଉପ-ନିର୍ବାଚନ ଆୟୁକ୍ତ ଶ୍ରୀ ଭାରତୀ ଏସ୍‌ଆଇଆର କାର୍ଯ୍ୟକ୍ରମ ସମ୍ପର୍କିତ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଜିଲ୍ଲାପାଳ ଶ୍ରୀ ଭାସନ ସେଗୁଡ଼ିକର ଉତ୍ତର ରଖିଥିଲେ। ଗଞ୍ଜାମ ଜିଲ୍ଲା ଓଡ଼ିଶାର ଏକ ଜନବହୁଳ ଜିଲ୍ଲା ହୋଇଥିଲେ ମଧ୍ୟ ଏସ୍‌ଆଇଆର କାର୍ଯ୍ୟରେ ରାଜ୍ୟରେ ଆଗୁଆ ରହିଥିବାରୁ ବିଏଲ୍‌ଓମାନଙ୍କ ନିଷ୍ଠା ଓ ପରିଶ୍ରମକୁ ଶ୍ରୀ ଭାରତୀ ପ୍ରଶଂସା କରିଥିଲେ। ଏହାସହ ନିର୍ଦ୍ଧାରିତ ସମୟ ପୂର୍ବରୁ ସମସ୍ତ ଏସ୍‌ଆଇଆର କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଭାରତ ନିର୍ବାଚନ ଆୟୋଗର ପ୍ରମୁଖ ସଚିବ ଏସ୍.ବି. ଯୋଶୀ, ଉପ ସଚିବ ଅଭିନବ ଅଗ୍ରୱାଲ, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ, ଦେବଦତ୍ତ ପଣ୍ଡା ଓ ସୁନୀଲ କେର୍କେଟ୍ଟା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଡେପୁଟି ସିଇଓ ଡ଼. ଲକ୍ଷ୍ମୀ ପ୍ରସାଦ ସାହୁ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ଆଇଏଏସ୍ ଶିକ୍ଷାନବୀଶ ସାରାନ୍ୟା ଏବଂ ଡେପୁଟି କଲେକ୍ଟର ଡ଼. ଅରୁଣ କୁମାର ଖଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଗଭୀର ଖାଇକୁ ଖସିଲା ବୋଲେରୋ: ୭ ମୃତ

ନୂଆଦିଲ୍ଲୀ,୧୮।୬: ହିମାଚଳ ପ୍ରଦେଶର ଚମ୍ବାରେ ମର୍ମନ୍ତୁଦ ସଡକ ଦୁର୍ଘଟଣା । ଗାଡିଟି ନିୟନ୍ତ୍ରଣ ହରାଇ ଗଭୀର ଖାଇକି ଖସିପଡିବାରୁ ପ୍ରାୟ ସାତ ଜଣଙ୍କର ମୃତ୍ୟୁ ହୋଇଛି । ବୁଧବାର ବିଳମ୍ବିତ ରାତିରେ ମସରୁଣ୍ଡ – ହାମାଲ ରାସ୍ତାରେ ଏହି ଦୁର୍ଘଟଣା ଘଟିଛି । ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁସାରେ କୁଠେଡ ଅନ୍ତର୍ଗତ ମାହଲ ଗ୍ରାମର କିଛି ବାସିନ୍ଦାମାନେ ମୁଣ୍ଡନ ସମାରୋହ ଭୋଜିରେ ଯୋଗ ଦେବାକୁ ଏକ ବୋଲେରୋ ଯୋଗେ ଯାଇଥିଲେ । ସବୁ କାର୍ଯ୍ୟକ୍ରମ ସରିବା ପରେ ଘରକୁ ଫେରିବା ବେଳେ ବିଳମ୍ବିତ ରାତିରେ ହିମାଚଳ ପ୍ରଦେଶର ଚମ୍ବାରେ ମସରୁଣ୍ଡ – ହାମାଲର ପାହାଡିଆ ରାସ୍ତାରେ ନିୟନ୍ତ୍ରଣ ହରାଇ ବୋଲେରୋଟି ଏକ ଗଭୀର ଖାଇକୁ ଖସିପଡିଥିଲା । ଫଳରେ ଗାଡିରେ ଥିବା ସମସ୍ତ ସାତ ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ମୃତକଙ୍କ ମଧ୍ୟରେ ମହିଳା ଏବଂ ପୁରୁଷ ରହିଛନ୍ତି । ଦୁର୍ଘଟଣା ଏତେ ଭୟାନକ ଥିଲା ଯେ, ଗାଡିଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା ।

## ନ୍ୟୁୟର୍କରେ ଘୋଡ଼ା ଗାଡ଼ି ଦୁର୍ଘଟଣାରେ ଭାରତୀୟ କିଶୋରଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୧୮।୬: ଆମେରିକାର ନ୍ୟୁୟର୍କସ୍ଥିତ ସେଣ୍ଟ୍ରାଲ ପାର୍କରେ ଏକ ଘୋଡ଼ା ଗାଡ଼ି ଦୁର୍ଘଟଣାରେ ଜଣେ ଭାରତୀୟ କିଶୋରଙ୍କ ମୃତ୍ୟୁ ହୋଇଛି। ମୃତ କିଶୋର ରୋମାଞ୍ଚ ମହାଜନ ବୋଲି ଜଣାପଡ଼ିଛି। ନ୍ୟୁୟର୍କ ଟାଇମ୍ସ ରିପୋର୍ଟ ଅନୁଯାୟୀ, ରୋମାଞ୍ଚଙ୍କ ପରିବାର ପ୍ରଥମ ଥର ଭାରତରୁ ନ୍ୟୁୟର୍କ ବୁଲିବାକୁ ଯାଇଥିଲେ। ଦୁର୍ଘଟଣାଟି ସ୍ଥାନୀୟ ସମୟ ଅନୁସାରେ ଅପରାହ୍ଣ ୩ଟାରେ ଘଟିଥିଲା ବୋଲି କୁହାଯାଉଛି। କିଶୋର ଜଣକ ଅନ୍ୟ ତିନି ଜଣ ଯାତ୍ରୀଙ୍କ ସହିତ ଘୋଡା ଗାଡ଼ିରେ ବସିଥିବାବେଳେ ଘୋଡ଼ା ନିୟନ୍ତ୍ରଣ ବାହାରକୁ ଚାଲି ଯାଇଥିଲା ଓ ଦୁର୍ଘଟଣା ଘଟିଥିଲା। ଗୁରୁତର ଅବସ୍ଥାରେ ରୋମାଞ୍ଚଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା ବୋଲି ନ୍ୟୁଜ ଏଜେନ୍ସି ଆସୋସିଏଟେଡ ପ୍ରେସ୍ ଏହାର ରିପୋର୍ଟରେ ପ୍ରକାଶ କରିଛି।

## ମହିଳାଙ୍କୁ ଗଣଦୁଷ୍କର୍ମ; ଗୁପ୍ତାଙ୍ଗରେ ଭର୍ତ୍ତି କଲେ ଗୁଳି, କାଠ ଓ ପଥର

ବେଗୁସରାଇ,୧୮।୬: ବିହାରର ବେଗୁସରାଇରେ ଥିବା ଏକ ଘରେ ପଶି ପାଞ୍ଚ ଜଣ ବ୍ୟକ୍ତି ଘର ମାଲିକଙ୍କୁ ତାଲା ପକାଇ ତାଙ୍କ ପତ୍ନୀଙ୍କୁ ଗଣଦୁଷ୍କର୍ମ କରିଛନ୍ତି। ପରେ ତଳ ପେଟରେ ପ୍ରବଳ ଯନ୍ତ୍ରଣା ଅନୁଭବ କରିବାରୁ ପୀଡ଼ିତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଆଶ୍ଚର୍ଯ୍ୟର କଥା, ଚିକିତ୍ସା ସମୟରେ ଡାକ୍ତରମାନେ ତାଙ୍କ ଗୁପ୍ତାଙ୍ଗରୁ ଏକ ଜୀବନ୍ତ ଗୁଳି, ପଥର ଓ କାଠ ଖଣ୍ଡ ବାହାର କରିଥିଲେ। ଏଥିରୁ ବର୍ବରତାର ପରିମାଣ ଜଣାପଡ଼ିଛି। ଚାକିଆ ପୁଲିସ ଷ୍ଟେସନ ନିକଟରେ ଏହି ଘଟଣା ଘଟିଥିଲା। ପୀଡ଼ିତା ଜଣକ କହିଛନ୍ତି ଯେ, ରାତି ପ୍ରାୟ ୧୧ଟା ୩୦ ସମୟରେ ସେ ଶୌଚାଳୟକୁ ଯାଇଥିବା ବେଳେ ପାଞ୍ଚ ଜଣ ବ୍ୟକ୍ତି ତାଙ୍କ ଘରେ ଜବରଦସ୍ତ ପ୍ରବେଶ କରି ତାଙ୍କ ସ୍ୱାମୀଙ୍କୁ ଗୋଟିଏ କୋଠରିରେ ବନ୍ଦ କରି ଦେଇଥିଲେ। ସେ ବାହାରକୁ ଆସିବା ପରେ ସେମାନେ ତାଙ୍କ ପାଟିରେ କନା ବିଣ୍ଡା ଦେଇ ଟେକିନେଇଥିଲେ। ଆକ୍ରମଣକାରୀମାନେ ତାଙ୍କୁ ତାଙ୍କ ଘର ବାହାରେ ଏକ ନିଛାଟିଆ ସ୍ଥାନକୁ ନେଇ ଗଣଦୁଷ୍କର୍ମ କରିଥିଲେ। ଯେତେବେଳେ ସେ ଡାକ ପକାଇବାକୁ ଚେଷ୍ଟା କଲେ, ସେମାନେ ତାଙ୍କ ଛାତି ଓ ଜଙ୍ଘକୁ ବ୍ଲେଡରେ କାଟି ଦେଇଥିଲେ।

## ପାକିସ୍ତାନ ଗୁରୁଦ୍ୱାର ଭିତରେ ବୃଦ୍ଧ ଶିଖ୍ ଦମ୍ପତିଙ୍କୁ ନିର୍ମମ ହତ୍ୟା

ନୂଆଦିଲ୍ଲୀ,୧୮।୬: ପାକିସ୍ତାନର ଖାଇବର ପଖତୁନଖ୍ୱା ପ୍ରଦେଶସ୍ଥିତ ମର୍ଦାନ ଜିଲ୍ଲାର ବାବୁ ମୋହଲ୍ଲାରେ ଥିବା ଏକ ଗୁରୁଦ୍ୱାର ପରିସରରେ ଜଣେ ବୃଦ୍ଧ ଶିଖ ଦମ୍ପତିଙ୍କୁ ଗୁଳି କରି ହତ୍ୟା କରାଯିବା ଘଟଣା ସେଠାରେ ରହୁଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ସୁରକ୍ଷା ଉପରେ ପୁଣି ଥରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଗୁରୁଦ୍ୱାରର ସେବାଦାର ତଥା ତତ୍ତ୍ୱାବଧାରକ ଭାବେ କାର୍ଯ୍ୟ କରୁଥିବା ୭୦ ବର୍ଷୀୟ ଜଗନ୍ନାଥ ଓ ତାଙ୍କ ପତ୍ନୀ ଆସମା ଓ୍ୱାଣ୍ଟିଙ୍କୁ କିଛି ଅଜ୍ଞାତ ଦୁର୍ବୃତ୍ତ ଗୁରୁଦ୍ୱାର ଭିତରକୁ ପଶି ଅତର୍କିତ ଭାବେ ଗୁଳି କରି ହତ୍ୟା କରିବା ପରେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି । ପାକିସ୍ତାନୀ ଗଣମାଧ୍ୟମ ଅନୁଯାୟୀ, ଦୁର୍ଘଟଣା ସମୟରେ ଗୁରୁଦ୍ୱାର ସୁରକ୍ଷା ପାଇଁ ନିୟୋଜିତ ଥିବା ପୋଲିସ କର୍ମଚାରୀ ସେଠାରେ ଉପସ୍ଥିତ ନଥିଲେ ଏବଂ ସେଠାରେ ଲାଗିଥିବା ସିସିଟିଭି କ୍ୟାମେରାର ଡିଜିଟାଲ୍ ଭିଡିଓ ରେକର୍ଡର୍ ମଧ୍ୟ ଅଚଳ ଥିଲା, ଯାହା ତଦନ୍ତ ପ୍ରକ୍ରିୟାକୁ ଜଟିଳ କରିଛି। ମର୍ଦାନ ଜିଲ୍ଲା ପୋଲିସ ମୃତଦେହକୁ ଉଦ୍ଧାର କରି ହସ୍ପିଟାଲ ପଠାଇବା ସହ ବିଭିନ୍ନ ଦିଗରୁ ତଦନ୍ତ ଆରମ୍ଭ କରିଛନ୍ତି । ଏହି ବର୍ବରକାଣ୍ଡକୁ ନେଇ ସମ୍ପୃକ୍ତ ଅଞ୍ଚଳର ରାଜ୍ୟପାଳ ଫୈସଲ କରିମ କୁଣ୍ଡି ଦୁଃଖ ପ୍ରକାଶ କରିବା ସହ ଦୋଷୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଭାରତରେ ମଧ୍ୟ ଏହି ଘଟଣାର ତୀବ୍ର ନିନ୍ଦା କରାଯାଇଛି।

## ଇ୨୦ ପେଟ୍ରୋଲରେ ପିମ୍ପୁଡ଼ି ଲାଗିବା ଗୁଜବକୁ ଖଣ୍ଡନ କଲେ ସରକାର

ନୂଆଦିଲ୍ଲୀ,୧୮।୬: ଇଥାନଲ ମିଶା ପେଟ୍ରୋଲ ପକାଇଲେ ଗାଡ଼ିରେ ପିମ୍ପୁଡ଼ି ଲାଗୁଥିବା ନେଇ ସୋସିଆଲ ମିଡିଆରେ ଗୁଜବ ପ୍ରଚାର ହୋଇଛି। ଏକ ଭିଡିଓରେ କରାଯାଇଥିବା ସେହି ଦାବିକୁ ସରକାରୀ ତୈଳ କମ୍ପାନି ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ୍ (ବିପିସିଏଲ୍) ଦୃଢ଼ ଭାବେ ଖଣ୍ଡନ କରିଛି। ସେଭଳି ଦାବିର କୌଣସି ବୈଜ୍ଞାନିକ ଆଧାର ନାହିଁ ବୋଲି କମ୍ପାନି ସ୍ପଷ୍ଟ କରିଛି। ଚଳିତ ବର୍ଷ ଏପ୍ରିଲରୁ ସାରା ଦେଶରେ ଇ୨୦ ପେଟ୍ରୋଲ ବିକ୍ରି ବାଧ୍ୟତାମୂଳକ କରାଯାଇଛି। ଏହି ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ ଓ ୮୦ ପ୍ରତିଶତ ପେଟ୍ରୋଲ ରହିଛି। ଇଥାନଲ ମିଶା ତେଲ ବିକ୍ରି ହେବା ପରଠାରୁ ତାହାର ଖରାପ ଦିଗକୁ ନେଇ ବ୍ୟାପକ ଚର୍ଚ୍ଚା ହେଉଛି। ଇଥାନଲ ପ୍ରଭାବରେ ଗାଡ଼ିର ଇଞ୍ଜିନ ଖରାପ ହେଉଥିବା ଦାବି ହେଉଥିଲା ଯାହାକୁ ତୈଳ କମ୍ପାନିଗୁଡ଼ିକ ଖଣ୍ଡନ କରିଥିଲେ। ଏବେ ଦାବି କରାଯାଉଛି ଯେ ଆଖୁରୁ ଇଥାନଲ ତିଆରି ହେଉଥିବାରୁ ସେଥିରେ ମିଠା ଅଂଶ ରହୁଛି।

## ଜଳିଗଲା ଇଭି ଶୋ'ରୁମ୍

ନୂଆଦିଲ୍ଲୀ,୧୮।୬: ଗୁଜରାଟର ସୁରଟ ସହରରେ ଗୁରୁବାର ସକାଳେ ଏକ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଅନେକ ବୈଦ୍ୟୁତିକ ଯାନ (ଇଭି) ନଷ୍ଟ ହୋଇଯାଇଥିବା ବେଳେ ଏକ ଇଭି ଶୋ'ରୁମ୍ ସହିତ ଆଖପାଖର ତିନୋଟି ବ୍ୟବସାୟିକ ପ୍ରତିଷ୍ଠାନ ଜଳିପୋଡ଼ି ଛାରଖାର ହୋଇଯାଇଛି ବୋଲି ଅଧିକାରୀମାନେ ପ୍ରକାଶ କରିଛନ୍ତି। ସହରର ଅଡ଼ାଜଣ ଅଞ୍ଚଳରେ ଘଟିଥିବା ଏହି ଦୁର୍ଘଟଣାରେ କେହି ମୃତାହତ କିମ୍ବା ଆହତ ହୋଇନଥିବା ସୂଚନା ମିଳିଛି।

# ଅପରାଧୀଙ୍କ ସୁରକ୍ଷିତ ପେଣ୍ଠସ୍ଥଳୀ ପାଲଟିଛି ଟେଲିଗ୍ରାମ୍




ନୂଆଦିଲ୍ଲୀ,୧୮।୬: ଲୋକପ୍ରିୟ ସୋସିଆଲ ମିଡିଆ ମେସେଜିଂ ଆପ୍ 'ଟେଲିଗ୍ରାମ୍'ର ଅପବ୍ୟବହାରକୁ ନେଇ ଆଜି କେନ୍ଦ୍ର ସରକାର ଦିଲ୍ଲୀ ହାଇକୋର୍ଟରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରଖିଛନ୍ତି । ସରକାରଙ୍କ ପକ୍ଷରୁ କୋର୍ଟଙ୍କୁ ସ୍ପଷ୍ଟ ଭାବେ ଜଣାଯାଇଛି ଯେ, ବର୍ତ୍ତମାନ ସମୟରେ ଟେଲିଗ୍ରାମ୍ ପ୍ଲାଟଫର୍ମ ଅପରାଧୀ ଏବଂ ଦେଶବିରୋଧୀ ସଂଗଠନଗୁଡ଼ିକ ପାଇଁ ଏକ ପ୍ରମୁଖ ମାଧ୍ୟମ ସାଜିଛି। ଏହି ଆପ୍ ଜରିଆରେ ଆତଙ୍କବାଦୀ କାର୍ଯ୍ୟକଳାପର ସଂଚାଳନ, ସାଇବର ଅପରାଧ, ଆର୍ଥିକ ଜାଲିଆତି ଏବଂ ବେଆଇନ ଡ୍ରଗ୍ସ ଚୋରା ଚାଲାଣ ଭଳି ସଂଗଠିତ ଅପରାଧ ବ୍ୟାପକ ଭାବେ ବୃଦ୍ଧି ପାଇବାରେ ଲାଗିଛି, ଯାହା ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ପ୍ରତି ଏକ ବଡ଼ ବିପଦ ସୃଷ୍ଟି କରିଛି। କେନ୍ଦ୍ର ସରକାର ନିଜ ପକ୍ଷ ରଖି କହିଛନ୍ତି ଯେ, ଟେଲିଗ୍ରାମ୍ ଆପରେ ଥିବା କଠୋର 'ଏନକ୍ରିପ୍ସନ୍ ସିକ୍ୟୁରିଟି' ଏବଂ ବ୍ୟବହାରକାରୀଙ୍କ ପରିଚୟ ଗୋପନ ରଖିବାର ସୁବିଧା ଯୋଗୁଁ ଅପରାଧୀମାନେ ଏହାର ଭରପୂର ଫାଇଦା ଉଠାଉଛନ୍ତି। ଏହି ଗୋପନୀୟତା ଫିଚର୍ସ ଯୋଗୁଁ ଦେଶର ଆଇନ ଶୃଙ୍ଖଳା ରକ୍ଷାକାରୀ ସଂସ୍ଥା ଏବଂ ଗୁଇନ୍ଦା ବିଭାଗ ପାଇଁ ବେଆଇନ କାର୍ଯ୍ୟକଳାପ ଉପରେ ନଜର ରଖିବା କିମ୍ବା ଅପରାଧୀଙ୍କୁ ଚିହ୍ନଟ କରିବା ସମ୍ପୂର୍ଣ୍ଣ କଷ୍ଟକର ହୋଇପଡୁଛି। ଏହା ବ୍ୟତୀତ ବିଭିନ୍ନ ଚ୍ୟାନେଲ୍ ଓ ଗ୍ରୁପ୍ ମାଧ୍ୟମରେ ଦେଶବିରୋଧୀ ତଥା ଉଗ୍ରବାଦୀ ପ୍ରଚାର କରାଯାଉଥିବା ନେଇ ମଧ୍ୟ ସରକାର ଉଦ୍‌ବେଗ ପ୍ରକାଶ କରିଛନ୍ତି। ସବୁଠାରୁ ଗମ୍ଭୀର ବିଷୟ ହେଉଛି, ଭାରତରେ ଏହି ଆପରେ ବ୍ୟବହାରକାରୀଙ୍କ ସଂଖ୍ୟା କୋଟି କୋଟି ହୋଇଥିବା ବେଳେ, ଏହାକୁ ନିୟନ୍ତ୍ରଣ କରିବା ପାଇଁ କୌଣସି ପର୍ଯ୍ୟାପ୍ତ ଅନ୍ତର୍ଜାତୀୟ ନିୟମାବଳୀ ନାହିଁ। କେନ୍ଦ୍ର ସରକାର କୋର୍ଟଙ୍କୁ ଜଣାଇଛନ୍ତି ଯେ, କୌଣସି ଆପରାଧିକ ମାମଲାର ତଦନ୍ତ ସମୟରେ ଟେଲିଗ୍ରାମ୍ କର୍ତ୍ତୃପକ୍ଷ ଭାରତୀୟ ସୁରକ୍ଷା ଏଜେନ୍ସିଗୁଡ଼ିକୁ ଆବଶ୍ୟକ ତଥ୍ୟ ପ୍ରଦାନ କରି ସହଯୋଗ କରୁନାହାନ୍ତି। ଏହି ପ୍ଲାଟଫର୍ମର ଗ୍ଲୋବାଲ୍ ନେଟଓ୍ୱାର୍କ ଯୋଗୁଁ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବେଶ୍ ସମସ୍ୟା ଉପୁଜୁଛି। ଏହି ସମସ୍ତ ଦିଗକୁ ଉଲ୍ଲେଖ କରି କେନ୍ଦ୍ର ସରକାର ଦିଲ୍ଲୀ ହାଇକୋର୍ଟଙ୍କୁ ଅନୁରୋଧ କରିଛନ୍ତି ଯେ, ଏଭଳି ଏନକ୍ରିପଟେଡ୍ ମେସେଜିଂ ଆପ୍ ଗୁଡ଼ିକର ବେଆଇନ କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖିବା ପାଇଁ ଏକ ଦୃଢ଼ ଓ ପ୍ରଭାବଶାଳୀ ବ୍ୟବସ୍ଥା ପ୍ରସ୍ତୁତ କରାଯାଉ। ବର୍ତ୍ତମାନ ଦିଲ୍ଲୀ ହାଇକୋର୍ଟ ଏହି ସମ୍ବେଦନଶୀଳ ମାମଲାର ଗମ୍ଭୀରତାକୁ ଅନୁଧ୍ୟାନ କରୁଛନ୍ତି।

## ନିଟ୍-ୟୁଜି ପୁନଃ ପରୀକ୍ଷା ପୂର୍ବରୁ ଏନ୍‌ଟିଏର କଡ଼ା ଚେତାବନୀ

ନୂଆଦିଲ୍ଲୀ,୧୮।୬: ଆସନ୍ତା ଜୁନ୍ ୨୧ରେ ହେବାକୁ ଥିବା ନିଟ୍-ୟୁଜି ପୁନଃ ପରୀକ୍ଷା ପୂର୍ବରୁ ଜାତୀୟ ପରୀକ୍ଷା ସଂସ୍ଥା (ଏନ୍‌ଟିଏ) ପକ୍ଷରୁ ପରୀକ୍ଷାର୍ଥୀମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଚେତାବନୀ ଜାରି କରାଯାଇଛି। ପରୀକ୍ଷା ପରିଚାଳନାରେ ସ୍ୱଚ୍ଛତା ଓ ସାଧୁତା ବଜାୟ ରଖିବା ପାଇଁ ଏନ୍‌ଟିଏ ସ୍ପଷ୍ଟ କରିଛି ଯେ, ଯଦି କୌଣସି ପ୍ରାର୍ଥୀ ବେଆଇନ ଉପାୟ ଆପଣାନ୍ତି, ତେବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ସେମାନଙ୍କ ପ୍ରାର୍ଥିତ୍ୱ ରଦ୍ଦ କରାଯିବ। ସମସ୍ତ ଯୋଗ୍ୟ ପରୀକ୍ଷାର୍ଥୀଙ୍କୁ ସମାନ ସୁଯୋଗ ଦେବା ଉଦ୍ଦେଶ୍ୟରେ ଏହି ପୁନଃ ପରୀକ୍ଷା କରାଯାଉଥିବାରୁ ଏଜେନ୍ସି ଏଥର ଶୂନ୍ୟ ସହନଶୀଳତା ନୀତି ଆପଣାଇଛି। ବର୍ତ୍ତମାନ ସୋସିଆଲ ମିଡିଆରେ ପରୀକ୍ଷା ସ୍ଥଗିତ ହେବା ନେଇ ଅନେକ ମିଥ୍ୟା ଖବର ଓ ଗୁଜବ ବୁଲୁଛି। ଏଭଳି କୌଣସି ଅନଧିକୃତ ସୂତ୍ର ଉପରେ ବିଶ୍ୱାସ ନକରିବାକୁ ଏନଟିଏ ପରୀକ୍ଷାର୍ଥୀମାନଙ୍କୁ ଅନୁରୋଧ କରିଛି। କୌଣସି ବି ସଠିକ୍ ଅପଡେଟ୍ ପାଇଁ କେବଳ ଅଫିସିଆଲ୍ ଓ୍ୱେବସାଇଟକୁ ହିଁ ଏକମାତ୍ର ବିଶ୍ୱାସଯୋଗ୍ୟ ମାଧ୍ୟମ ଭାବେ ଗ୍ରହଣ କରିବାକୁ କୁହାଯାଇଛି। ପରୀକ୍ଷା ପାଇଁ ଆଡମିଟ୍ କାର୍ଡ ଡାଉନଲୋଡ୍ ଲିଙ୍କ୍ ଓ୍ୱେବସାଇଟରେ ଉପଲବ୍ଧ କରାଯାଇଛି। ପରୀକ୍ଷା କେନ୍ଦ୍ରଗୁଡ଼ିକରେ କୌଣସି ପ୍ରକାରର ଜାଲିଆତି କିମ୍ବା ଅନ୍ୟ ଜଣଙ୍କ ବଦଳରେ ପରୀକ୍ଷା ଦେବା ରୋକିବା ପାଇଁ ସୁରକ୍ଷା ବ୍ୟବସ୍ଥା ଅତ୍ୟନ୍ତ କଡ଼ାକଡ଼ି କରାଯାଇଛି। ଏନଟିଏ ସ୍ଥାନୀୟ ପ୍ରଶାସନ ଓ ରାଜ୍ୟ କର୍ତ୍ତୃପକ୍ଷଙ୍କ ସହ ମିଶି ସମଗ୍ର ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା ପାଇଁ ସମସ୍ତ ପ୍ରସ୍ତୁତି ଶେଷ କରିଛି। ପରୀକ୍ଷା ଦିନ ସମସ୍ତ ପ୍ରାର୍ଥୀଙ୍କୁ ଆଡମିଟ୍ କାର୍ଡ ସହିତ ଏକ ବୈଧ ପରିଚୟ ପତ୍ର ଆଣିବା ବାଧ୍ୟତାମୂଳକ କରାଯାଇଛି। ପରୀକ୍ଷା ଗୃହରେ ସମ୍ପୂର୍ଣ୍ଣ ଅନୁଶାସନ ରକ୍ଷା କରିବାକୁ ଏବଂ ସମସ୍ତ ନିୟମାବଳୀକୁ ସତର୍କତାର ସହ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଛାତ୍ରଛାତ୍ରୀଙ୍କୁ 'ଛାତ୍ରୋ କି ଗୁଞ୍ଜ୍' ଅଭିଯାନରେ ଭାଗ ନେବାକୁ ରାହୁଲଙ୍କ ନିବେଦନ



ନୂଆଦିଲ୍ଲୀ,୧୮।୬: କଂଗ୍ରେସ ସାଂସଦ ତଥା ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଗୁରୁବାର ଛାତ୍ରଛାତ୍ରୀ ଓ ଚାକିରି ଆଶାୟୀମାନଙ୍କୁ ନୂତନ ଭାବରେ ଆରମ୍ଭ ହୋଇଥିବା 'ଛାତ୍ରୋଁ କି ଗୁଞ୍ଜ' (ଛାତ୍ରଙ୍କ ପ୍ରତିଧ୍ୱନି) ଅଭିଯାନରେ ଯୋଗଦେବାକୁ ଆହ୍ୱାନ କରିଛନ୍ତି। ରାହୁଲ କହିଛନ୍ତି ଯେ, ଏହା ଶିକ୍ଷା, ପରୀକ୍ଷା ଓ ନିଯୁକ୍ତି ସମ୍ପର୍କରେ ସେମାନଙ୍କ ଚିନ୍ତାକୁ ସିଧାସଳଖ ସରକାରଙ୍କ ନିକଟରେ ପହଞ୍ଚାଇବା ପାଇଁ ଉଦ୍ଦିଷ୍ଟ। ରାହୁଲ 'ଏକ୍ସ'ରେ ଏକ ପୋଷ୍ଟ କରି ଲେଖିଛନ୍ତି ଯେ, ଯଦି ଆପଣ ପ୍ରଶ୍ନପତ୍ର ଲିକ୍, ପରୀକ୍ଷାରେ ଠକେଇ କିମ୍ବା ଅତ୍ୟଧିକ ଶିକ୍ଷା ଦେୟ ଯୋଗୁ ଯନ୍ତ୍ରଣା ସହ୍ୟ କରୁଛନ୍ତି। ଯଦି ଏହି ବ୍ୟବସ୍ଥା ଆପଣଙ୍କ ସ୍ୱପ୍ନକୁ ଭାଙ୍ଗି ଦେଇଛି। ତେବେ ଏ କ୍ଷେତ୍ରରେ ଛାତ୍ରୋଁ କି ଗୁଞ୍ଜ ଆପଣଙ୍କ ସ୍ୱର ହେବ। ରାହୁଲ ଗାନ୍ଧୀ କହିଛନ୍ତି ଯେ, ଏହା ଏକ ଅଭିଯାନ ଅପେକ୍ଷା ଅଧିକ ଓ ଏହା ଏକ ପ୍ଲାଟଫର୍ମ ଯାହା ମାଧ୍ୟମରେ ସୁଲଭ ଶିକ୍ଷା, ନିରପେକ୍ଷ ପରୀକ୍ଷା ଓ ମର୍ଯ୍ୟାଦାପୂର୍ଣ୍ଣ ନିଯୁକ୍ତି ସହିତ ଜଡିତ ଦାବି ସରକାରଙ୍କ ସମ୍ମୁଖରେ ଉଠାଇ ହେବ। ସେ ଲୋକମାନଙ୍କୁ ସେମାନଙ୍କର ପରାମର୍ଶ ଦାଖଲ କରିବା ଓ ଏହି ପଦକ୍ଷେପ ସହିତ ଜଡିତ ଏକ ଆବେଦନରେ ଦସ୍ତଖତ କରି ଅଂଶଗ୍ରହଣ କରିବାକୁ ଅନୁରୋଧ କରିଥିଲେ। ଆପଣଙ୍କର ଗୋଟିଏ ଦସ୍ତଖତ ଏହି ଲଢ଼େଇକୁ ଆହୁରି ମଜବୁତ କରିବ। ଯେତେ ଅଧିକ ନାମ, ପ୍ରତିଧ୍ୱନି ସେତେ ଜୋରରେ ହେବ ବୋଲି ରାହୁଲ ଗାନ୍ଧୀ କହିଥିଲେ। ପରୀକ୍ଷା ସମ୍ବନ୍ଧୀୟ ବିବାଦ, ନିଯୁକ୍ତି ଅନିୟମିତତା ଓ ଶିକ୍ଷାଗତ ଖର୍ଚ୍ଚ ସମେତ ଛାତ୍ର ଓ ଚାକିରି ଆଶାୟୀମାନଙ୍କ ସହ ଜଡିତ ପ୍ରସଙ୍ଗଗୁଡ଼ିକୁ କଂଗ୍ରେସ ଦଳର ଗୁରୁତ୍ୱ ମଧ୍ୟରେ ଏହି ଅଭିଯାନ ଆରମ୍ଭ ହୋଇଛି। ପୂର୍ବରୁ କଂଗ୍ରେସ 'ଛତ୍ରୋଁ କି ଗୁଞ୍ଜ' ବ୍ୟାନର ତଳେ ଭାରତର ଶିକ୍ଷା ବ୍ୟବସ୍ଥା ଉପରେ କେନ୍ଦ୍ରିତ ଏକ ଦେଶବ୍ୟାପୀ ଅଭିଯାନ ଘୋଷଣା କରିଥିଲା। ଏହି ପଦକ୍ଷେପରେ ଦେଶବ୍ୟାପୀ ପ୍ରତିବାଦ, ଜନସମ୍ପର୍କ କାର୍ଯ୍ୟକ୍ରମ ଓ ସଂସଦରେ ଆଲୋଚନା କରାଯିବ। ଏହି ପଦକ୍ଷେପର ଅଂଶ ସ୍ୱରୂପ, ରାହୁଲ ଗାନ୍ଧୀ ରାଜସ୍ଥାନର କୋଟାରୁ 'ଛତ୍ରୋଁ କି ଗୁଞ୍ଜ ମହାରାଲି' ଶୀର୍ଷକ ଏକ ରାଲି ମାଧ୍ୟମରେ ଅଭିଯାନ ଆରମ୍ଭ କରିଥିଲେ।

## ୟୁକ୍ରେନର ଡ୍ରୋନ ମାଡରେ ଜଳିଲା ମସ୍କୋ ଅଏଲ ରିଫାଏନାରୀ



ମସ୍କୋ,୧୮।୬: ୟୁକ୍ରେନ ରୁଷିଆ ଉପରେ ଡ୍ରୋନ ଆକ୍ରମଣ କରିଛି। ମସ୍କୋର କାପୋଟନିଆ ଜିଲାରେ ଥିବା ଏକ ତୈଳ ବିଶୋଧନାଗାରରେ ଏକ ୟୁକ୍ରେନୀୟ ଡ୍ରୋନ ଆକ୍ରମଣ କରିଛି। ଏହି ବିଶୋଧନାଗାର ସହରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଇନ୍ଧନ ପ୍ରକ୍ରିୟାକରଣ ସୁବିଧା ମଧ୍ୟରୁ ଗୋଟିଏ। ସୋସିଆଲ ମିଡିଆରେ ପୋଷ୍ଟ ହୋଇଥିବା ଭିଡିଓଗୁଡ଼ିକରେ ଇନ୍ଧନ ସଂରକ୍ଷଣ ଟ୍ୟାଙ୍କରେ ଏକ ବଡ଼ ବିସ୍ଫୋରଣ ଦେଖାଯାଇଛି, ଯାହା ଏହାର ଛାତକୁ ବାୟୁକୁ ଉଡ଼ାଇ ଦେଇ ନିଆଁ ଲଗାଇ ଦେଉଛି। ପରବର୍ତ୍ତୀ ସମୟରେ, ରିଫାଇନାରୀରୁ ନିଆଁ ଏବଂ କଳା ଧୂଆଁ ଉଠିଥିବା ଦେଖାଯାଇଛି। ସୋସିଆଲ ମିଡିଆରେ ପ୍ରସାରିତ ଆକ୍ରମଣର ଫୁଟେଜରେ ଏକ ୟୁକ୍ରେନୀୟ ଆକ୍ରମଣ ଡ୍ରୋନ ମସ୍କୋ ତୈଳ ବିଶୋଧନାଗାରରେ ଥିବା ଷ୍ଟୋରେଜ ଟ୍ୟାଙ୍କକୁ ଆଘାତ କରୁଥିବା ଦେଖାଯାଇଛି, ଯାହା ଟ୍ୟାଙ୍କ ଢାଙ୍କୁଣିକୁ ଶହ ଶହ ଫୁଟ ଉପରକୁ ଉଡ଼ାଇ ଦେଉଛି। ମସ୍କୋରୁ ଭିଡିଓଗୁଡ଼ିକ ବିସ୍ଫୋରଣର ପରବର୍ତ୍ତୀ ପରିସ୍ଥିତି ପ୍ରକାଶ କରେ। ବିସ୍ଫୋରଣ ଟ୍ୟାଙ୍କ ବୃତ୍ତାକାର ଧାତୁ ଢାଙ୍କୁଣି ବାୟୁକୁ ଉଚ୍ଚକୁ ନେଇଗଲା, ଯେତେବେଳେ ଅଞ୍ଚଳଟି ନିଆଁ ଏବଂ ଘନ କଳା ଧୂଆଁରେ ଭର୍ତ୍ତି ହୋଇଗଲା। ସ୍ଥାନରୁ ଏକ ବିରାଟ ଅଗ୍ନିଗୋଲା ବାହାରୁଥିବା ଦେଖାଗଲା। ତୈଳ ବିଶୋଧନାଗାରରେ ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ନିଆଁ ବହୁ ଦୂରରୁ ଦେଖାଯାଉଥିଲା। ବିସ୍ଫୋରଣ ପରେ, ଆଖପାଖ ଅଞ୍ଚଳ କଳା ଧୂଆଁରେ ଆଚ୍ଛାଦିତ ହୋଇଗଲା।

## ପରିମଳ ନାଥୱାନୀ ଜିତିଲେ ଝାଡଖଣ୍ଡ ରାଜ୍ୟସଭା ନିର୍ବାଚନ

ନୂଆଦିଲ୍ଲୀ,୧୮/୬ : ଏନଡିଏ ଝାଡଖଣ୍ଡରେ ବି ଇଣ୍ଡି ଆଲାୟନ୍ସ ଦୁର୍ଗ ଭାଙ୍ଗି ଦେଇଛି । ଭାରତୀୟ ଜନତା ପାର୍ଟି ଦ୍ୱାରା ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ପରିମଳ ନାଥୱାନୀ ଦୁଇଟି ଆସନ ପାଇଁ ରାଜ୍ୟସଭା ନିର୍ବାଚନରେ ବିଜୟୀ ହୋଇଛନ୍ତି । ମହା ଗଠବନ୍ଧନର ଏକ ଅଂଶୀଦାର ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ପ୍ରାର୍ଥୀ ବୈଦ୍ୟନାଥ ରାମ ମଧ୍ୟ ବିଜୟୀ ହୋଇଛନ୍ତି । ଏହି ନିର୍ବାଚନରେ କଂଗ୍ରେସ ପ୍ରଣବ ଝାଙ୍କୁ ମୈଦାନକୁ ଓହ୍ଲାଇଥିଲା । ରାଜ୍ୟସଭା ନିର୍ବାଚନରେ ନାଥୱାନୀଙ୍କୁ ୨୮ଭୋଟ୍ ମିଳିଛି । ସେହିଭଳି କଂଗ୍ରେସ ପ୍ରାର୍ଥୀ ପ୍ରଣବ ଝାଙ୍କୁ ୧୯ ଏବଂ ଜେଏମଏମ ପ୍ରାର୍ଥୀ ବୈଦନାଥ ରାମଙ୍କୁ ୩୧ ମିଳିଛି । ଏହାସହ ୩ ଭୋଟ୍ ଅବୈଧ ମିଳିଛି । ରାଜନୈତିକ ବିଶ୍ଳେଷକଙ୍କ କହିବା ଅନୁଯାୟୀ ରାଜ୍ୟସଭା ନିର୍ବାଚନର ଏହି ପରିଣାମର ପ୍ରଭାବ ଝାଡଖଣ୍ଡ ସରକାରର ସ୍ଥିରତା ଉପରେ ବି ପଡ଼ିପାରେ।

## ମମତା ବାନାର୍ଜୀଙ୍କୁ ହାଇକୋର୍ଟରୁ ଝଟକା ରତବ୍ରତ ବାନାର୍ଜୀ ହେବେ ବିରୋଧୀ ଦଳ ନେତା



କୋଲକାତା,୧୮।୬: ପୁଣି ମମତା ବାନାର୍ଜୀଙ୍କୁ ହାଇକୋର୍ଟରୁ ବଡ଼ ଝଟକା ଲାଗିଛି । ଟିଏମ୍‌ସିର ବିଦ୍ରୋହୀ ବିଧାୟକ ରତବ୍ରତ ବାନାର୍ଜୀଙ୍କ ବିଧାନସଭାରେ ବିରୋଧୀ ଦଳ ନେତା ରହିବେ ବୋଲି କହିଛନ୍ତି କୋଲକତା ହାଇକୋର୍ଟ। ଏଠାରେ ବିଧାନସଭା ବାଚସ୍ପତି ରଥେନ୍ଦ୍ର ବୋଷଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ ଦିଆଯାଇଥିଲା । ଟିଏମସି ପକ୍ଷରୁ ଶୋଭନଦେବ ଚଟ୍ଟୋପଧ୍ୟାୟ ହାଇକୋର୍ଟରେ ଏକ ଆବେଦନ ଦାଖଲ କରିଥିଲେ। ମମତା ବାନାର୍ଜୀଙ୍କ ପକ୍ଷ ପାଇଁ ଏହି ରାୟକୁ ଏକ ବଡ଼ ଝଟକା ଭାବେ ଦେଖାଯାଉଛି । ଟିଏମସି ତରଫରୁ ଦୁଇ ଜଣଙ୍କ ନାମ ଦିଆଯାଇଥିଲା । ଶୋଭନଦେବ ଚଟ୍ଟୋପାଧ୍ୟାୟଙ୍କ ନାମ ପ୍ରସ୍ତାବ ଟିଏମସିର ଗୋଟେ ଗୋଷ୍ଠୀ ପଠାଇଥିବା ବେଳେ ବିଦ୍ରେ ଗୋଷ୍ଠୀ ରତବ୍ରତ ବାନାର୍ଜୀଙ୍କ ନାମ ପଠାଇଥିଲା । ବିଧାନସଭା ବାଚସ୍ପତି ରଥୀନ୍ଦ୍ର ବସୁ ବିଦ୍ରୋହୀ ଗୋଷ୍ଠୀର ପ୍ରସ୍ତାବକୁ ସ୍ୱୀକାର କରି ରତବ୍ରତ ବାନାର୍ଜୀଙ୍କୁ ବିରୋଧୀ ଦଳ ନେତା ଭାବେ ମାନ୍ୟତା ଦେଇଥିଲେ। ଗୁରୁବାର ଏହି ମାମଲାର ଶୁଣାଣି କରି ଜଷ୍ଟିସ କୃଷ୍ଣ ରାଓଙ୍କ ଖଣ୍ଡପୀଠ କହିଛନ୍ତି ଯେ, କୋର୍ଟ ବାଚସ୍ପତିଙ୍କ ନିଷ୍ପତ୍ତି ଉପରେ କୌଣସି ଅନ୍ତରୀଣ ନିର୍ଦ୍ଦେଶ ଦେବେ ନାହିଁ । କୋର୍ଟ ସମସ୍ତ ପକ୍ଷଙ୍କୁ ଦୁଇ ସପ୍ତାହ ମଧ୍ୟରେ ଜବାବୀ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଜୁଲାଇ ୨୮ ତାରିଖରେ ହେବ।

## କର୍ଣ୍ଣାଟକ ବିଧାନ ପରିଷଦ ନିର୍ବାଚନ ୭ ଆସନରୁ ୫ଟିରେ ଜିତିଲା କଂଗ୍ରେସ

ବେଙ୍ଗାଲୁରୁ,୧୮।୬: କର୍ଣ୍ଣାଟକ ବିଧାନ ପରିଷଦ ନିର୍ବାଚନରେ କଂଗ୍ରେସ ବାଜି ମାରିନେଇଛି। କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ନେତୃତ୍ୱ ଅଧୀନରେ କଂଗ୍ରେସ ୭ ଆସନରୁ ୫ଟିରେ ଜିତିଛି ଏବଂ ବିଜେପି ୨ଟି ଆସନରେ ଜିତିଛି। ସଂଖ୍ୟା ଦୃଷ୍ଟିରୁ ଦେଖିଲେ କଂଗ୍ରେସର ୪ଟି ଆସନରେ ବିଜୟ ସୁନିଶ୍ଚିତ ହୋଇଥିଲା। କିନ୍ତୁ ଦଳ ଅନ୍ୟ ଏକ ଆସନରେ ପ୍ରାର୍ଥୀ ଦେଇଥିଲା ଏବଂ ଏହି ଆସନରେ ଜିତିଛି। ଅନ୍ୟପକ୍ଷେ ବିଜେପି ୨ଟି ଆସନରେ ଜିତିଛି। ସମସ୍ତ ୨୨୨ ଜଣ ବିଧାୟକ ଏହି ଭୋଟିଂ ପ୍ରକ୍ରିୟାରେ ଭୋଟ୍ ଦେଇଛନ୍ତି। ବିଜେପିରୁ ନିଲମ୍ବିତ ହୋଇଥିବା ୩ ବିଧାୟକଙ୍କ ମଧ୍ୟରୁ ୨ ଜଣ ଏସଟି ସୋମଶେଖର ଏବଂ ଶିବରାମ ହେବ୍ବରଙ୍କ ଭୋଟ୍ କଂଗ୍ରେସକୁ ମିଳିଛି। ନିଲମ୍ବିତ ଉକ୍ତ ୨ ବିଜେପି ନେତା କହିଛନ୍ତି ଯେ ସେମାନେ ସେମାନଙ୍କ ବିବେକ ଅନୁଯାୟୀ କାମ କରିଛନ୍ତି। ବିଧାନ ସୌଧରେ ହୋଇଥିବା ନିର୍ବାଚନରେ କର୍ଣ୍ଣାଟକ ବିଧାନସଭା ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ।

## ସିସିଟିଭି ଟ୍ୟାମ୍ପରିଂର ପ୍ରମାଣ ପାଇଲା ଏସ୍ଆଇଟି

ଅଯୋଧ୍ୟା,୧୮।୬: ରାମ ମନ୍ଦିର ହୁଣ୍ଡିରୁ ନଗଦ ଟଙ୍କା ଓ ଅଳଙ୍କାର ଚୋରି ଅଭିଯୋଗର ତଦନ୍ତ କରୁଥିବା ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ (ଏସ୍ଆଇଟି) ସିସିଟିଭି ଫୁଟେଜ୍ ସହିତ ଟ୍ୟାମ୍ପରିଂ ହୋଇଥିବାର ପ୍ରମାଣ ପାଇଛି। ମନ୍ଦିର ପରିସର ଭିତରେ ଅନୁସନ୍ଧାନର ତୃତୀୟ ଦିନରେ ଏହି ସଫଳତା ମିଳିଥିଲା। ଏହାପରେ ସିସିଟିଭି ନିରୀକ୍ଷଣ, ରକ୍ଷଣାବେକ୍ଷଣ ଓ ତଦାରଖ ସହିତ ଜଡିତ କର୍ମଚାରୀଙ୍କ ଉପରେ ଏସ୍ଆଇଟି ଅନୁଧ୍ୟାନ ଆରମ୍ଭ କରିଛି। ତଦନ୍ତର ଏକ ଅଂଶ ଭାବରେ ରାମଶଙ୍କର ଯାଦବ ଓରଫ ଟିନୁ ଯାଦବଙ୍କୁ ଅନେକ ଘଣ୍ଟା ଧରି ପଚରାଉଚରା କରାଯାଇଥିଲା। ତଦନ୍ତକାରୀମାନେ ସିସିଟିଭି ନିରୀକ୍ଷଣ, ଗେଟ୍ ଚେକିଂ ଅପରେସନ୍ ଓ ମନ୍ଦିରର ସାମଗ୍ରିକ ସୁରକ୍ଷା ବ୍ୟବସ୍ଥା ସହିତ ଜଡିତ କର୍ମଚାରୀଙ୍କ ଭୂମିକା ମଧ୍ୟ ଯାଞ୍ଚ କରୁଛନ୍ତି। ଏସ୍ଆଇଟି ଦ୍ୱାରା ସମୀକ୍ଷା କରାଯାଇଥିବା ଦସ୍ତାବିଜ ଅନୁଯାୟୀ, ଗତ ୧୧ ମାସ ମଧ୍ୟରେ ମନ୍ଦିର ପରିସରରେ ସୁରକ୍ଷା ବ୍ୟବସ୍ଥା ପାଇଁ ପ୍ରାୟ ୧୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି।

### ଯୁଦ୍ଧ ବନ୍ଦ, ଫେରିବ ଶାନ୍ତି

# ଆମେରିକା-ଇରାନ ମଧ୍ୟରେ ଶାନ୍ତିଚୁକ୍ତି ସ୍ୱାକ୍ଷର

ନୂଆଦିଲ୍ଲୀ,୧୮।୬: ଶେଷରେ ପ୍ରାୟ ୪ ମାସ ହେଲା ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧରେ ପଡ଼ିଛି ପୂର୍ଣ୍ଣଚ୍ଛେଦ। ଶାନ୍ତି ପ୍ରତିଷ୍ଠା ସହ ଆଲୋଚନା କରିବାକୁ ଆମେରିକା ଓ ଇରାନ ବିଧିବଦ୍ଧ ଭାବେ ହୋଇଛନ୍ତି ରାଜି। ଦୁଇ ଦେଶ ସାମରିକ ଉତ୍ତେଜନା ବନ୍ଦ କରିବାକୁ ରାଜି ହୋଇ ବୁଝାମଣା ପତ୍ରରେ କରିଛନ୍ତି ଦସ୍ତଖତ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ତାଙ୍କ ଇରାନ ପ୍ରତିପକ୍ଷ ମାସୁଦ ପେଜେସ୍କିଆନ ଡିଜିଟାଲ ଉପାୟରେ ପ୍ରସ୍ତାବିତ ବୁଝାମଣା ପତ୍ରରେ ଦସ୍ତଖତ କରିଛନ୍ତି। ସେହିପରି ଆସନ୍ତାକାଲି ଜେନେଭାରେ ଦୁଇ ଦେଶର ପ୍ରତିନିଧି ଉପସ୍ଥିତରେ ହେବାକୁ ଥିବା ଦସ୍ତଖତ ସମାରୋହକୁ ମଧ୍ୟ ବାତିଲ କରାଯାଇଛି। ଯୁଦ୍ଧ ବନ୍ଦ ସହ ଶାନ୍ତି ଫେରାଇ ଆଣିବା ପାଇଁ ଚାଲିଥିବା କୂଟନୀତିକ ଉଦ୍ୟମ ଏହି ଘଟଣା ପରେ ସଫଳ ହୋଇଥିବା କୁହାଯାଉଛି। ଆମେରିକା ଓ ଇରାନୀୟ ଅଧିକାରୀଙ୍କ କହିବା କଥା ଯେ ବୁଝାମଣା ପତ୍ରକୁ ଡିଜିଟାଲ ଉପାୟରେ ଉଭୟ ଦେଶର ରାଷ୍ଟ୍ରପତି କାର୍ଯ୍ୟକାରୀ କରିଛନ୍ତି। ଏହାପୂର୍ବରୁ ବୁଝାମଣା ପତ୍ରରେ ରବିବାର ଆମେରିକା ରାଷ୍ଟ୍ରପତି ଜେଡି ଭାନ୍ସ ଓ ଇରାନର ମୁଖ୍ୟ ବୁଝାମଣାକାର ମହମ୍ମଦ ବାକେର କାଲିବାଫ ଡିଜିଟାଲ ଉପାୟରେ ପ୍ରାରମ୍ଭିକ ସ୍ୱାକ୍ଷର କରିଥିଲେ। ଏହି ବୁଝାମଣା ତୁରନ୍ତ କାର୍ଯ୍ୟକାରୀ ହୋଇଛି। ଏହାବାଦ ରାଷ୍ଟ୍ରପତି



ଟ୍ରମ୍ପ ଫ୍ରାନ୍ସର ଭର୍ସାଇ ପ୍ୟାଲେସରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାର୍କମଙ୍କ ଡିନର କାର୍ଯ୍ୟକ୍ରମ ପୂର୍ବରୁ ବୁଝାମଣା ପତ୍ରର ଗୋଟିଏ ହାର୍ଡ କପିରେ ମଧ୍ୟ ସ୍ୱାକ୍ଷର କରିଛନ୍ତି। ହ୍ୱାଇଟ୍ ହାଉସ ପକ୍ଷରୁ ଟ୍ରମ୍ପ ବୁଝାମଣା ପତ୍ରରେ ଦସ୍ତଖତ କରିବା ବେଳର ଭିଡିଓକୁ ସୋଶାଲ ମିଡିଆରେ ପୋଷ୍ଟ କରାଯାଇଛି। ଇରାନୀୟ ଦୂତାବାସ ପେଜେସ୍କିଆନ ହାର୍ଡ କପିରେ ଦସ୍ତଖତ କରିଥିବା ସୂଚନା ଦେଇଛି। ଦୂତାବାସ ବୁଝାମଣାପତ୍ରର ଓ ଏଥିରେ ପେଜିସ୍କିଆନଙ୍କ ଦସ୍ତଖତ ଜିନିତ ଫଟୋକୁ ମଧ୍ୟ ସାର୍ବଜନୀନ କରିଛି।

### ୨୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ମାଡି ବସିଲା ଭିଜିଲାନ୍ସ

# ଜେଲ୍ ଗଲେ ଏଏସ୍ଆଇ ଓ ହୋମଗାର୍ଡ

ଭୁବନେଶ୍ୱର(ନିପ୍ର): ମଞ୍ଚେଶ୍ୱର ଥାନାରେ ଜଣେ ଅଭିଯୋଗକାରୀଙ୍କ ମୋବାଇଲ ଫେରାଇବାକୁ ୨୦ ହଜାର ଟଙ୍କା ଲାଞ୍ଚ ନେଇ ଗିରଫ ହୋଇଥିବା ଏଏସଆଇ ରାଜେଶ କୁଲୁ ଓ ହୋମଗାର୍ଡ ଡ୍ରାଇଭର ଜ୍ୟୋତିରଞ୍ଜନ ବେହେରାଙ୍କ ବିରୋଧରେ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ କଡା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଭିଜିଲାନ୍ସ ଟିମ୍ ଏଏସଆଇ ରାଜେଶ କୁଲୁ ଓ ହୋମଗାର୍ଡ ଡ୍ରାଇଭର ଜ୍ୟୋତିରଞ୍ଜନ ବେହେରାଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟଙ୍କୁ ଭିଜିଲାନ୍ସ ପକ୍ଷରୁ ଗୁରୁବାର ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଅନ୍ୟତମ ସହଯୋଗୀ ହାବିଲଦାର ଅବଦୁଲ୍ଲ ସର୍ଫରାଜ ଖାନ ଫେରାର ଥିବାରୁ ତାଙ୍କୁ ଧରିବା ପାଇଁ ଭିଜିଲାନ୍ସର ୪ ଜଣିଆ ଟିମ୍ ଚଢଉ ଜାରି ରଖିଛନ୍ତି। ସେହିଭଳି ଏଏସଆଇ କୁଲୁଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଛି । ଭାରତୀୟ ସମ୍ବିଧାନର ଆର୍ଟିକ୍ଲ ୩୧୧(୨)(ବି) ଅନୁଯାୟୀ ଏହି ତତ୍କାଳ ପଦକ୍ଷେପ ନିଆଯାଇଛି । ସେହିପରି ଘଟଣାରେ ସମ୍ପୃକ୍ତି ପାଇଁ ହୋମଗାର୍ଡ ଜ୍ୟୋତିରଞ୍ଜନ ଓ ଥାନାର ଅନ୍ୟ ଜଣେ ହୋମଗାର୍ଡ ଅବଦୁଲ ସର୍ଫରାଜ୍ ଖାନଙ୍କୁ ଗୋଟିଏ ମାସର ନୋଟିସ୍ ଦିଆଯାଇଛି । ସେବାରୁ ଅବ୍ୟାହତି ପାଇଁ ଏହି ନୋଟିସ୍ ଜାରି ହୋଇଛି । ଏନେଇ କମିଶନରେଟ୍ ପୋଲିସ ପକ୍ଷରୁ ଜାରି ହୋଇଥିବା ପ୍ରେସ ରିଲିଜରେ କୁହାଯାଇଛି ଯେ, କମିଶନରେଟ୍ ପୋଲିସରେ ଦୁର୍ନୀତି କିମ୍ବା ଯେ କୌଣସି ପ୍ରକାରର ଅନିୟମିତତା ପ୍ରତି ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରାଯିବ ବୋଲି ଏକାଧିକ ଥର କୁହାଯାଇଛି। ପୋଲିସ କମିଶନର ଶ୍ରୀ ସିଂ ଦୁର୍ନୀତିଗ୍ରସ୍ତ ପୋଲିସ ଅଫିସର ଓ କର୍ମଚାରୀଙ୍କୁ ଗଣମାଧ୍ୟମ ଜରିଆରେ ଚେତାବନୀ ଦେଇ କହିଛନ୍ତି ଯେ, ଦୁର୍ନୀତିରେ ଲିପ୍ତ ନ ରହିବାକୁ ଏହାପୂର୍ବରୁ ସମସ୍ତ ପୋଲିସ ଅଧିକାରୀଙ୍କୁ ବୁଝାଇଥିଲି। ଚେତାବନୀ ବି ଦିଆଯାଇଥିଲା,ଲୋକଙ୍କ ଆଶା ଅନୁଯାୟୀ ପୋଲିସ ଦାୟିତ୍ୱ କରିବାର ଅଛି। ପୋଲିସ କାର୍ଯ୍ୟ କରିବା ବେଳେ ଭଲ କାମ କରି ଉଦାହରଣ ସୃଷ୍ଟି କରିବା କଥା । ଅଧିକାଂଶ ପୋଲିସ ଭଲ କାମ କରୁଛନ୍ତି । ହେଲେ କିଛି ପୋଲିସଙ୍କ ଲାଞ୍ଚ ନେବା ମନୋଭାବ ରହିଯାଉଛି । ସେମାନଙ୍କୁ ଏଭଳି ଦୃଷ୍ଟାନ୍ତମୂଳକ ପଦକ୍ଷେପ ବଦଳାଇବ। ଦୁର୍ନୀତିରେ ଲିପ୍ତ ରହୁଥିବା ପୋଲିସ କର୍ମଚାରୀଙ୍କ କମିଶନରେଟ୍ ପୋଲିସରେ ସ୍ଥାନ ନାହିଁ। ସେମାନେ ଚାକିରି ଛାଡିଦିଅନ୍ତୁ କିମ୍ବା ଏଠାରୁ ବାହାରି ଯିବାକୁ ଦରଖାସ୍ତ ଦିଅନ୍ତୁ। ପୋଲିସ କମିଶନର ଶ୍ରୀ ସିଂ କଡା ଚେତାବନୀ ଦେଇଛନ୍ତି । ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ ଏସପି ସରୋଜ ସାମଲ କହିଛନ୍ତି, ଅଭିଯୋଗକାରୀ ବ୍ୟକ୍ତି ଜଣକ ଋଣ ନେଇ କିଛି ଟଙ୍କା ଫେରାଇନଥିବାରୁ ତାଙ୍କ ନାମରେ ମଞ୍ଚେଶ୍ୱର ଥାନାରେ ମାମଲା ହୋଇଥିଲା । ଉକ୍ତ ମାମଲାର ପରିଚାଳନା ଏଏସଆଇ କୁଲୁ କରୁଥିଲେ। ସାହାଯ୍ୟ କରିବାକୁ ଉକ୍ତ ବ୍ୟକ୍ତିଙ୍କ ଠାରୁ କୁଲୁ ୫୦ ହଜାର ଟଙ୍କା ନେଇଥିଲେ । ହେଲେ ସେ ତାଙ୍କୁ କୋର୍ଟ ଚାଲାଣ କରି ଦେଇଥିଲେ । କୁଲୁ ତାଙ୍କ ଠାରୁ ଦୁଇଟି ମୋବାଇଲ ଓ ମନି ପର୍ସ ରଖିଥିଲେ । ଜାମିନରେ ଫେରିବା ପରେ ଦୁଇଟି ମୋବାଇଲ ଦେବାକୁ କୁଲୁଙ୍କୁ କହିଥିଲେ । ଏହାପରେ କୁଲୁଙ୍କ ନିର୍ଦ୍ଦେଶରେ ହୋମଗାର୍ଡ ସର୍ଫରାଜ୍ ଅଭିଯୋଗକାରୀଙ୍କୁ ଯୋଗାଯୋଗ କରିଥିଲେ। ୬୦ ହଜାର ଟଙ୍କା ଦେଲେ ଦୁଇଟି ମୋବାଇଲ ଫେରାଯିବ ବୋଲି ସେ କହିଥିଲେ। ବହୁ ଅନୁରୋଧ ପରେ ୩୦ ହଜାର ଟଙ୍କା ଜୁନ୍ ୧୨ରେ ଏଏସଆଇ କୁଲୁ ନେଇଥିଲେ ମଧ୍ୟ ଗୋଟିଏ ମୋବାଇଲ ଦେଇଥିଲେ । ଆଉ ଗୋଟିଏ ମୋବାଇଲ ପାଇଁ ୨୦ ହଜାର ଟଙ୍କା ଦେବାକୁ ହେବ ବୋଲି କୁଲୁ କହିଥିଲେ। ଏନେଇ ଅଭିଯୋଗକାରୀ ବ୍ୟକ୍ତି ଜଣକ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଗତକାଲି ରାତି ପ୍ରାୟ ୮ ଟା ୩୦ ବେଳେ ହୋମଗାର୍ଡ ଜ୍ୟୋତିଙ୍କୁ କୁଲୁ ପଠାଇଥିଲେ। ଏକ ବାଇକରେ ଆସି ୨୦ ହଜାର ଟଙ୍କା ନେଇ ଥାନାକୁ ଯାଉଥିବା ବେଳେ ଭିଜିଲାନ୍ସ ତାଙ୍କୁ ଗୋଡାଇଥିଲା।

## ଚୋରି କରୁଥିବାବେଳେ ଧରାପଡି ଗଲା ଜେଲ୍

ଭାପୁର(ନିପ୍ର): ବୁଧବାର ବିଳମ୍ବିତ ମଧ୍ୟ ରାତ୍ରିରେ ବାଉଁଶବାଟୀ ପଞ୍ଚାୟତ ଅନ୍ତର୍ଗତ ନଟବରପୁର (ବାଘେଡିଆ ନୂଆଗାଁ) ଗ୍ରାମର ଆନନ୍ଦ ପ୍ରଧାନଙ୍କ ଘରେ ଖଣ୍ଡପଡା ଥାନା ବୋଦସା ଗ୍ରାମର ସୁଶାନ୍ତ ବସ୍ତି (୨୮) ଘରେ ପଶି ଚୋରି କରୁଥିବାବେଳେ ଗ୍ରାମବାସୀ ଧରି ଫତେଗଡ଼ ଥାନା ଜିମା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଆସାମୀ ଏବଂ ଅନ୍ୟଜଣେ ଆପାଚି ବାଇକ (ଓଡି୨୫ଏନ ୫୫୭୨)ରେ ଆସି ଆନନ୍ଦ ପ୍ରଧାନଙ୍କ ଘରଠାରୁ କିଛି ଦୂରରେ ବାଇକକୁ ରଖି ଚୋରି ଉଦ୍ଦେଶ୍ୟରେ ଘରେ ପଶିଥିଲେ। ଆନନ୍ଦଙ୍କ ସ୍ତ୍ରୀ ସଚ୍ଚି ପ୍ରଧାନଙ୍କ ନିଦ ଭାଙ୍ଗି ଯିବାରୁ ଉଠି ପାଟି କରିଥିଲେ। ଫଳରେ ଚୋର ବାଇକକୁ ଛାଡି ଦୌଡ଼ି ପଳାଇଥିଲା। ଗୁରୁବାର ଭୋର ସମୟରେ ଚୋର ବାଇକ ନେବା ପାଇଁ ଆସିଥିବା ସମୟରେ ଆନନ୍ଦ ଚୋରକୁ ଚିହ୍ନିପରି ଗ୍ରାମବାସୀଙ୍କ ଦ୍ୱାରା ଧରି ପୋଲିସ ଜିମା ଦେଇଥିଲେ। ପୋଲିସ ପହଞ୍ଚି ଆନନ୍ଦଙ୍କ ଚୋରି ମୋବାଇଲ ଓ ବାଇକଟିକୁ ଚୋରଠାରୁ ଉଦ୍ଧାର କରିବା ସହିତ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ସୂତ୍ରରୁ ପ୍ରକାଶ।

## ଟ୍ରକ୍ ଧକ୍କାରେ ଖବରକାଗଜ ହକର ଗୁରୁତର

### ସରକାରୀ ସାହାଯ୍ୟ ପାଇଁ ସ୍ଥାନୀୟ ଲୋକଙ୍କ ନିବେଦନ



ନିରାକାରପୁର(ନିପ୍ର): ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ବଡ଼ପୋଖରିଆ ଛକ ନିକଟରେ ଗୁରୁବାର ସକାଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ଏକ ଦ୍ରୁତଗାମୀ ଟ୍ରକ୍ ଧକ୍କାରେ ସନାତନ ସାହୁ (ଛବି) ନାମକ ଜଣେ ଖବରକାଗଜ ହକର ଗୁରୁତର ଭାବେ ଆହତ ହୋଇଛନ୍ତି। ତାଙ୍କ ଘର ସାନରାଉତପଡ଼ା ପଞ୍ଚାୟତ ଅନ୍ତର୍ଗତ ମୁଳିଝର ଗ୍ରାମରେ ଏବଂ ସେ ଶଙ୍କର ସାହୁଙ୍କ ପୁତ୍ର ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଗୁରୁବାର ସକାଳୁ ସନାତନ ନିଜ ବାଇକ୍‌ରେ ଖବରକାଗଜ ଧରି ଉଗ୍ରତାରା ଛକରୁ ବଡ଼ପୋଖରିଆ ଆଡ଼କୁ ଆସୁଥିଲେ। ଏହି ସମୟରେ ପଛପଟୁ ଆସୁଥିବା ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଧକ୍କା ଦେବା ସହିତ ଟ୍ରକ୍‌ଟି ତାଙ୍କ ଗୋଡ଼ ଉପରେ ଚଢ଼ିଯାଇଥିଲା, ଯାହା ଫଳରେ ସେ ଘଟଣାସ୍ଥଳରେ ହିଁ ସଂଜ୍ଞାହୀନ ଓ ଗୁରୁତର ହୋଇପଡ଼ିଥିଲେ। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ତୁରନ୍ତ ଉଦ୍ଧାର କରି ତାଙ୍କୁ ଭୁବନେଶ୍ୱର ଏମ୍ସ ହସ୍ପିଟାଲକୁ ପଠାଇଥିଲେ। ତେବେ ପରବର୍ତ୍ତୀ ସମୟରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କିମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ବର୍ତ୍ତମାନ ତାଙ୍କର ଚିକିତ୍ସା ଜାରି ରହିଛି। ପୋଲିସ ଗାଡିଟିକୁ ଜବତ କରି ତଦନ୍ତ ଚଳାଇଛି। ସନାତନ ଅତି ଗରିବ ଶ୍ରେଣୀର ଅଟନ୍ତି। ସେ ଦୀର୍ଘ ବର୍ଷ ହେବ ଖବରକାଗଜ ବିକ୍ରିକରି ନିଜ ପରିବାର ପ୍ରତିପୋଷଣ କରୁଥିଲେ। ବର୍ତ୍ତମାନ ସେ ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ହୋଇଥିବାରୁ ତାଙ୍କ ଚିକିତ୍ସା ଓ ପରିବାର ପାଇଁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଅଞ୍ଚଳବାସୀ ପ୍ରଶାସନ ନିକଟରେ ଆକୁଳ ନିବେଦନ କରିଛନ୍ତି।

## ଭାଇକୁ ହତ୍ୟା ଧମକ: ପ୍ରତିବାଦ କରିବାରୁ ଭଉଣୀକୁ ମାଡ଼

ପିପିଲି(ନିପ୍ର): ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ଥାନା ଅଞ୍ଚଳର ଜଣେ ଯୁବକକୁ ହତ୍ୟା ଧମକ ଦେବାରୁ ତାର ଭଉଣୀ ପ୍ରତିବାଦ କରିଥିଲେ । ଫଳରେ ତାଙ୍କୁ କାଠ ଫାଳିଆରେ ମରଣାନ୍ତକ ଆକ୍ରମଣ ସହ ଉତ୍ତରା ଛକ ଉପରେ ଆଶୀଳ ବ୍ୟବହାର କରାଯାଇଥିବା ନେଇ ପିପିଲି ଥାନାରେ ଅଭିଯୋଗ ହୋଇଛି । ପିପିଲି ପୋଲିସ ଅଭିଯୋଗ ପାଇ ଥାନା କେସ ନଂ ୩୯୩/୨୬ ମାମଲା ଆଗତ କରାଯାଇଛି। ଏହି ମାମଲାର ତଦନ୍ତ ଦାୟିତ୍ୱ ଥାନାର ଏସଆଇ ସୁରମା ସ୍ୱାଇଁଙ୍କୁ ଦିଆଯାଇଥିବା ସୂଚନା ମିଳିଛି । ସୂଚନା ଅନୁଯାୟୀ ଜନୈକ ଯୁବକ ବାଲିଅନ୍ତା ଅଞ୍ଚଳର ଜଣେ ଯୁବକକୁ ଫୋନ ଯୋଗେ ହତ୍ୟା ଧମକ ଦେଇଥିଲା । ତାର ଭଉଣୀ ପ୍ରତିବାଦ କରିବାରୁ ସମ୍ପୃକ୍ତ ଯୁବକ ଯୁବତୀଙ୍କୁ ଉତ୍ତରା ଛକରେ ଦେଖି କାଠ ଫାଳିଆରେ ଆକ୍ରମଣ କରିବା ସହିତ ଅସଦ ବ୍ୟବହାର କରିଥିବା ନେଇ ଯୁବତୀ ଜଣକ ଅଭିଯୋଗରେ ଦର୍ଶାଇଛନ୍ତି ।

## ମଦ ଜବତ: ଜଣେ ଗିରଫ



ପାରଳାଖେମୁଣ୍ଡି(ନିପ୍ର): ପୋଲିସ ପକ୍ଷରୁ ଚାଲିଥିବା ମଦ ବିରୋଧୀ ଚଢ଼ାଉ ସମୟରେ ଝାମି ଗାଁର ପି. ଶ୍ରୀନିବାସ (୩୦) ନାମକ ଜନୈକ ବ୍ୟକ୍ତିଙ୍କୁ ବେଆଇନ ଭାବେ ଆଇଡି ମଦ ରଖି ବିକ୍ରୟ କରୁଥିବା ବେଳେ ଧରାଯାଇଥିଲା। ତାଙ୍କ ନିକଟରୁ ୪୦ ଲିଟର ଆଇଡି ମଦ ଜବତ କରାଯାଇ ତାଙ୍କୁ ଗିରଫ କରାଯାଇଛି। ଏ ସମ୍ପର୍କରେ ପାରଳାଖେମୁଣ୍ଡି ଥାନା ମାମଲା ନଂ ୨୩୯/୨୦୨୬ ରୁଜୁ ହୋଇଛି ଏବଂ ତଦନ୍ତ ଜାରି ରହିଛି।

## କାରକୁ ଧକ୍କା ଦେଲା ମୁଖ୍ୟମନ୍ତ୍ରୀ ବସ ସେବା: ୨ ଚାଳକ ହାତାହାତି



ହିଞ୍ଜିଳିକାଟୁ: ମୁଖ୍ୟମନ୍ତ୍ରୀ ବସ ସେବା ଚାଳକଙ୍କ ବେପାରୁଆ ଗାଡି ଚାଳନା ଯୋଗୁଁ ବସ୍ ଟର୍ମିନାଲ ପରିସରରେ ଦୁର୍ଘଟଣା ଘଟିଛି। ଦୁର୍ଘଟଣା ପରେ ଉଭୟ ଗାଡି ଚାଳକ ହାତାହାତି ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ପରେ ମଧ୍ୟ ସମାଧାନ ହୋଇପାରିନାହିଁ। ଖବର ପାଇ ହିଞ୍ଜିଳି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଉଭୟ ଗାଡି ଚାଳକଙ୍କୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି। ପ୍ରକାଶ ଯେ, ଗୁରୁବାର ସନ୍ଧ୍ୟାରେ କଞ୍ଜୁରୁଠାରୁ ଏକ ମୁଖ୍ୟମନ୍ତ୍ରୀ ବସ ସେବା (ଓଡି୦୭ଏଟି ୯୫୫୨)ହିଞ୍ଜିଳିକାଟୁ ଅଭିମୁଖେ ଯାଉଥିଲା। ହିଞ୍ଜିଳିକାଟୁ ବସ୍ ଟର୍ମିନାଲ ପରିସରରେ ଏକ କାର୍ (ଓଡି୦୭ଏସି ୬୬୩୧) ପାର୍କିଂ କରିଥିଲା। କିନ୍ତୁ ମୁଖ୍ୟମନ୍ତ୍ରୀ ବସ ସେବା ଗାଡ଼ି ଚାଳକ ଜଣଙ୍କ ବେପରୁଆ ଭାବେ ଗାଡି ଚାଳନା କରି ବସ୍ ଟର୍ମିନାଲ ପରିସରରେ ପାର୍କିଂ କରିଥିବା କାରକୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ କାରର ସମ୍ମୁଖ ଭାଗ କ୍ଷତିଗ୍ରସ୍ତ ହୋଇଥିଲା। ଘଟଣାକୁ କେନ୍ଦ୍ର କରି ଉଭୟ ଗାଡି ଚାଳକଙ୍କ ମଧ୍ୟରେ ଯୁକ୍ତିତର୍କ ପରେ ହାତାହାତି ହୋଇଥିଲା। ଘଟଣା ସ୍ଥଳରେ ଲୋକଙ୍କ ଭିଡ ଜମିଥିଲା। କିଛି ସମୟ ପାଇଁ ବସ୍ ଟର୍ମିନାଲ ପରିସରରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବରପାଇ ହିଞ୍ଜିଳି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଉଭୟ ଗାଡି ଚାଳକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ବସ ସେବା ଚାଳକଙ୍କ ବେପରୁଆ ଗାଡି ଚାଳନା ଓ ଅସଭ୍ୟ ବ୍ୟବହାର ନେଇ ବହୁ ସମୟରେ ସଂପୃକ୍ତ ଚାଳକଙ୍କ ସହ ଯାତ୍ରୀମାନଙ୍କ ମଧ୍ୟରେ ବଚସା ହେଉଥିବା ନେଇ କିଛି ଯାତ୍ରୀ କହିଛନ୍ତି। ଖବର ଲେଖା ହେବା ସୁଦ୍ଧା ଘଟଣା ନେଇ ହିଞ୍ଜିଳି ଥାନାରେ ଅଭିଯୋଗ ହୋଇନଥିବା ଥାନା ସୂତ୍ରରୁ ପ୍ରକାଶ। ପ୍ରକାଶ ଥାଉକି, ହିଞ୍ଜିଳିକାଟୁ ବସ୍ ଟର୍ମିନାଲ ପରିସରରେ ଆବଶ୍ୟକ ପାର୍କିଂ ବ୍ୟବସ୍ଥା ନଥିବାରୁ ବହୁ ସମୟରେ ପାର୍କିଂକୁ କେନ୍ଦ୍ରକରି ଗାଡି ଚାଳକଙ୍କ ମଧ୍ୟରେ ଯୁକ୍ତିତର୍କ ଓ ବଚସା ହେଉଥିବା ନଜିର ରହିଛି।

### ପ୍ରଥମରୁ ଅଷ୍ଟମ ଶ୍ରେଣୀ ସ୍କୁଲ ବହିରେ ତ୍ରୁଟିର ବିରୋଧ

## ଛାତ୍ର କଂଗ୍ରେସ ଶିକ୍ଷା ମନ୍ତ୍ରୀଙ୍କ ବାସଭବନ ଘେରାଓ ଓ ପ୍ରତିବାଦ

ଭୁବନେଶ୍ୱର(ନି.ପ୍ର): ରାଜ୍ୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ପାଠ୍ୟପୁସ୍ତକରେ ଥିବା ଗୁରୁତର ତ୍ରୁଟି ଏବଂ ମୁଦ୍ରଣ ପ୍ରମାଦକୁ ନେଇ ଛାତ୍ର କଂଗ୍ରେସ ତୀବ୍ର ପ୍ରତିବାଦ କରିଛି। ଛାତ୍ର କଂଗ୍ରେସ କର୍ମୀମାନେ ଗୁରୁବାର ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସରକାରୀ ବାସଭବନ ଘେରିବାକୁ ଚେଷ୍ଟା କରିଥିଲେ। ରାଲିରେ ଗଲାବେଳେ ପୋଲିସ ଶକ୍ତି ପ୍ରୟୋଗ କରି ସେମାନଙ୍କୁ ପ୍ରଥମେ ଅଟକାଇଥିଲା। ପରେ ବ୍ୟାରିକେଡ ଭାଙ୍ଗି ବାସଭବନକୁ ପଶିବାକୁ ଛାତ୍ର କଂଗ୍ରେସ କର୍ମୀ ଉଦ୍ୟମ କରୁଥିବାବେଳେ ପୋଲିସ ସେମାନଙ୍କୁ ଉଠାଇ ନେଇଥିଲା। ଶେଷରେ ଉତକ୍ଷିପ୍ତ ଛାତ୍ର କଂଗ୍ରେସ କର୍ମୀ ମନ୍ତ୍ରୀଙ୍କ ବାସଭବନକୁ ଅଣ୍ଡା ମାଡ଼ କରିଥିବାବେଳେ ମନ୍ତ୍ରୀଙ୍କ ଆଗରେ ପୋଲିସ ଛାଉଣୀ କରାଯାଇଛି। ସୂଚନାଯୋଗ୍ୟ, ଛାତ୍ର କଂଗ୍ରେସ ବରିଷ୍ଠ କର୍ମକର୍ତ୍ତାଙ୍କ ନେତୃତ୍ୱରେ ଶତାଧିକ ଛାତ୍ରଛାତ୍ରୀ ଗୁରୁବାର ସକାଳେ ମନ୍ତ୍ରୀଙ୍କ ବାସଭବନ ଅଭିମୁଖେ ରାଲି କରି ଆସିଥିଲେ। ସେମାନେ ପାଠ୍ୟପୁସ୍ତକରେ ଥିବା ବ୍ୟାକରଣଗତ ତ୍ରୁଟି, ଭୂଲ ତଥ୍ୟ, ଅସ୍ୱଷ୍ଟ ଛବି ଏବଂ ଅନ୍ୟାନ୍ୟ ମୁଦ୍ରଣ ପ୍ରମାଦକୁ ନେଇ କେନ୍ଦ୍ର କରି ସ୍ଲୋଗାନ୍ ଦେଇଥିଲେ। ଏହି ତ୍ରୁଟିପୂର୍ଣ୍ଣ ପୁସ୍ତକଗୁଡ଼ିକ ଛାତ୍ରଛାତ୍ରୀଙ୍କ ଶିକ୍ଷାକୁ ପ୍ରଭାବିତ କରୁଛି ଏବଂ ଏହା ସରକାରଙ୍କ ଅବହେଳାର ପ୍ରମାଣ ବୋଲି ଛାତ୍ର କଂଗ୍ରେସ ନେତାମାନେ କହିଛନ୍ତି। କଂଗ୍ରେସ ନେତା ୟାସିର ନବାଜ କହିଛନ୍ତି, ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକରେ ଏତେ ତ୍ରୁଟି ରହିଛି ଯେ ପିଲାମାନେ ଭୁଲ ଜ୍ଞାନ ଶିଖୁଛନ୍ତି। ସରକାର ଏହାକୁ ଗୁରୁତ୍ୱ ଦେଉନାହାନ୍ତି। ଆମେ ମନ୍ତ୍ରୀଙ୍କଠାରୁ ତୁରନ୍ତ ଉତ୍ତର ଚାହୁଁଛୁ। ଖରାପ ପୁସ୍ତକ ଫେରସ୍ତ ନେଇ ନୂଆ ସଠିକ୍ ପୁସ୍ତକ ବଣ୍ଟନ କରାଯାଉ ବୋଲି ଛାତ୍ର କଂଗ୍ରେସ ଦାବି କରିଥିବା ନବାଜ କହିଛନ୍ତି। ସେପଟେ ଛାତ୍ର କଂଗ୍ରେସ କର୍ମୀମାନେ ବାସଭବନ ଆଗରେ ପହଞ୍ଚିବା ପୂର୍ବରୁ ପୋଲିସ ବାରିକେଡ୍ କରି ରଖିଥିଲା। ଉଭୟ ପକ୍ଷ ମଧ୍ୟରେ ମୁହାଁମୁହିଁ ପରେ ପୋଲିସ ଛାତ୍ର କଂଗ୍ରେସ କର୍ମୀଙ୍କୁ ଅଟକାଇଥିଲା। କେତେକ କର୍ମୀଙ୍କୁ ପୋଲିସ ହଠାଇ ଦେବା ସମୟରେ ଧକ୍କାଧକ୍କି ହୋଇଥିଲା। ଏହାକୁ ନେଇ ଛାତ୍ର କଂଗ୍ରେସ ପୋଲିସର ଆଚରଣକୁ ନିନ୍ଦା କରିଛି। ରାଜ୍ୟର ନୂତନ ପାଠ୍ୟପୁସ୍ତକରେ ପ୍ରାୟ ଏକ ହଜାର ଛଅଶ ସତୁରି ଆଠ (୧୬୭୮) ତ୍ରୁଟି ଚିହ୍ନଟ ହୋଇଥିବା ଛାତ୍ର କଂଗ୍ରେସ କହିଛି। ନୂତନ ପାଠ୍ୟପୁସ୍ତକ (ଶ୍ରେଣୀ ୧ରୁ ୮) ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁସାରେ ପ୍ରସ୍ତୁତ ହୋଇଥିଲା। ଅଭିଯୋଗ ଅନୁସାରେ ଏହି ପୁସ୍ତକରେ ତଥ୍ୟଗତ ଭୁଲ୍, ବନାନ୍ ତ୍ରୁଟି, ଫଟୋ ମିଶ୍ରଣ, ମୁଦ୍ରଣ ତ୍ରୁଟି ଆଦି ଅନେକ ସମସ୍ୟା ରହିଛି। ଏହା ଓଡ଼ିଆ ଭାଷା ଓ ସଂସ୍କୃତିର ପ୍ରତି ଅସମ୍ମାନ ବୋଲି ବିରୋଧୀ ଦର୍ଶାଇଥିବାବେଳେ ସବୁ ପୁସ୍ତକ ପୁନଃ ମୁଦ୍ରଣ କରାଯାଉ ଏବଂ ଦୋଷୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ଜୋର ଧରିଛି। ଏହି ପ୍ରତିବାଦକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି। ବିରୋଧୀ ଦଳଗୁଡ଼ିକ ମଧ୍ୟ ସରକାରଙ୍କ ଶିକ୍ଷା ବ୍ୟବସ୍ଥାକୁ ପ୍ରଶ୍ନ କରିବା ଆରମ୍ଭ କରିଛନ୍ତି। ସରକାର ତୁରନ୍ତ ପଦକ୍ଷେପ ନନେଲେ ଆହୁରି ତୀବ୍ର ଆନ୍ଦୋଳନ କରାଯିବ ବୋଲି ଛାତ୍ର କଂଗ୍ରେସ ଆହ୍ୱାନ ଦେଇଛି ।

### ପୁଣି ଖାକିରେ କଳା ଦାଗ

## ଥାନା ଅଧିକାରୀଙ୍କ ନାମରେ ସଙ୍ଗୀନ ଅଭିଯୋଗ



ନୟାଗଡ଼(ନିପ୍ର): କିଛିଦିନ ପୂର୍ବେ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ଏସଡିପି ଓ ଜନୈକ ମହିଳାଙ୍କୁ କେସ ରଫାଦଫା ପାଇଁ ପ୍ରେମ ନିବେଦନ କରି କେସରେ ଫସି ସସପେଣ୍ଡ ହୋଇଥିବାବେଳେ ପୁଣି ଏବେ ଶରଣକୁଳ ଥାନା ଅଧିକାରୀ ଯୌନ ନିର୍ଯାତନା ଏପରିକି ଜଣେ ମହିଳା ତାଙ୍କ ପ୍ରତି ଦୁଷ୍କର୍ମ ଅଭିଯୋଗ ଏସପିଙ୍କ ନିକଟରେ କରିଛନ୍ତି । ଶରଣକୂଳ ଥାନା ଅଧିକାରୀ ସୁଜିତ କୁମାର ଦାସଙ୍କୁ ଜିଲ୍ଲା ହେଡ଼ କ୍ୱାର୍ଟରକୁ ବଦଳି କରିବା ସହ ଘଟଣାର ଶିଶୁ ଓ ମହିଳା ଅପରାଧ ନିୟନ୍ତ୍ରଣ ଶାଖା ଦ୍ୱାରା ନିରପେକ୍ଷ ତଦନ୍ତ କରାଯାଉଛି ବୋଲି ନୟାଗଡ଼ ଏସପି କହିଛନ୍ତି । ଶରଣକୂଳ ଥାନା ଅଞ୍ଚଳର ଜଣେ ମହିଳାଙ୍କ ପରିବାର ଓ ଗାଁ ମଧ୍ୟରେ ବିବାଦ ଦେଖାଦେଇଥିଲା । ଏନେଇ ମହିଳା ଓ ତାଙ୍କ ପରିବାର ନାମରେ ଶରଣକୁଳ ଥାନାରେ କେସ ହୋଇଥିଲା । ଥାନା ଅଧିକାରୀ ସୁଜିତ ମହିଳାଙ୍କୁ କେଶରେ ସହଯୋଗ କରିବାକୁ କହି ଫୋନ ନମ୍ବର ନେଇଥିଲେ। ପରେ ଥାନା ଅଧିକାରୀ ଫୋନରେ ଭିଡିଓ କଲ, ଅଶ୍ଳୀଳ ମେସେଜ ଓ ଅଶ୍ଳୀଳ କଥା କହିଥିବା ମହିଳା ଅଭିଯୋଗ କରିଛନ୍ତି । ଏପରିକି ଥାନା ଅଧିକାରୀ ତାଙ୍କ ଭଡା ଘରକୁ ନେଇ ଜୋରଜବରଦସ୍ତ ମହିଳାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ କରିଛନ୍ତି ମହିଳା । ମହିଳା ଜଣକ ନୟାଗଡ ଏସପିଙ୍କ ଦ୍ୱାରସ୍ତ ହେବାସହ ଅତିରିକ୍ତ ଏସପିଙ୍କୁ ଅଭିଯୋଗ କରିଥିଲେ ।

## ଚୋରା ମଦ ଜବତ: ୯ କୋର୍ଟ ଚାଲାଣ



କେନ୍ଦ୍ରାପଡ଼ା(ନିପ୍ର): କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆୟରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ସଦର, ଡେରାବିଶ ଓ ରାଜନଗର ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇଛି। ଏହି ଚଢ଼ାଉରେ ଠାକୁରପାଟଣା ଗ୍ରାମର ଜାକିର ଖାନ (୩୯)ଙ୍କଠାରୁ ୩୫ ଲିଟର ଦେଶୀ ମଦ, ଚାତରପାଟଣା ଗ୍ରାମର ରଘୁନାଥ ନାୟକ (୫୧)ଙ୍କ ଠାରୁ ୨୮ ଲିଟର ଦେଶୀ ମଦ, ବାଘିଲୋ ଗ୍ରାମର ଅକ୍ଷୟ କୁମାର ମଳିକ (୬୮)ଙ୍କ ଠାରୁ ୨୩ ଲିଟର ବିଦେଶୀ ମଦ, ପଞ୍ଚୁପାଣ୍ଡବ ଗ୍ରାମର ସନ୍ତୋଷ ସେଠୀ (୩୨)ଙ୍କ ଠାରୁ ୩୧ ଲିଟର ବିଦେଶୀ ମଦ, ରାଜନଗର ଗ୍ରାମର ସର୍ବେଶ୍ୱର ମଳିକ (୪୨)ଙ୍କ ଠାରୁ ୨୪ ଲିଟର ବିଦେଶୀ ମଦ ସମେତ ଗୋଟିଏ ମୋଟର ସାଇକେଲ ଏବଂ ବଳରାମ ସେଠୀ (୨୭)ଙ୍କ ଠାରୁ ୨୫ ଲିଟର ବିଦେଶୀ ମଦ, ଗୋବିନ୍ଦପୁର ଗ୍ରାମର ଅନିରୁଦ୍ଧ ମଳିକ (୪୨)ଙ୍କ ଠାରୁ ୧୫ ଲିଟର ବିଦେଶୀ ମଦ, ଓଲଢି ଗ୍ରାମର ଲକ୍ଷ୍ମୀପ୍ରିୟା ବେହେରା (୩୨)ଙ୍କ ଠାରୁ ୧୦ ଲିଟର ଦେଶୀ ରନ୍ଧା ମଦ ଓ ସନ୍ତସହି ଗ୍ରାମର ସନ୍ଦୀପ ସୁବ୍ରମନ୍ୟ (୨୪)ଙ୍କ ଠାରୁ ୧୫ ଲିଟର ଦେଶୀ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇଛି । ଏମାନଙ୍କ ପାଖରୁ ସମୁଦାୟ ୨୦୬ ଲିଟର ବିଦେଶୀ, ଦେଶୀ ଓ ଦେଶୀ ରନ୍ଧା ମଦ ଜବତ କରାଯାଇ ୦୭ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ଅବକାରୀ ଉପନିରୀକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ମିସ ରତ୍ନପ୍ରଭା ସ୍ୱାଇଁ ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ ।

## ୨ ପେଟି ଦେଶୀ ମଦ ଜବତ: ଜଣେ ଗିରଫ

କଟକ(ନିପ୍ର): ବେଆଇନ ଦେଶୀ ମଦ ବିକୁଥିବା ଅଭିଯୋଗରେ ମଙ୍ଗଳାବାଗ ଥାନା ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରିବା ସହ ତା' ନିକଟରୁ ୨ ପେଟି ଆସ୍କା ୪୦ ଜବତ କରିଛି । ଗିରଫ ଅଭିଯୁକ୍ତ ସ୍ଥାନୀୟ ମାଛୁଆ ବଜାରର କାଳନ୍ଦୀ ସାହୁ ଓରଫ କାଳିଆ (୫୫)। ମିଳିଥିବା ସୂଚନା ଅନୁଯାୟୀ ମଙ୍ଗଳାବାଗ ପୋଲିସ ପେଟ୍ରୋଲିଙ୍ଗ କରିବା ସମୟରେ ହାଡ଼ିଆ ପଠାରେ କାଳିଆ ଦେଶୀ ମଦ ବ୍ୟବସାୟ କରୁଥିବା ଖବର ପାଇଥିଲେ । ଏହାପରେ ସେଠାରେ ଚଢ଼ାଉ କରିବା ସମୟରେ କାଳିଆ ନିକଟରୁ ୨ ପେଟି ଦେଶୀ ମଦ ଠାବ କରିଥିଲେ । କାଳିଆକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ବେଳେ ପୂର୍ବରୁ ତା' ନାମରେ ମଙ୍ଗଳାବାଗ ଥାନାରେ ୯ଟି ମାମଲା ଥିବା ଜଣାପଡିଛି।

## ଦୋକାନୀକୁ ଆକ୍ରମଣ ଓ ଟଙ୍କା ଲୁଟ୍ ଅଭିଯୋଗ

ପିପିଲି(ନିପ୍ର): ପିପିଲି ଏସଡିପିଓ କାର୍ଯ୍ୟାଳୟ ଅଧିନ ବଳଙ୍ଗା ଥାନା ଅନ୍ତର୍ଗତ ଦଳଭାଣପୁର ଗ୍ରାମରେ ଜଣେ ଦୋକାନୀକୁ ଆକ୍ରମଣ କରି ଟଙ୍କା ଲୁଟ କରଯାଇଥିବା ନେଇ ବଳଙ୍ଗା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ପକ୍ଷରୁ ଥାନାରେ କେସ୍ ନଂ. ୧୮୬/୨୬ରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ସୂଚନା ମୁତାବକ ଗ୍ରାମର ଧୋବେଇ ମହାନ୍ତି ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଧୋବେଇଙ୍କର ଗ୍ରାମରେ ଏକ ଗ୍ରୋସୋରି ଦୋକାନ ରହିଥିଲା ବେଳେ ବୁଧବାର ସଂଧ୍ୟାରେ ଧୋବେଇ ଗ୍ରାମର ଆବୁଆ ଭୋଇଙ୍କୁ ସଉଦା ଦେଉଥିଲେ। ଏହି ସମୟରେ ଗ୍ରାମର ଗୁଡୁ ଭୋଇ ନାମକ ଜଣେ ଯୁବକ ଦେକାନକୁ ଆସି ଧୋବେଇଙ୍କୁ ଅଶ୍ଳିଳ ଭାଷାରେ ଗାଳି ଗୁଲଜ କରିବାରୁ ଉପସ୍ଥିତ ଥିବା ଆବୁଆ ବୁଝାସୁଝା କରି ସେଠାରୁ ତାକୁ ବାହାରକୁ ନେଇ ଛାଡିଥିଲା। ତେବେ କିଛି ସମୟ ପରେ ଗୁଡୁ ଓ ସେହି ଗ୍ରାମର ବାଇଆ ଭୋଇଙ୍କୁ ଧରି ପୁନର୍ବାର ଦୋକାନରେ ପଶି ଧୋବେଇଙ୍କୁ ଆକ୍ରମଣ କରି ଦୋକାନ ଡ୍ରରୁ ୧୫ହଜାର ଟଙ୍କା ନେଇ ଦୋକାନରେ ଥିବା ସମସ୍ତ ସାମଗ୍ରୀକୁ ଫୋପାଡା ଫିଙ୍ଗା କରିଥିଲେ। ପାଟି ଶୁଣି ଧୋବେଇଙ୍କ ପତ୍ନୀ ଓ ଝିଅ ଘଟଣା ସ୍ଥଳକୁ ଆସିବାରେ ଆସାମୀମାନେ ତାଙ୍କୁ ଜୀବନରୁ ମାରିଦେବା ପାଇଁ ଧମକ ଦେଇଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି।

## ଜୁଆ ଆଡ୍ଡାରେ ପୁଲିସର ଚଢ଼ାଉ: ୪ ଗିରଫ




ବାଣପୁର: ରଜ ପର୍ବ ଅବସରରେ ଚିଲିକା ବ୍ଲକ ଅନ୍ତର୍ଗତ ଗଳି କନ୍ଦିରେ ଜୁଆ ଖେଳ ଚାଲିଛି। ଏହିପରିପ୍ରେକ୍ଷୀରେ ଗବପଦର ଶିବ ମନ୍ଦିର ପରିସରରେ ଜୁଆ ଖେଳ ଚାଲିଥିବା ବେଳେ ପୋଲିସ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରିଛି। ଖୋର୍ଦ୍ଧା ଏସ୍.ପି ପରମାର ସ୍ମିତ ପୁରୁଷୋତ୍ତମଦାସଙ୍କ ନିର୍ଦ୍ଦେଶ ଓ ବାଲୁଗାଁ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ସଞ୍ଜୟ କୁମାର ପଟ୍ଟନାୟକ ଓ ଥାନାଧିକାରୀଣୀ ଶ୍ରଦ୍ଧା ନାୟକଙ୍କ ନେତୃତ୍ୱରେ ବୁଧବାର ସକାଳେ ଗବପଦର ଶିବ ମନ୍ଦିର ପରିସରରେ ଜୁଆ ଖେଳ ଚାଲିଥିବା ଖବର ମିଳିବାରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଚଢ଼ାଉ କରିଥିଲେ। ପୋଲିସକୁ ଦେଖି ୬ ଜଣଙ୍କ ମଧ୍ୟରୁ ୨ ଜଣ ଖସି ପଳାଇଥିବା ବେଳେ ୪ ଜଣଙ୍କୁ ପୋଲିସ କାବୁ କରିଥିଲା।ଗିରଫ ଅଭିଯୁକ୍ତମାନେ ହେଲେ ସନ୍ତୋଷ ରାୟଗୁରୁ (୪୭), ଶ୍ରୀପତି ମହାପାତ୍ର (୩୯), ଅକ୍ଷୟ ମହାପାତ୍ର (୪୫) ଓ ସନ୍ତୋଷ ପଣ୍ଡା (୨୭)। ଘଟଣାସ୍ଥଳରୁ ପୋଲିସ ୧୦୪ ଟି ତାସ ସହିତ ନଗଦ ୯୦୬୨ ଟଙ୍କା ଜବତ କରିଛି। ସେହିପରି ଇଞ୍ଜନପୁର କୋଠ ଘରେ ଜୁଆ ଖେଳ ଚାଲିଥିବା ବେଳେ ଚଢ଼ାଉ କରି ୬ ଜଣଙ୍କୁ ଗିରଫ କରିଛି ପୋଲିସ।ଖବର ମୁତାବକ ବାଲୁଗାଁ ପୋଲିସ ଆଜି ଇଞ୍ଜନପୁର କୋଠ ଘରେ ଚାଲିଥିବା ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ୬ ଜଣଙ୍କୁ ଗିରଫ କରିବାସହ ୧୦୪ ଟି ତାସ ଓ ନଗଦ ୧୦୨୭୪ ଟଙ୍କା ଜବତ ହୋଇଛି। ଉକ୍ତ ଜୁଆ ଆଡ୍ଡାରେ ୮ ଜଣ ଜୁଆଡ଼ିଙ୍କ ମଧ୍ୟରୁ ୨ ଜଣ ଖସି ପଳାଇଥିବା ବେଳେ ପୋଲିସ ୬ ଜଣଙ୍କୁ ଧରିବାରେ ସଫଳ ହୋଇଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ସର୍ବେଶ୍ୱର ଜାଲି (୪୫), ନୀଳମଣି ବେହେରା (୩୮), ଟୁନା ବେହେରା (୩୧), ପବିତ୍ର ଦାସ (୪୭), ରଞ୍ଜନ ବିଷୋଇ (୨୪), ସୀମାଞ୍ଚଳ ସାହୁ (୩୪)।

## ଲିଫ୍ଟ ଦେଇ ଯୁବତୀଙ୍କୁ ଦୁଷ୍କର୍ମ ଉଦ୍ୟମ




ବାଲେଶ୍ୱର: ୧୬ ନମ୍ବର ଜାତୀୟ ରାଜପଥରେ ଯୁବତୀଙ୍କୁ ଦୁଷ୍କର୍ମ ଉଦ୍ୟମ ହୋଇଛି। ସଦର ଥାନା ଅଧୀନ ହଳଦିପଦା ଫାଣ୍ଡି ଅନ୍ତର୍ଗତ ନଗ୍ରମ ଅଞ୍ଚଳରେ ଏପରି ଅଭାବନୀୟ ଘଟଣା ଘଟିଛି। ସୂଚନା ଅନୁସାରେ ଯୁବତୀ ଜଣକ ନଗ୍ରମରୁ ବାଲେଶ୍ୱର ଆସିବାକୁ ଅଭିଯୁକ୍ତଙ୍କୁ ସାହାଯ୍ୟ ମାଗିଥିଲେ। ଅଭିଯୁକ୍ତ ତାଙ୍କୁ ଲିଫ୍ଟ ଦେଇ କିଛି ବାଟ ଆଣିବା ପରେ ଏକ ପୋଲ ତଳକୁ ନେଇ ତାଙ୍କୁ ଟଣା ଘୋସରା କରିବା ସହିତ ଦୁଷ୍କର୍ମ ଉଦ୍ୟମ କରିଥିଲେ। ଏଥିପାଇଁ ଯୁବତୀ ଚିତ୍କାର କରି ସହାୟତା ମାଗିଥିଲେ। ଏହାପରେ ସ୍ଥାନୀୟ ବାସିନ୍ଦା ଓ ରାସ୍ତାରେ ଯାଉଥିବା ଲୋକ ସେଠାରେ ଜମା ହୋଇ ଯୁବତୀଙ୍କୁ ଉଦ୍ଧାର କରିଥିଲେ। ପରେ ଅଭିଯୁକ୍ତଙ୍କୁ ଲୋକମାନେ ପିଟିଥିଲେ। ଅଭିଯୁକ୍ତ ଜଣକ ହେଉଛି ଚନ୍ଦନ ମଲ୍ଲିକ। ଘଟଣାସ୍ଥଳରେ ଉତ୍ତେଜନା ସୃଷ୍ଟି ହେବାରୁ ହଳଦିପଦା ଫାଣ୍ଡି ଓ ସଦର ଥାନା ପୁଲିସ ପହଞ୍ଚି ଅଭିଯୁକ୍ତଙ୍କୁ ଉଦ୍ଧାର କରିବା ସହିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣି ଚିକିତ୍ସା କରାଇଛି। ଏନେଇ ପୀଡ଼ିତା ଥାନାରେ କୌଣସି ଅଭିଯୋଗ କରିନଥିବା ସଦର ଥାନା ଅଧିକାରୀ ଅଜୟ କୁମାର ମୁର୍ମୁ ଜଣାଇଛନ୍ତି।

## ଜୀବନରୁ ମାରିଦେବାକୁ ଧମକ: ଯୁବକ ଗିରଫ

କାକଟପୁର, ୧୮/୬(ନିପ୍ର): ଘରେ ପଶି ଜଣେ ମହିଳାଙ୍କୁ ଆକ୍ରମଣ କରିବା ସହ ଘରର ଆସବାବପତ୍ର ଭଙ୍ଗାରୁଜା କରିବା ଏବଂ ଜୀବନରୁ ମାରିଦେବାକୁ ଧମକ ଦେବା ଅଭିଯୋଗରେ କାକଟପୁର ପୁଲିସ୍ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ କାକଟପୁର ଥାନା ଅନ୍ତର୍ଗତ ଭୂୟାଁ ସାହିର ବିଷ୍ଣୁ ଚରଣ ଭୂୟାଁଙ୍କ ପୁଅ ସତ୍ୟବ୍ରତ ଭୂୟାଁ (୨୪)। ପୁଲିସ୍ ସୂଚନା ଅନୁଯାୟୀ, ଗତ ୧୬ ତାରିଖ ଅପରାହ୍ନ ପ୍ରାୟ ୪ଟା ସମୟରେ କାକଟପୁର ଭୂୟାଁ ସାହିର ପ୍ରଶାନ୍ତ ଭୂୟାଁଙ୍କ ପତ୍ନୀ ଲକ୍ଷ୍ମୀପ୍ରିୟା ଭୂୟାଁ (୨୫) ଘରେ ଏକା ଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ସତ୍ୟବ୍ରତ ଜୋରଜବରଦସ୍ତ ତାଙ୍କ ଘରେ ପଶି ଭଙ୍ଗାରୁଜା କରିବା ସହ ଘରୋଇ ସାମଗ୍ରୀ ନଷ୍ଟ କରିଥିଲେ। ମହିଳା ଜଣକ ଏହାର ପ୍ରତିବାଦ କରିବାରୁ ସତ୍ୟବ୍ରତ ତାଙ୍କୁ ଗାଳିଗୁଲଜ କରିବା ସହ ବିଧା ଓ ଗୋଇଠା ମାରି ପ୍ରବଳ ମାଡ଼ ମାରିଥିଲେ। ଏପରିକି ଏ ସମ୍ପର୍କରେ କାହାକୁ କହିଲେ ଜୀବନରୁ ମାରିଦେବାକୁ ମଧ୍ୟ ଧମକ ଦେଇଥିଲେ। ଏ ନେଇ ପୀଡ଼ିତା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ୍ କେସ୍ ନମ୍ବର ୨୧୮/ ୨୦୨୬, ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ସଙ୍ଗୀନ ଦଫାରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା।

## ଟ୍ରକତଳେ ଚାପି ହୋଇ ବୃଦ୍ଧ ମୃତ

ଜଟଣୀ, ୧୮/୬(ନିପ୍ର): ଜଟଣୀ ସହର ମଧ୍ୟରେ ଥିବା ଫ୍ଲାଇ ଓଭରବ୍ରିଜ ଉଦଘାଟନ ପରଠାରୁ ତା ଉପରେ ବହୁ ଦୁର୍ଘଟଣା ଓ ମୁଣ୍ଡ ଗଡି ଏକ ପ୍ରକାର ମରଣଯନ୍ତା ସାଜିଥିବା ବେଳେ ଗୁରୁବାର ବିଳମ୍ବିତ ସନ୍ଧ୍ୟାରେ ଏକ ଟ୍ରକ ଚାପାରେ ପୂର୍ଣ୍ଣଚନ୍ଦ୍ର ରାଉତରାୟ (୭୫ ବର୍ଷ) ନାମକ ଜଣେ ବୃଦ୍ଧଙ୍କର ଜୀବନ ଦୀପ ଲିଭିଯାଇଥିବା ଦେଖିବାକୁ ମିଳିଛି । ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ସନ୍ଧ୍ୟା ସମୟରେ ଓଭର ବ୍ରିଜ୍ ଉପରେ ଓଡି ୦୨ ଏଏଫ ୩୦୮୪ ନମ୍ବର ବିଶିଷ୍ଟ ଏକ ଟ୍ରକ କୁଦିଆରି ପଟୁ ଜଟଣୀ ସହର ଅଭିମୁଖେ ଯାଉଥିବା ସମୟରେ ସେହି ଦିଗରେ ଏକ ସ୍କୁଟି ଗାଡ଼ିରେ ଯାଉଥିବା ବୃଦ୍ଧ ଜଣଙ୍କ ଟ୍ରକର ପଛ ଚକା ତଳେ ପଡିଯାଇଥିଲେ। ହିଁ ତାଙ୍କର ପ୍ରାଣ ବାୟୁ ଚାଲିଯାଇଥିଲା ।

## ନିଖୋଜ ନାବାଳିକା ଉଦ୍ଧାର

କାକଟପୁର, ୧୮/୬(ନିପ୍ର): କାକଟପୁର ଥାନା ପୋଲିସକୁ ମିଳିଛି ଏକ ବଡ଼ ସଫଳତା। ପୋଲିସର ତତ୍ପରତା ଯୋଗୁଁ ମାତ୍ର ଗୋଟିଏ ଦିନରେ ଦୁଇଜଣ ନିଖୋଜ ନାବାଳିକାଙ୍କୁ ସସମ୍ମାନେ ଉଦ୍ଧାର କରାଯାଇ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ପ୍ରଥମ ଘଟଣାଟି ବାଙ୍ଗୁରୀଗାଁ ଅଞ୍ଚଳର ଅଟେ। ଗତ ୧୧.୦୬.୨୦୨୬ ରିଖରେ ଏକ ନାବାଳିକା ନିଖୋଜ ନେଇ କାକଟପୁର ଥାନା କେସ୍ ନଂ-୨୧୨, ଧାରା-୧୩୭(୨) ବିଏନଏସ ଧାରା ୨୩ ଅନୁଯାୟୀ ଏକ ମାମଲା ରୁଜୁ ହୋଇଥିଲା। ଭୁବନେଶ୍ୱରରୁ ଉକ୍ତ ନାବାଳିକାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ।





ଭୁବନେଶ୍ୱର: ଗ୍ରୀଷ୍ମଛୁଟି ପରେ ସ୍କୁଲ ଖୋଲିଲା, ପ୍ରଥମ ଦିନରେ ପିଲାଙ୍କ ମଧ୍ୟରେ ସ୍କୁଲ ଯିବାର ଉତ୍ସାହ (ଫଟୋ-ଦିନଲିପି)

## ଓଡ଼ିଶାରେ ଶୃଙ୍ଖଳିତ ଏବଂ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ପାଇଁ ନିର୍ବାଚନ ଆୟୋଗଙ୍କ ପ୍ରଶଂସା

ଭୁବନେଶ୍ୱର, ୧୮/୬(ନିପ୍ର): ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶାରେ ଚାଲିଥିବା 'ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)-୨୦୨୬' କାର୍ଯ୍ୟକ୍ରମର ଅଗ୍ରଗତି ନେଇ ଦୁଇଟି ପୃଥକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରାଯାଇଛି। ଭାରତ ନିର୍ବାଚନ ଆୟୋଗଙ୍କ ପ୍ରମୁଖ ସଚିବ ଏସ୍. ବି. ଯୋଶୀ ଢେଙ୍କାନାଳ ଜିଲ୍ଲା ଓ ସଚିବ ସୁଜିତ କୁମାର ମିଶ୍ର ଅନୁଗୋଳ ଜିଲ୍ଲା ଗସ୍ତ କରି ପ୍ରସ୍ତୁତିର ସମୀକ୍ଷା କରିବା ସହ କ୍ଷେତ୍ରସ୍ତରୀୟ କାର୍ଯ୍ୟଧାରା ପ୍ରତି ସନ୍ତୋଷ ବ୍ୟକ୍ତ କରିଛନ୍ତି। ଢେଙ୍କାନାଳ ଜିଲ୍ଲାରେ ଚାଲିଥିବା କାର୍ଯ୍ୟକ୍ରମର ଅଗ୍ରଗତି ନେଇ ଭାରତୀୟ ନିର୍ବାଚନ କମିଶନଙ୍କ ପ୍ରମୁଖ ସଚିବ ଏସ୍. ବି. ଯୋଶୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାରାଷ୍ଟ୍ର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ଯୁଗ୍ମ ସିଇଓ ଏମ୍. ଆର ପାରକର ଏବଂ ଡେ଼ପୁଟି ସିଇଓ ପ୍ରଶାନ୍ତ ନାଗେ, ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ଡେପୁଟି ସିଇଓ ଡ. ଲକ୍ଷ୍ମୀପ୍ରସାଦ ସାହୁ, ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ସମସ୍ତ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ଏହି ବୈଠକରେ ସାମିଲ ଥିଲେ। ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠି, ସମସ୍ତ ନିର୍ବାଚକ ପଞ୍ଜିକରଣ ଅଧିକାରୀ ତଥା ଉପ ଜିଲ୍ଲାପାଳ ଏବଂ ଡେ଼ପୁଟୀ କଲେକ୍ଟର (ନିର୍ବାଚନ) ନିବେଦିତା ରାଉତଙ୍କ ସହିତ ଜିଲ୍ଲାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରିଥିଲେ । ନିର୍ବାଚନ କମିଶନଙ୍କ ପ୍ରତିନିଧି ଦଳ ବିଭିନ୍ନ ମତଦାନ କେନ୍ଦ୍ର ଏବଂ ଡିଜିଟାଇଜେସନ୍ ସେଣ୍ଟରଗୁଡ଼ିକୁ ପରିଦର୍ଶନ କରି କ୍ଷେତ୍ରସ୍ତରୀୟ କାର୍ଯ୍ୟ କାରିତାର ପ୍ରତ୍ୟକ୍ଷ ଅନୁଧ୍ୟାନ କରି ସନ୍ତୋଷ ପ୍ରକାଶ କରିଛନ୍ତି। ସେହିପରି, ଭାରତ ନିର୍ବାଚନ ଆୟୋଗର ସଚିବ ସୁଜିତ କୁମାର ମିଶ୍ର ଅନୁଗୋଳ ଜିଲ୍ଲା ଗସ୍ତ କରି ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମର ପ୍ରସ୍ତୁତି ଓ ଅଗ୍ରଗତିର ସମୀକ୍ଷା କରିଛନ୍ତି। ଅନୁଗୋଳ ଠାରେ ଆୟୋଜିତ ସମୀକ୍ଷା ବୈଠକରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଅବଦ୍ଧାଲ ଏମ୍. ଅଖତର ଜିଲ୍ଲାରେ ଚାଲିଥିବା ବିଭିନ୍ନ ନିର୍ବାଚନ ସମ୍ବନ୍ଧୀୟ କାର୍ଯ୍ୟର ଅଗ୍ରଗତି ଉପସ୍ଥାପନ କରିଥିଲେ। ଆୟୋଗର ସଚିବ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ କାର୍ଯ୍ୟକାରୀ କରିବା ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ ଓ ନିର୍ବାଚକ ପଞ୍ଜୀକରଣ ଅଧିକାରୀମାନଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ। ସେ ଏକ ସଠିକ୍, ସ୍ୱଚ୍ଛ, ତ୍ରୁଟିମୁକ୍ତ ଏବଂ ସର୍ବସମାବେଶୀ ଭୋଟର ତାଲିକା ପ୍ରସ୍ତୁତି ଦିଗରେ ଜିଲ୍ଲା ପ୍ରଶାସନର ନିଷ୍ଠାକୁ ମଧ୍ୟ ସ୍ୱାଗତ କରିଥିଲେ। ସମୀକ୍ଷା ବୈଠକ ପରେ ଶ୍ରୀ ମିଶ୍ର ଅନୁଗୋଳ ବିଧାନସଭା କ୍ଷେତ୍ରର ବୁଥ ସ୍ତରୀୟ ଅଧିକାରୀ ଓ ବିଏଲଓ ସୁପରଭାଇଜର ମାନଙ୍କ ସହ ସିଧାସଳଖ ଆଲୋଚନା କରି କ୍ଷେତ୍ରସ୍ତରର ଅନୁଭୂତି ଓ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ ଏବଂ ଜିଲ୍ଲାର କାର୍ଯ୍ୟଧାରା ପ୍ରତି ସନ୍ତୋଷ ବ୍ୟକ୍ତ କରିଥିଲେ ।



## ଉଦ୍‌ଘାଟନ ପରେ ଗେଟରେ ପଡ଼ିଲା ତାଲା



ଭଦ୍ରକ, ୧୮/୬(ନିପ୍ର): ଉଦଘାଟନ ପରେ ଗେଟରେ ପଡ଼ିଲା ତାଲା। ଭଦ୍ରକ ପୌର ପରିଷଦ ଦ୍ୱାରା ଅନୁମୋଦିତ ତିନୋଟି ଗୁରୁତ୍ୱପୂର୍ଣ୍ଣ ଜନହିତକର ପ୍ରକଳ୍ପ ଗୁରୁବାର ଲୋକାର୍ପିତ ହୋଇଛି । ମଠସାହିଠାରେ ୮୦ ଲକ୍ଷ ଟଙ୍କା ବ୍ୟୟରେ ସ୍ମାର୍ଟ ଶ୍ମଶାନ, ନୂତନ ବସ୍‌ଷ୍ଟାଣ୍ଡ ନିକଟରେ ୬୦ ଲକ୍ଷ ଟଙ୍କା ବ୍ୟୟରେ ଆଧୁନିକ ସୁଲଭ ଶୌଚାଳୟ ଏବଂ ୨୫ ଲକ୍ଷ ଟଙ୍କା ବ୍ୟୟରେ ଇଭି ଚାର୍ଜିଂ ଷ୍ଟେସନର ଉଦ୍‌ଘାଟନ ପୌର ପରିଷଦ ଦ୍ୱାରା କରାଯାଇଥିଲା। ତେବେ ଏହାକୁ ନେଇ ସ୍ଥାନୀୟ ବାସିନ୍ଦା ଓ ରାଜନୈତିକ ବ୍ୟକ୍ତି ବିଜେପି ସମର୍ଥକମାନେ ବିରୋଧ କରିଥିଲେ। ସୂଚନା ଅନୁଯାୟୀ ଭଦ୍ରକ ବିଧାୟକ ଓ ସାଂସଦ ଏହି ଉଦଘାଟନ କାର୍ଯ୍ୟ କରିଥାନ୍ତେ। ଏହା ପୂର୍ବରୁ ପୌରଧକ୍ଷା ଉଦଘାଟନ କାର୍ଯ୍ୟ ନିଜ ହାତକୁ ନେଇଥିଲେ। ନାମଫଳକରେ ମନ୍ତ୍ରୀ ସାଂସଦ ବିଧାୟକ ଜିଲ୍ଲାପାଳଙ୍କ ସମେତ ପୌରଧକ୍ଷାଙ୍କ ନାମ ଉପସ୍ଥାପନ କରାଯାଇଥିଲା। ଏହି ଅତିଥିମାନଙ୍କ ବିନା ଉପସ୍ଥିତିରେ ଅଚାନକ ପୌର ପରିଷଦ ଦ୍ୱାରା ଉଦ୍‌ଘାଟନକୁ ନେଇ ତୀବ୍ର ବିରୋଧ ଦେଖିବାକୁ ମିଳିଛି। ଏହି ଉଦ୍‌ଘାଟନକୁ ନିନ୍ଦା କରି ଜିଲ୍ଲାପାଳଙ୍କ ନିକଟରେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି ବିଜେପି ବରିଷ୍ଠ ନେତାମାନେ।

## ସିଟି ସ୍କୁଲ ଭିତ୍ତିଭୂମି ଉନ୍ନତି ପାଇଁ ୨ କୋଟି ମଞ୍ଜୁର

ନିମାପଡ଼ା, ୧୮।୬(ନିପ୍ର): କେନ୍ଦ୍ର ସରକାରଙ୍କ ଉଦ୍ୟମ ଓ ନିଷ୍ପତ୍ତି କ୍ରମେ ପ୍ରାଥମିକ ଶିକ୍ଷାନୁଷ୍ଠାନର ଉନ୍ନତି ପାଇଁ ଚଳିତ ବର୍ଷ ସିଟି ସ୍କୁଲ ଭିତିଭୂମି ନିମନ୍ତେ ୨ କୋଟି ଟଙ୍କା ମଞ୍ଜୁର କରାଯାଇଛି ବୋଲି ନିମାପଡ଼ା ସିଟି ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତି ଦେବସ୍ମିତା ମହାପାତ୍ର ସୂଚନା ଦେଇଥିଲେ । ଗୁରୁବାର ବିଦ୍ୟାଳୟ ଖୋଲିବା ପରେ ବରିଷ୍ଠ ଶିକ୍ଷକ ବିପିନ ବିହାରୀ ସାହୁ ସମସ୍ତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଜଣାଇ ଅନୁଦାନ ମିଳି ଥିବାରୁ ଆନନ୍ଦ ପ୍ରକାଶ କରିବା ସହିତ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସରକାରଙ୍କ ଉଦ୍ୟମକୁ ସାଧୁବାଦ ଜଣାଇ ଥିଲେ । ସମସ୍ତ ଛାତ୍ରଛାତ୍ରୀ କରତାଳି ମାଧ୍ୟମରେ ସରକାରଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରିଥିଲେ । ଶ୍ରେଣୀଗୃହ, ପ୍ରାଚୀର, ବିଦ୍ୟୁତ, ପରିମଳ ବ୍ୟବସ୍ଥାରେ ଉନ୍ନତି ଅଣାଯିବ । ଏଥିନେଇ ବିଦ୍ୟାଳୟ ତରଫରୁ ଉପ-ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରା ଯାଇଥିଲା ।

**AFFIDAVIT**

By virtue of an affidavit (No: 69AA885590) sworn before the Executive Magistrate,Talcher,I Iteeshree Das, D/o-Late Bijay Kumar Das, resident at Ward No-2, Sardar Sahi, Brahman Sasan, Post- Talcher Town, Ps- Talcher, Dist-Angul, Odisha, 759107 due hereby solemnly affirm that my correct name is Iteeshree Das which is mentioned in my aadhar card no- 8832 9582 8207 but in my deceased father pension declaration form and pension nominee form vide P.P.O no 3/97 it was wrongly mentioned as Itishree Das. Henceforth today onwards I shall be known as Iteeshree Das for all officials and govt. purposes.

## ମହିଳା ଶିକ୍ଷାନୁଷ୍ଠାନ ପଟ୍ଟା ବାଣ୍ଟିଲେ ଉପ-ମୁଖ୍ୟମନ୍ତ୍ରୀ



ନିମାପଡ଼ା, ୧୮।୬(ନିପ୍ର): ଏହି ବ୍ଲକ୍ ଅଧୀନସ୍ଥ ୫୦ ବର୍ଷର ପୁରାତନ ମହିଳା ଶିକ୍ଷାନୁଷ୍ଠାନ ପ୍ରାଚୀ ବାଳିକା ବିଦ୍ୟାପୀଠର ଜମିପଟା ପ୍ରଦାନ କରି ସ୍ଥାନୀୟ ବିଧାୟିକା ତଥା ଉପ-ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ପ୍ରତି ଶିକ୍ଷାନୁଷ୍ଠାନର ଜମିପଟା ନିଜ ନାମରେ ରେକର୍ଡ଼ ଭୁକ୍ତ କରିବା ପାଇଁ ସରକାରଙ୍କ ଉଦ୍ୟମ ଏଠାରେ ସଫଳ ହୋଇଛି ବୋଲି ପ୍ରଧାନ ଶିକ୍ଷୟିତ୍ରୀ ସବିତା ମହାନ୍ତିଙ୍କ ସମେତ ଗ୍ରାମବାସୀମାନେ ପ୍ରକାଶ କରି ବିଦ୍ୟାଳୟର ଉନ୍ନତି ନିମନ୍ତେ ଉପ-ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମକୁ ସାଧୁବାଦ ଜଣାଇ ଥିଲେ । ବିଡ଼ିଓ ଡ.ଅଭିଜିତ ଷଡ଼ଙ୍ଗୀ, ତହସିଲଦାର ମନୋଜ ପ୍ରଧାନ, ଏନ୍‌ଏସି ଅଧିକାରୀ ଚିନ୍ମୟ ଦାସଙ୍କ ସମେତ ଶିଶୁ ବିକାଶ ଅଧିକାରୀ, ଜନ ପ୍ରତିନିଧି, ସରପଞ୍ଚ, ସମିତି ସଭ୍ୟ/ସଭ୍ୟା, ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟବୃନ୍ଦ ଯୋଗ ଦେଇ ଉପ-ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟ ଶୈଳୀକୁ ଉଚ୍ଚ ପ୍ରଶଂସା କରିଥିଲେ ।

## ଟାଟା ଷ୍ଟିଲ୍ କଳିଙ୍ଗନଗର ପକ୍ଷରୁ ୨୮୦ ୟୁନିଟ୍ ରକ୍ତ ସଂଗୃହୀତ



କଳିଙ୍ଗନଗର, ୧୮/୬(ନିପ୍ର): ଆଞ୍ଚଳିକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସହଯୋଗର ହାତ ବଢ଼ାଇବା ଲକ୍ଷ୍ୟରେ, ଟାଟା ଷ୍ଟିଲ୍ କଳିଙ୍ଗନଗର ପକ୍ଷରୁ ଗୁରୁବାର ପ୍ଲଟ୍-୨ ଅଡିଟୋରିୟମ୍‌ଠାରେ ଏକ ମେଗା ରକ୍ତଦାନ ଶିବିର ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି ଶିବିରରେ କାରଖାନାର ଶ୍ରମିକ ଓ କର୍ମଚାରୀଙ୍କ ଭିତରେ ଅଭୂତପୂର୍ବ ଉତ୍ସାହ ଦେଖିବାକୁ ମିଳିଥିଲା, ଯାହାଫଳରେ ସଫଳତାର ସହ ୨୮୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇପାରିଛି । ଟାଟା ଷ୍ଟିଲ୍ କଳିଙ୍ଗନଗରର କର୍ମଚାରୀ, ସେମାନଙ୍କ ପରିବାର ବର୍ଗ ଏବଂ ଚୁକ୍ତିଭିତ୍ତିକ ଶ୍ରମିକମାନେ ସ୍ୱେଚ୍ଛାକୃତ ଭାବେ ଏଥିରେ ଅଂଶଗ୍ରହଣ କରିଥିଲେ । ଏହା କମ୍ପାନୀର ସ୍ୱେଚ୍ଛାକୃତ ରକ୍ତଦାନ ଏବଂ ନାଗରିକ ଦାୟିତ୍ୱବୋଧ ପ୍ରତି ଥିବା ଉତ୍ସର୍ଗୀକୃତ ମନୋଭାବକୁ ପ୍ରଦର୍ଶିତ କରୁଛି । ଏହି ମେଗା ରକ୍ତଦାନ ଶିବିରରେ ପ୍ରବଳ ଘୋଷ, ଟାଟା ଷ୍ଟିଲ୍‌ର ଆସେଟ୍ ଆଣ୍ଡ ଏନର୍ଜି ମ୍ୟାନେଜମେଣ୍ଟ ବିଭାଗର ଭାଇସ ପ୍ରେସିଡେଣ୍ଟ, ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଟାଟା ଷ୍ଟିଲ୍ କଳିଙ୍ଗନଗରର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ । ଟିଏସ୍‌କେର 'ଅକ୍ୟୁପେସନାଲ୍ ହେଲ୍‌ଥ ସେଣ୍ଟର' ଏବଂ 'ୱେଲ୍‌ନେସ୍ କର୍ଣ୍ଣର' ପକ୍ଷରୁ ଆୟୋଜିତ ଏହି ଜନହିତକର କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାର, ସେଣ୍ଟ୍ରାଲ ରେଡକ୍ରସ ରକ୍ତଭଣ୍ଡାର, କଟକ, ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରକ୍ତଭଣ୍ଡାର, ଯାଜପୁର ରୋଡ ସକ୍ରିୟ ସହଯୋଗ କରିଥିଲେ ।

## ଛାତ୍ର କଂଗ୍ରେସ ପକ୍ଷରୁ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି

ଭୁବନେଶ୍ୱର, ୧୮/୬(ନିପ୍ର): ଆଜି ଛାତ୍ର କଂଗ୍ରେସ ପକ୍ଷରୁ ବରିଷ୍ଠ ଛାତ୍ର କଂଗ୍ରେସ ନେତା ବିଭୁତି ଭୂଷଣ ମହାପାତ୍ର ଓ ସ୍ପନ୍ଦନ ସ୍ୱାଇଁ ଙ୍କ ନେତୃତ୍ୱରେ ଗଣଶିକ୍ଷା ବିଭାଗ ଅଧିନରେ ଥିବା ସରକାରୀ ପାଠ୍ୟପୁସ୍ତକରେ ବ୍ୟାପକ ତ୍ରୁଟି ପ୍ରତିବାଦରେ ରାଜ୍ୟ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସରକାରୀ ବାସଭବନକୁ ଘେରାଉ କରାଯାଇଥିଲା । ଏହି ଅବସରରେ ଶ୍ରୀ ମହାପାତ୍ର କହିଛନ୍ତି ଯେ ଓଡ଼ିଶାର ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କ ପ୍ରତି ସରକାର ବିଶ୍ୱାସଘାତକତା କରିଛନ୍ତି । ଏହି ପାଠ୍ୟପୁସ୍ତକ ମାନଙ୍କରେ କିଭଳି ୧୬୦୦ରୁ ଊର୍ଦ୍ଧ୍ୱ ତ୍ରୁଟି ରହିଲା ଏବଂ ଏହି ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷ କିଭଳି ଏତେ ସାଂଘାତିକ ତ୍ରୁଟି କଲେ ତାହା ଦୁର୍ଭାଗ୍ୟଜନକ । ଓଡ଼ିଶା ସରକାରଙ୍କର ମୌଳିକ ଶିକ୍ଷାରେ ଥିବା ପାଠ ସଂପର୍କରେ ଜ୍ଞାନ ନଥିବା ଦର୍ଶାଇ ଏହି ବିକ୍ଷୋଭରେ ଛବିଳମଧୁ ବର୍ଣ୍ଣବୋଧ ବହି ପ୍ରଦର୍ଶନ କରାଯାଇଥିଲା । ଓଡ଼ିଶାର ଗଣଶିକ୍ଷା ବିଭାଗର ଖାମଖିଆଲି ମନୋଭାବ ଓଡ଼ିଶାର ଲକ୍ଷଲକ୍ଷ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ବ୍ୟଥିତ କରିଛି । ଏହି ତ୍ରୁଟି ପାଇଁ ମୁଖ୍ୟମନ୍ତ୍ରୀ ହାତଯୋଡ଼ି ଓଡ଼ିଶାବାସୀଙ୍କୁ ଭୁଲ ମାଗିବାକୁ ଶ୍ରୀ ମହାପାତ୍ର କହିଛନ୍ତି । ତୁରନ୍ତ ଗଣଶିକ୍ଷା ମନ୍ତ୍ରୀଙ୍କ ବହିଷ୍କାର କରାଯିବା ସହ ପୁସ୍ତକ ପ୍ରସ୍ତୁତି ଦାୟିତ୍ୱରେ ଥିବା ଅଧିକାରୀ ମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ପୁନଃ ମୁଦ୍ରଣ କରି ଛାତ୍ରଛାତ୍ରୀଙ୍କୁ ନିର୍ଭୁଲ ପୁସ୍ତକ ଯୋଗାଇ ଦିଆଯାଉ । ପୂର୍ବତନ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି ଯେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ଭୁଷୁଡ଼ି ପଡ଼ିଛି । ଓଡ଼ିଆ ଅସ୍ମିତାର ଆହ୍ୱାନ ଦେଉଥିବା ମୋହନ ସରକାର ଏହି ତ୍ରୁଟି ପାଇଁ ସାଧାରଣ ଜନତାଙ୍କ ନିକଟରେ ଜବାବ ରଖନ୍ତୁ । ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳିବା ଏକ ଅକ୍ଷମଣୀୟ ଅପରାଧ ।



## ରବି ଧାନ ସଂଗ୍ରହରେ ଦୁର୍ନୀତି !

ଧାମନଗର, ୧୮/୬(ନିପ୍ର): ଧାମନଗର ବ୍ଲକ ଅଞ୍ଚଳରେ ରବିଧାନ ସଂଗ୍ରହ ବ୍ୟବସ୍ଥାରେ ଚରମ ଅବ୍ୟବସ୍ଥା ଓ ମିଲର-ସେକ୍ରେଟେରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଜଣେ ଚାଷୀ ଅତିଷ୍ଠ ହୋଇ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେବାକୁ ଉଦ୍ୟମ କରିଛନ୍ତି। ଗୁରୁତର ଚାଷୀ ଜଣକ ହେଲେ ଧୂଷୁରୀ ଥାନା ଅନ୍ତର୍ଗତ ବମକୁରା ଖଡ଼ିମାହାରା ଘାଟସାହି ଅଞ୍ଚଳର ଚିତ୍ତରଞ୍ଜନ ମଲ୍ଲିକ । ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ବର୍ତ୍ତମାନ ଧୂଷୁରୀ ମେଡ଼ିକାଲରେ ଭର୍ତ୍ତି କରାଯାଇଛି ଏବଂ ସେଠାରେ ତାଙ୍କର ଚିକିତ୍ସା ଚାଲିଛି । ମିଳିଥିବା ସୂଚନା



ମୁତାବକ, ଅଞ୍ଚଳରେ ରବିଧାନ ଅମଳ ହୋଇ ସାରିଥିଲେ ମଧ୍ୟ ସରକାରୀ ସ୍ତରରେ ମଣ୍ଡି ଅଦ୍ୟାବଧି ଖୋଲାଯାଇ ନାହିଁ । ଯେଉଁ ଚାଷୀମାନେ ନିୟମିତ ଭାବେ ଅନଲାଇନ ପଞ୍ଜୀକରଣ କରିଛନ୍ତି, ସେମାନଙ୍କୁ ଧାନ ବିକ୍ରି ପାଇଁ କୌଣସି ସୁଯୋଗ ବା ଟୋକନ ମିଳୁନାହିଁ । ଅନ୍ୟପଟେ, ସୋସାଇଟି ସେକ୍ରେଟେରୀ ଓ କେତେକ ଅସାଧୁ ବ୍ୟାପାରୀ ମିଳିତ ଭାବେ ଚାଷୀଙ୍କୁ ଶୋଷଣ କରୁଥିବା ଅଭିଯୋଗ ହୋଇଛି । ପ୍ରକୃତ ଚାଷୀଙ୍କଠାରୁ କୁଇଣ୍ଟାଲ ପ୍ରତି ୨୪ ରୁ ୨୫ କିଲୋ ପର୍ଯ୍ୟନ୍ତ ଅତ୍ୟଧିକ କଟନୀ-ଛଟନୀ କାଟିବା ପାଇଁ ବାଧ୍ୟ କରାଯାଉଛି । ନିଜର କଷ୍ଟଅର୍ଜିତ ଧାନବିକ୍ରି କରିନପାରି ଏବଂ ଦଲାଲ ଓ ଅଧିକାରୀଙ୍କ ଦୌରାତ୍ମ୍ୟରେ ଅତିଷ୍ଠ ହୋଇ ଚାଷୀ ଚିତ୍ତରଞ୍ଜନ ମଲ୍ଲିକ ବମକୁରା ସୋସାଇଟି ଅଫିସ ସାମ୍ନାକୁ ଯାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ । ସେଠାରେ ଉପସ୍ଥିତ ଅନ୍ୟ ଚାଷୀମାନେ ତାଙ୍କୁ ତୁରନ୍ତ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଧୂଷୁରୀ ଡାକ୍ତରଖାନାକୁ ନେଇଥିଲେ । ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଯଦି ତୁରନ୍ତ ସରକାରୀ ମଣ୍ଡି ଖୋଲା ନଯାଏ ଏବଂ ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ ଦଲାଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ, ତେବେ ଆଗାମୀ ଦିନରେ ସମଗ୍ର ଧାମନଗର ଓ ଧୂଷୁରୀ ଅଞ୍ଚଳରେ ଚାଷୀମାନେ ରାସ୍ତାରୋକ କରିବା ସହ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।




Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ